GYANDEEP 2.0

FIRST LANGUAGE ODIA (FLO)

FOR CLASS- X (2026-27)

STUDENT MODULE

PREPARED BY
ODIA TEAM UNDER GYANDEEP

ବନ୍ଦେ ଉତ୍କଳ ଜନନୀ

ପଦ୍ୟ - କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

କବି ପରିଚୟ : କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ଜନ୍ମ : ଡ଼ିସେମ୍ବର ମାସ 09 ତାରିଖ ୧୮୮୮ ମସିହା

ଦେହାନ୍ତ : ୧୯୫୩ ମସିହା

ପୈତୃକ ଗ୍ରାମ : ତାଳପଦା, ଭଦ୍ରକ ଜ଼ିଲ୍ଲା

ପିତା : ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର

ମାତା : ରାଧାମଣୀ ଦେବୀ

ସ୍ମରଣୀୟ କୃତି : କଣାମାମୁ (ଉପନ୍ୟାସ / ଡଗର ପତ୍ରିକା (୧୯୩୭) ସମ୍ପାଦକ

ବୁଢା ଶଙ୍ଖାରି (ଗଳ୍ପ)

ସବୁଥିରୁ ବଞ୍ଚିତ କରି (କବିତା)

ପାରିବାରିକ ଗୁରୁ : ବାବାଜୀ ରାମଦାସ

କବିତାର ପୃଷ୍ଠଭୂମି

୧. ପ୍ରକୃତିର ଉତ୍କଳ ଜନନୀଙ୍କ ହସ ସୁନ୍ଦର ଏବଂ ଭାଷା ସୁନ୍ଦର ।

୨. ସମୁଦ୍ରର ପବିତ୍ର ଜଳଧାରା ଉତ୍କଳ ଜନନୀଙ୍କ ଶରୀରକୁ ଧୋଇଦିଏ ।

୩. ଉତ୍କଳ ଜନନୀଙ୍କ ଶରୀର ଘଞ୍ଚ ବନଭୂମିରେ ଶୋଭିତ ।

୪. ସୁନ୍ଦର ପକ୍ଷୀମାନଙ୍କର କଳରବରେ ମୁଖରିତ ।

୫. ଉତ୍କଳର ଶସ୍ୟକ୍ଷେତ ସୁନ୍ଦର ଧାନରେ ପରିପୂର୍ଣ୍ଣ ।

୬. ସୁନ୍ଦର ମନ୍ଦିର ମାନଙ୍କରେ ଉତ୍କଳ ଭୂମି ଶୋଭିତ ।

୭.ବହୁ ବୀରଯୋଦ୍ଧା ଏବଂ ଯୋଗୀଋଷିଙ୍କର ବାସଭୂମି ଉତ୍କଳ ।

୮. ମହାନ କବି ଓ ସୁପୁତ୍ରମାନଙ୍କ ଦ୍ୱାରା ଉତ୍କଳ ଜନନୀ ବନ୍ଦନୀୟା ।

୯.ଉତ୍କଳ ଜନନୀ ଧନ୍ୟା, ପୁଣ୍ୟବତୀ ଓ ଚିର ନମସ୍ୟା ।

୧୦. ୨୦୨୦ ମସିହା ରାଜ୍ୟ ସଙ୍ଗୀତର ମାନ୍ୟତା ।

ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ

୧. 'ବନ୍ଦେ ଉତ୍କଳ ଜନନୀ' କବିତାରେ କବି କାହାର ବାରମ୍ବାର ବନ୍ଦନା କରିଛନ୍ତି ?

A. ମହାଲକ୍ଷ୍ମୀଙ୍କର B. ସରସ୍ୱତୀଙ୍କର C. ଦୁର୍ଗାଙ୍କର D. ଉତ୍କଳ ଜନନୀଙ୍କର

ଉ ଉତ୍କଳ ଜନନୀଙ୍କର

୦୨. ଉତ୍କଳ ଜନନୀଙ୍କର ଶରୀର କାହାଦ୍ୱାରା ଧୌତ ହେଉଛି ?

A .ଶୁଭ୍ରତଟିନୀ B.. ପୁଣ୍ୟତୀର୍ଥ C. ସମୁଦ୍ର D. ଝରଣା

ଉ ସମୁଦ୍ର

୦୩.କବି ଉତ୍କଳ ଜନନୀଙ୍କୁ 'ଚାରୁ ଭାଷମୟୀ ' କହି କାହାର ମହତ୍ୱ ପ୍ରତିପାଦନ କରିଛନ୍ତି ?

A. ଉତ୍କଳୀୟ ଶିଳ୍ପ କଳାର B. ଉତ୍କଳୀୟ ପ୍ରକୃତିର C. ଉତ୍କଳର ପୂର୍ବ ଗୌରବର D. ଓଡ଼ିଆ ଭାଷାର

ଉ ଓଡ଼ିଆ ଭାଷାର

୦୪. ତରଙ୍ଗ ପରି କିଏ ସୋଭାଧାରଣ କରିଥିବା କବିତାରେ କୁହାଯାଇଛି ?

A. ନୀଳ ପର୍ବତ ମାଳା B.. ନୀଳ ସମୁଦ୍ର C. ଶୁଭ୍ର ତଟିନୀ D. ବନଭୂମି

ଉ ନୀଳ ପର୍ବତ ମାଳା

୦୫. ଉତ୍କଳର ବନଭୂମି କିପରି ବୋଲି ପଠିତ କବିତାରେ କୁହାଯାଇଛି ?

A. ତାଳ ତମାଳ ବୃକ୍ଷ ପୁର୍ଣ B.ଘଞ୍ଚ C. ବନ୍ୟାଜନ୍ତୁ ପୂର୍ଣ୍ଣ D.ଯୋଗୀ ଋଷିଙ୍କର ବାସ ସ୍ଥଳୀ

ଉ ଘଞ୍ଚ

୦୬. ଉତ୍କଳ ଜନନୀ କଣ ପାଇଁ ଚିର ନମସ୍ୟା ?

A. ସୁଷମା ପାଇଁ B. ତାର ହସ ପାଇଁ C.ତାଳ ତମାଳ ବୃକ୍ଷ ପାଇଁ D. ଶରଣ ଦାତ୍ରୀ ପାଇଁ

ଉ ଶରଣ ଦାତ୍ରୀ ପାଇଁ

୭. 'ବନ୍ଦେ ଉତ୍କଳ ଜନନୀ' କବିତାଟି କେଉଁ ପ୍ରକାର ଭାବନାର କବିତା ଅଟେ ?

A. ପ୍ରାକୃତିକ ସୌନ୍ଦର୍ଯ୍ୟ B. ନୈତିକତା ବୋଧ C. ଉଦାର ଧର୍ମବାଦ D.. ଦେଶାତ୍ମ ବୋଧ

ଉ ଦେଶାତ୍ମ ବୋଧ

୦୮. କେଉଁ ମାନଙ୍କ ଦ୍ୱାରା ଉତ୍କଳ ଜନନୀ ବନ୍ଦନୀୟା ?

A.ମହାନ କବି ଓ ସୁପୁତ୍ର B.ବୀର ଯୋଦ୍ଧା C. ଯୋଗୀ ରୁଷି D.. ପର୍ବତ

ଉ ମହାନ କବି ଓ ସୁପୁତ୍ର

୦୯. 'ତଗର' ପତ୍ରିକା କେବେ ପ୍ରକାଶିତ ହୋଇଥିଲା ?

A. ୧୯୩୭ B.୧୯୩୫ C.୧୯୩୬ D.୧୯୩୮

ଉ. ୧୯୩୭

୧୦. କେଉଁଥିରେ ଉତ୍କଳ ଜନନୀଙ୍କ ନେତ୍ର ଉଦ୍ଭାସିତ ?

A . ଶୁଭ୍ର ତଟିନୀ B. ଜ୍ଞାନ ବିଜ୍ଞାନ C. ଜଳକଣା D. ପର୍ବତ ମାଳା

ଉ ଜ୍ଞାନ ବିଜ୍ଞାନ

୧୧. କାନ୍ତ କବିଙ୍କ ରଚିତ ସ୍ମରଣୀୟ ଉପନ୍ୟାସ ର ନାମ କଣ ?

A. କଣା ମାମୁଁ ବ. କନକଲତା C. ପ୍ରତିଭା D.ହିଡମାଟି

ଉ କଣାମାମୁଁ

୧୨. ମୁନିରୁଷି ମାନଙ୍କର ବାସସ୍ଥାନ କୁ କଣ କୁହାଯାଏ ?

A. ପ୍ରାସାଦ B. ପଥର ଘର C. ଆଶ୍ରୟ ସ୍ଥଳ D. ଉଟଜ

ଉ ଉଟଜ

୧୩. କେଉଁ ମାନଙ୍କର ପ୍ରଶଂସନୀୟ କୀର୍ତ୍ତି ସାରା ବିଶ୍ୱରେ ପ୍ରଚାରିତ ?

A. କବି ସୁପୁତ୍ର B.ନର ନାରୀ C.ରାଜା ମହାରାଜା D. ରାଜା ଜମିଦାର

ଉ କବି ସୁପୁତ୍ର

୧୪. କବି ଲକ୍ଷ୍ମୀକାନ୍ତ ମହାପାତ୍ର କାହାକୁ ସୁଭାଷିଣୀ ବୋଲି କହିଛନ୍ତି

A.ଉତ୍କଳ ଜନନୀ B.. ପ୍ରକୃତି ମାଁଙ୍କୁ C. ଝରଣା D.ଭାରତ ମାଆଙ୍କୁ

ଉ ଉତ୍କଳ ଜନନୀ

୧୫. ଉତ୍କଳ ଜନନୀର ଅଙ୍ଗରେ କିଏ ଶୋଭା ପାଉଛି ?

A. ମନ୍ଦିର B. କୁଟୀର C. ବନଭୂମି D. ଭୂଧର

ଉ ବନଭୂମି

ସଂପ୍ରସଙ୍ଗ ସରଳାର୍ଥ

ଘନ ଘନ ବନଭୂମି ରାଜିତ ଅଙ୍ଗେ ,

ନୀଳ ଭୂଧର ମାଳା ସାଜେ ତରଙ୍ଗେ ,

* ଏହି ପଦ୍ୟାଂଶଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ' କବିତାରୁ ଆସିଛି।

* ଉତ୍କଳର ଅରଣ୍ୟ ଓ ପର୍ବତମାଳାର ଶୋଭାକୁ ବର୍ଣ୍ଣନା କରିଛନ୍ତି।

*ଘଞ୍ଚ ବନଭୂମିରେ ଉତ୍କଳର ଶରୀର ପରିପୂର୍ଣ୍ଣ ।

* ପର୍ବତମାଳା ଦୂରରୁ ମନୋରମ / ସୁନ୍ଦର ଦେଖାଯାଏ।

* ରଙ୍ଗ ବେରଙ୍ଗର ପକ୍ଷୀ ମାନଙ୍କର କଳକଳ ରାବ ଦ୍ୱାରା ଆକାଶ ମୁଖରିତ ହୋଇଉଠେ ।

* ପ୍ରାକୃତିକ ପରିବେଶରେ ସୁଶୋଭିତ।

*ଘଞ୍ଚ ବନପ୍ରଦେଶ ଓ ପର୍ବତମାଳାର ରୂପକୁ ଦେଖେଇବାକୁ ଚେଷ୍ଟା କରିଛନ୍ତି ।

* ଉତ୍କଳର ପର୍ବତଗୁଡ଼ିକ ଗଗନକୁ ଛୁଇଁବା ପାଇଁ ଆକାଶ ମୁହାଁ ହୋଇଛନ୍ତି।

* କବିଙ୍କର ବର୍ଣ୍ଣନା ସୁନ୍ଦର ଓ ହୃଦୟସ୍ପର୍ଶୀ ସମସ୍ତଙ୍କ ପାଇଁ ହୋଇଛି।

୦୨. ସୁନ୍ଦର ଶାଳି - ସୁଶୋଭିତ – କ୍ଷେତ୍ରା ,

ଜ୍ଞାନ ବିଜ୍ଞାନ - ପ୍ରଦର୍ଶିତ – ନେତ୍ରା ,

* ଏହି ପଦ୍ୟାଂଶଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ' କବିତାରୁ ଆସିଛି।

* ଉତ୍କଳର ଶସ୍ୟ କ୍ଷେତ ସୁନ୍ଦର ଧାନରେ ପରିପୂର୍ଣ୍ଣ ।

* ଜ୍ଞାନ-ବିଜ୍ଞାନ ପ୍ରଦର୍ଶନରେ ଉଦଭାସିତ ।

* ଧାନ ହେଉଛି ଉତ୍କଳର ପ୍ରଧାନ ଫସଲ ।

* ସବୁଜ କ୍ଷେତ୍ର ଶୀତ ଋତୁରେ ଶସ୍ୟଶ୍ୟାମଳା ହୋଇଉଠେ ।

* ଶାଳି ଧାନ କଥା ସୂଚେଇ ଅଛନ୍ତି ।

* ଉତ୍କଳର ସନ୍ତାନମାନେ ଜ୍ଞାନ ଓ ବିଜ୍ଞାନରେ ଅଧିକ ପାରଙ୍ଗମ ।

* ଉତ୍କଳ ମାଟିରେ ଜନ୍ମ ନେଇଛନ୍ତି ଅନେକ ଜ୍ଞାନୀ ଓ ବିଜ୍ଞାନୀ।

* ଏଠାରେ କବିଙ୍କର ବର୍ଣ୍ଣନା ଯଥାର୍ଥ ଓ ହୃଦୟକୁ ଛୁଇଁ ପାରିଛି ।

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୦୧. 'ବନ୍ଦେ ଉତ୍କଳ ଜନନୀ' କବିତାରୁ ଉତ୍କଳର ବୈଶିଷ୍ଟ୍ୟ ଉଲ୍ଲେଖ କର।

ଉ. 'ବନ୍ଦେ ଉତ୍କଳ ଜନନୀ' କବିତାର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର।

* ସେ ଏକାଧାରରେ ଥିଲେ କବି, ନାଟ୍ୟକାର, ଗାଳ୍ପିକ, ପ୍ରାବନ୍ଧିକ, ସମ୍ପାଦକ ।

* ଉତ୍କଳ ଜନନୀଙ୍କ ହସ ସୁନ୍ଦର ଓ ଭାଷା ସୁନ୍ଦର।

* ସମୁଦ୍ରର ପବିତ୍ର ଜଳଧାରା ଉତ୍କଳ ଜନନୀଙ୍କ ଶରୀରକୁ ଧୋଇଦିଏ ।

* ସ୍ୱଚ୍ଛ ଜଳଧାରଣ କରିଥିବା ନଦୀ ତଟରେ ଶୀତଳ ପବନ ପ୍ରବାହିତ ।

* ଉତ୍କଳ ଜନନୀଙ୍କ ଶରୀର ଘଂଚ ବନଭୂମିରେ ପରିପୂର୍ଣ୍ଣ।

* ନୀଳ ପର୍ବତମାଳା ତରଙ୍ଗ ଆକାରରେ ଦେଖାଯାଏ ।

* ଆକାଶ ସୁନ୍ଦର ପକ୍ଷୀ ମାନଙ୍କର ରାବରେ ମୁଖରିତ ।

* ଉତ୍କଳର ଶସ୍ୟ କ୍ଷେତ ସୁନ୍ଦର ଧାନରେ ପରିପୂର୍ଣ୍ଣ।

* ସୁନ୍ଦର ମନ୍ଦିରରେ ଉତ୍କଳଭୂମି ଶୋଭା ପାଉଛି।

* ବହୁବୀର ଓ ଯୋଦ୍ଧା ମାନଙ୍କର ବାସ ଭୂମି ଉତ୍କଳ ।

* ସମଗ୍ର ବିଶ୍ୱରେ ଓଡ଼ିଶାର ଗୁଣୀ , ଜ୍ଞାନୀ ଓ ପଣ୍ଡିତ ମାନେ ରହିଛନ୍ତି।

* ମହାନ କବି ଓ ସୁପୁତ୍ରମାନଙ୍କ ଦ୍ୱାରା ଉତ୍କଳ ଜନନୀ ବନ୍ଦନୀୟା ।

* ସେଥିପାଇଁ ଉତ୍କଳ ଜନନୀ ଧନ୍ୟା, ପୁଣ୍ୟବତୀ ଓ ଚିରନମସ୍ୟା।

୦୨ . 'ବନ୍ଦେ ଉତ୍କଳ ଜନନୀ' ଏକ ଜାତୀୟତାବାଦୀ କବିତା ବିଚାର କର।

ଉତ୍ତର: 'ବନ୍ଦେ ଉତ୍କଳ ଜନନୀ' କବିତାର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର।

* ସେ ଏକାଧାରରେ ଥିଲେ କବି, ନାଟ୍ୟକାର, ଗାଳ୍ପିକ, ପ୍ରାବନ୍ଧିକ, ସମ୍ପାଦକ ।

* ଏହା ଏକ ଜାତୀୟ ଭାବନା କବିତା ।

* ୨୦୨୦ ମସିହା ଜୁନ୍ ୭ ତାରିଖରେ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଲା।

* ନିଜର ମାତୃଭୂମିକୁ ଭଲ ଭାବରେ ବର୍ଣ୍ଣନା କରିଛନ୍ତି।

* ପବିତ୍ର ଜଳରାଶି, ଘନ ବନଭୂମି, ନୀଳ ପର୍ବତମାଳା, ପକ୍ଷୀର ରାବରେ ଉତ୍କଳ ସୁଶୋଭିତ।

* ମାତୃଭୂମିର ପ୍ରଶଂସା ଗାନ କରିଛନ୍ତି।

* ଭାଷା ବହୁତ ମଧୁର।

* ସୁଯୋଗ୍ୟ ପୁତ୍ର ମାନଙ୍କ ଦ୍ୱାରା ଉତ୍କଳ ପ୍ରଦେଶ ବନ୍ଦନୀୟା ।

* ଜନ୍ମଭୂମିର ମାଟି, ପାଣି, ପବନ ଭାରି ସୁନ୍ଦର ।

* ଜାତୀୟତାବାଦୀ ଚେତନା ଓ ଦେଶାତ୍ମବୋଧ ଭାବନାରେ ପରିପୂର୍ଣ୍ଣ।

* ଶୀତଳ ପବନ , ପର୍ବତ ମାଳା, ଶ୍ୟାମଳ ଶସ୍ୟକ୍ଷେତ୍ର , ପବିତ୍ର ମନ୍ଦିର ଓ ତୀର୍ଥ ସ୍ଥଳୀରେ ଭରପୁର ।

* ନିଜ ମାତୃଭୂମିର ଭାଷା, ଜଳ, ସ୍ଥଳ , ଆକାଶ ଓ ପର୍ବତ କୁ ଅନେକ ପ୍ରଶଂସା କରିଛନ୍ତି।

* ସ୍ନେହ, ମମତା , ମାନବବାଦରେ କବିତାଟି ପରିପୂର୍ଣ୍ଣ ।

* କବିଙ୍କର ଏଭଳି ଚିନ୍ତାଧାରା ତାଙ୍କର ଜନ୍ମଭୂମି ପ୍ରୀତିର ପରିଚୟ୍ ଦିଏ ।

* ବାସ୍ତବରେ ଏହି କବିତାଟି ଏକ ଜାତୀୟ୍ତାବାଦୀ କବିତା ।

CHAPTER 2

“ଭୀମଙ୍କ ସିଂଘନାଦ ରଡ଼ି"

କବି : ସାରଳା ଦାସ

ଜନ୍ମ ସ୍ଥାନ: ଝଙ୍କଡ଼, ଜଗତସିଂହପୁର

ବାଲ୍ୟକାଳର ନାମ: ସିଦ୍ଧେଶ୍ୱର ପରିଡ଼ା

ସୃଷ୍ଟି ସମ୍ପଦ: ମହାଭାରତ, ଚଣ୍ଡୀପୁରାଣ ଓ ବିଚିତ୍ର ରାମାୟଣ

ବିଷୟ୍ ଟି ଉଦ୍ଧୃତ : ସାରଳା ମହାଭାରତର "ଗଦାପର୍ବ "

କବିତାର ସାରାଂଶ :

- *ମହାଭାରତର ଶେଷ ପର୍ଯ୍ୟାୟ୍‌ରେ ଦୁର୍ଯ୍ୟୋଧନ ନିଜର ସବୁ ଆତ୍ମୀୟ୍ ସ୍ୱଜନଙ୍କୁ ହରାଇ , ମହର୍ଷି ଦୁର୍ବାସାଙ୍କ ଉପଦେଶରେ ଆତ୍ମରକ୍ଷା ପାଇଁ ବ୍ୟାସ ସରୋବରରେ ଆଶ୍ରୟ୍ ନେଇଥିଲେ ।
- *ମହାଲକ୍ଷ୍ମୀଙ୍କ ଅଭୟ୍ କ୍ରୋଡ଼ରେ ଆଶ୍ରିତ ଦୁର୍ଯ୍ୟୋଧନ ବ୍ୟାସ ସରୋବର ଭିତରେ ସୁରକ୍ଷିତ ଥିଲେ ।
- ବ୍ୟାସ ସରୋବର ରେ ଶରଣ ନେଇଥିବା ବ୍ୟକ୍ତି ଙ୍କୁ ମାରିବାକୁ ଶତ୍ରୁ ବଳପୂର୍ବକ ପ୍ରବେଶ ମାତ୍ରକେ ଧ୍ୱଂସ ହୋଇଯିବ ବୋଲି ଶିବ ଅଭିଶାପ ଦେଇଥିଲେ ।
- ଏହି ଆତ୍ମ ଗୋପନର ରହସ୍ୟ ସହଦେବ ପ୍ରକାଶ କରିଥିଲେ ଏବଂ ଭୀମ ଶିବଙ୍କଠାରୁ ସିଂଘନାଦ ପ୍ରାପ୍ତ ହେଲେ । ଦୁର୍ଯ୍ୟୋଧନ ସେହି ନାଦ ଶୁଣି ସରୋବରରୁ ବାହାର ହେବେ ବୋଲି ଜଣାଇ ଥିଲେ ।
- ଏହା ଜାଣି ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଭୀମ ଶିବଙ୍କୁ ଧ୍ୟାନ କଲେ ।
- ପୂର୍ବରୁ ଶିବଙ୍କ ଆହ୍ୱାନରେ ଭୀମ ଅଶ୍ଳେଷା ଦ୍ୱୈତ ଙ୍କୁ ବିନାଶ କରି କୈଳାଶ ଉଦ୍ଧାର କରିଥିଲେ ।
- ପାର୍ବତୀ ଙ୍କ କଥା ଶୁଣି ଶିବ ଭୀମଙ୍କୁ ସିଂଘନାଦ ଦେଇଥିଲେ । କେବଳ ୩ ଟି ରଡି ଭୀମଙ୍କ ଠାରୁ ସହିବୁ ବୋଲି ସିଂଘନାଦଙ୍କୁ ଶିବ କହିଥିଲେ ।
- ସିଂଘନାଦ ଆସିବାର ଶବ୍ଦରେ ମର୍ତ୍ତ୍ୟଭୁବନ ପ୍ରକମ୍ପିତ ହେଲା । ଏହାର ଜ୍ୟୋତି ପ୍ରଳୟ୍‌ଙ୍କରୀ ଅଗ୍ନି ଭଳି ତେଜୀୟାନ , ସୂର୍ଯ୍ୟଙ୍କ ଜ୍ୟୋତି ଠାରୁ ଶହେ ଗୁଣ ତେଜବନ୍ତ ।
- ସିଂଘନାଦର ପ୍ରଥମ ରଡ଼ିରେ ସମଗ୍ର ମହୀମଣ୍ଡଳ କମ୍ପି ଉଠିଲା । ଦୁର୍ଯ୍ୟୋଧନ ଏହି ରଡ଼ିରେ ନିଦ୍ରା ଭାଙ୍ଗି ଉଠି ବସିଲେ ।
- ଦ୍ୱିତୀୟ୍ ରଡ଼ିରେ ୬ ଲକ୍ଷ ଯୋଜନ ଯାଏଁ ଆକାଶ କମ୍ପିଲା । ପାତାଳରେ ଅନନ୍ତନାଗ ମଧ୍ୟ କମ୍ପି ଉଠିଲେ । ନବଦ୍ୱୀପ ଓ ସପ୍ତସାଗର କମ୍ପିବା ସହ ମେରୁ ପର୍ବତ ଟଳମଳ ହେଲା ଓ ସିନ୍ଧୁଜଳ ଉଛୁଳି ଉଠିଲା ।

- *ଭୀମ ଙ୍କ ଦ୍ୱିତୀୟ ରଡିକୁ ସହ୍ୟ ନକରି ଦୁର୍ଯ୍ୟୋଧନ ଲକ୍ଷ୍ମୀଙ୍କୁ ଅବଜ୍ଞା କରି ନିଜର ସତୁରି ସତୁରି ଭାର ଗଦା ବହନକରି ବ୍ୟାସ ସରୋବରରୁ ବାହାରକୁ ଆସିଲେ ।
- *ଭୀମଙ୍କ ଆହ୍ୱାନକୁ ମୁକାବିଲା କରିବାକୁ ଯୁଦ୍ଧର ଡାକରା ଦେଇ କଦଳୀ ପତ୍ର ପରି କ୍ରୋଧରେ କମ୍ପି ଦୁର୍ଯ୍ୟୋଧନ ମାତା ଲକ୍ଷ୍ମୀଙ୍କ ବାରଣକୁ ଭ୍ରୂକ୍ଷେପ ନ କରି ଯୁଦ୍ଧ ପାଇଁ ଆଗେଇ ଯାଇଥିଲା ।

ବହୁ ବିକଳ୍ପ ପ୍ରଶ୍ନୋତ୍ତର :-

* ସିଂଘନାଦ - ମଇଁଷି ସିଂଘରେ ନିର୍ମିତ ଏକ ବାଦ୍ୟଯନ୍ତ୍ର ।

୧. ସାରଳା ଦାସଙ୍କ ପିତୃଦତ୍ତ ନାମ କଣ ଥିଲା ?

(କ) ସିଦ୍ଧରୂପା ପରିଡା (ଖ) ନରୋତ୍ତମ ପରିଡା (ଗ) ସିଦ୍ଧେଶ୍ୱର ପରିଡ଼ା(ଘ) ଅନ୍ୱେଷଣ ପରିଡ଼ା

ଉ (କ) ସିଦ୍ଧେଶ୍ୱର ପରିଡ଼ା

୨. ସାରଳା ଦାସ କେଉଁ ଦେବୀ ଙ୍କୁ ଆରାଧନା କରି ଅପୂର୍ବ କବିତ୍ୱ ପ୍ରାପ୍ତ ହୋଇଥିଲେ ?

(କ) ବାଙ୍କୀର ଚର୍ଚିକା (ଖ) ଯାଜପୁରର ବିରଜା (ଗ) ମାହାଙ୍ଗା ର ଚଣ୍ଡିକା(ଘ) ଝଙ୍କଡ଼ ର ଶାରଳା

ଉ- (ଘ) ଝଙ୍କଡ଼ର ଶାରଳା

୩. ଭୀମ କାହାକୁ ସିଂଘନାଦ ମାଗି ନ ଥିଲେ ?

(କ) କାଶୀନାଥଙ୍କୁ(ଖ) ଜଗନ୍ନାଥଙ୍କୁ(ଗ) ବିଶ୍ୱନାଥଙ୍କୁ(ଘ) ଲୋକନାଥଙ୍କୁ

ଉ - (ଖ) ଜଗନ୍ନାଥଙ୍କୁ

୪. ଭୀମଙ୍କ ସିଂଘନାଦ ରଡ଼ି ବିଷୟଟି "ମହାଭାରତ" ର କେଉଁ ପର୍ବରୁ ଗୃହୀତ ?

(କ) ଗଦା ପର୍ବ(ଖ) ବନ ପର୍ବ(ଗ) ବିରାଟ ପର୍ବ(ଘ) ଭୀଷ୍ମ ପର୍ବ

ଉ- (କ) ଗଦା ପର୍ବ

୫. ଶତ୍ରୁ କେଉଁଠାରେ ବଳପୂର୍ବକ ପ୍ରବେଶ କଲେ ଧ୍ୱଂସ ହୋଇଯିବ ବୋଲି ପଠିତ କବିତା "ଭୀମ ଙ୍କ ସିଂଘନାଦ ରଡ଼ି" ରେ କୁହାଯାଇଛି ?

(କ) ବ୍ୟାସ ସରୋବରରେ (ଖ) ଦୁର୍ଗ ମଧ୍ୟରେ(ଗ) ଋଷ୍ୟମୁକ ପର୍ବତରେ (ଘ) ଗଉସ୍ତିମାନ ଦ୍ୱୀପରେ

ଉ . (କ) ବ୍ୟାସ ସରୋବରରେ

୬ . ସିଂଘନାଦ ବାଦ୍ୟ କେଉଁଥିରେ ନିର୍ମିତ ?

(କ) ସିଂହ ମୁଖରେ (ଖ) ବ୍ୟାଘ୍ର ମୁଖରେ(ଗ) ମଇଁଷି ସିଂଘରେ (ଘ) ଗଣ୍ଡା ସିଂଘରେ

ଉ. (ଗ) ମଇଁଷି ସିଂଘରେ

୭ . "ଯେ ରଡି ସହିଲେ ତୁରେ ହୋଇବୁ ଅଜ୍ରାମ୍ବର । " ଏଠାରେ ଅଜ୍ରାମ୍ବର ଶବ୍ଦ କେଉଁ ଅର୍ଥରେ ବ୍ୟବହୃତ ହୋଇଛି?

(କ) ଅଜର ଅମର (ଖ) ଅଳ୍ପାୟୁ (ଗ) ଦୀର୍ଘାୟୁ(ଘ) ଦେବତା

ଉ. (କ) ଅଜର ଅମର

୮ . ସପତ ସାଗର ମଧ୍ୟରେ କିଏ ଅନ୍ତର୍ଭୁକ୍ତ ନୁହେଁ ?

(କ) ଦଧି(ଖ) ଦୁଗ୍ଧ(ଗ) ଘୃତ(ଘ) ଶର୍କରା

ଉ. (ଘ) ଶର୍କରା

୯ . ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନ କୁ ଛାଡି ପଳାଇଲେ?

(କ) ଦୁର୍ଯ୍ୟୋଧନ ଭର୍ତ୍ସନା କରିବାରୁ (ଖ) ଦୁର୍ଯ୍ୟୋଧନର ମୃତ୍ୟୁ ନିକଟ ହେବାରୁ (ଗ) ଭୀମ ପ୍ରାର୍ଥନା କରିବାରୁ (ଘ) କୃଷ୍ଣ ଅନୁରୋଧ କରିବାରୁ

 ଉ. (କ) ଦୁର୍ଯ୍ୟୋଧନ ଭର୍ତ୍ସନା କରିବାରୁ

୧୦. କେଉଁଟି ନବଦ୍ୱୀପ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ?

(କ) ଇନ୍ଦ୍ର (ଖ) ନାଗ (ଗ) ଲବଣ (ଘ) ଗନ୍ଧର୍ବ

ଉ. (ଗ) ଲବଣ

୧୧. ଶୂଳଧର ବୋଲି କାହାକୁ କୁହାଯାଉଛି ?

(A) ଦୁର୍ଯ୍ୟୋଧନ (B) ଶିବ (C) ଭୀମ (D) ହନୁମାନ

ଉତ୍ତର - (B) ଶିବ

୧୨. 'ପାଣ୍ଡବ ସୁନ୍ଦର' ବୋଲି କାହାକୁ କୁହାଯାଉଛି ?

(A) ଅର୍ଜୁନଙ୍କୁ (B) ଯୁଧିଷ୍ଠିରଙ୍କୁ (C) ଭୀମଙ୍କୁ (D) ମହାଦେବଙ୍କୁ

ଉତ୍ତର - (C) ଭୀମଙ୍କୁ

୧୩. ଭୀମ କାହାକୁ ସିଂଘନାଦ ମାଗିଥିଲେ ?

(A) କାଶୀନାଥଙ୍କୁ (B) ଜଗନ୍ନାଥଙ୍କୁ (C) ବିଶ୍ୱନାଥଙ୍କୁ (D) ଲୋକନାଥଙ୍କୁ

ଉ - (C) ବିଶ୍ୱନାଥଙ୍କୁ

୧୪. 'ମାନ ଗୋବିନ୍ଦ' କହିଲେ କାହାକୁ ବୁଝାଏ ?

(A) କୃଷ୍ଣ (B) ଅର୍ଜୁନ (C) ଭୀଷ୍ମ (D) ଦୁର୍ଯ୍ୟୋଧନ

ଉ - (D) ଦୁର୍ଯ୍ୟୋଧନ

୧୫. "ପାତାଳେ ଅନନ୍ତ ନାଗର କମ୍ପିଲାକ ଫେରୁ " - ଏଠାରେ ଫେରୁ ଶବ୍ଦର ଅର୍ଥ କଣ ?

(A) **ଲାଞ୍ଜ** (B) **ଶରୀର** (C) **ଫଣା** (D) **ମସ୍ତକ**

ଉ - (C) **ଫଣା**

ସପ୍ରସଙ୍ଗ ସରଳାର୍ଥ :- (5 marks)

୧- "କାଳାନଳ ଜାଣି ବିକାଶି ସିଂଘନାଦ ଜ୍ୟୋତି “

ଆଦିତ୍ୟ ହୁଁ ଶତେଗୁଣ ତେଜ ବିକାଶନ୍ତି ।"

ଉ- "କାଳାନଳ ଜାଣି ..... ତେଜ ବିକାଶନ୍ତି ।"

ଉକ୍ତ ପଦ୍ୟାଂଶଟି କବି ସାରଳାଦାସଙ୍କ ଦ୍ୱାରା ରଚିତ "ଭୀମଙ୍କ ସିଂଘନାଦ ରଡ଼ି" କବିତାରୁ ଆନୀତ । ଏଠାରେ କବି ସିଂଘନାଦର ତେଜ ବିଷୟରେ ବର୍ଣ୍ଣନା କରିଛନ୍ତି ।

* ଶିବଙ୍କ ଆଜ୍ଞା ପାଇ ସିଂଘନାଦ ଗଲାବେଳେ ସମଗ୍ର ମର୍ତ୍ତ୍ୟ ଭୁବନ ପ୍ରଚଣ୍ଡ ଶବ୍ଦରେ କମ୍ପିବାକୁ ଲାଗିଲା । ପ୍ରଚଣ୍ଡ ବେଗରେ ପବନ ବହିବାକୁ ଲାଗିଲା । ଏହା ସୂର୍ଯ୍ୟଙ୍କ ଠାରୁ ଶହେ ଗୁଣ ତେଜରେ ଜ୍ୟୋତି ପ୍ରକାଶ କରି ଆକାଶ ମାର୍ଗରେ ଗତି କରୁଥିଲା । ସିଂଘନାଦରୁ ଭୟଙ୍କର ଅଗ୍ନି ବାହାରି ଚାରିଆଡ଼େ ବିଚ୍ଛୁରିତ ହେଉଥିଲା । ଏହା ଧିରେ ଧିରେ ବ୍ୟାସ ସରୋବର ତୀରରେ ଉପନୀତ ହେବାକୁ ଆଗେଇ ଗଲା ।

ପ୍ରସଙ୍ଗଟି ସମସ୍ତଙ୍କ ପାଇଁ ପ୍ରଶଂସନୀୟ ।

୨- "ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି

ପୃଥିବୀ ଦଲଦଲିତ କମ୍ପଇ ମେଦିନୀ ।"

"ନଳିନୀ ପତ୍ରରେ ..... କମ୍ପଇ ମେଦିନୀ ।"

ଉକ୍ତ ପଦ୍ୟାଂଶଟି କବି ସାରଳା ଦାସଙ୍କ ଦ୍ୱାରା ରଚିତ "ଭୀମଙ୍କ ସିଂଘନାଦ ରଡ଼ି" କବିତାରୁ ଆନୀତ । ଏଠାରେ କବି ଭୀମଙ୍କ ପ୍ରଥମ ସିଂଘନାଦ ରଡ଼ିରେ ପୃଥିବୀରେ କି କି ବିଲକ୍ଷଣ ଦେଖାଗଲା, ତାହା ବର୍ଣ୍ଣନା କରିଛନ୍ତି

ସିଂଘନାଦ ପ୍ରାପ୍ତିରେ ଭୀମ ତାହାକୁ ଓଠରେ ଲଗାଇ ଫୁଙ୍କିବାରୁ, ଏହାର ପ୍ରଥମ ରଡ଼ିରେ ଏଠାରେ ପ୍ରଚଣ୍ଡ ଶବ୍ଦରେ ସମଗ୍ର ମହୀମଣ୍ଡଳ ପ୍ରକମ୍ପିତ ହେବାକୁ ଲାଗିଲା ।

ପଦ୍ମପତ୍ରରେ ରହିଥିବା ପାଣି ଯେପରି ସାମାନ୍ୟ ପବନରେ ଚହଲିଯାଏ , ଢଳଢଳ ହୁଏ, ଠିକ୍ ସେହିପରି ପ୍ରଥମ ରଡ଼ିର ଶବ୍ଦରେ ପୃଥିବୀ ଥରହର ହୋଇଯାଉଛି । ପଦ୍ମପତ୍ରରେ ରହିଥିବା ଜଳ ସଦୃଶ ପୃଥିବୀ ଅସ୍ଥିର ହୋଇଛି ।

*ଏପରିକି ମନ୍ଦର ପର୍ବତ ତାହା ସ୍ଥାନରୁ ଘୁଞ୍ଚି ଯାଇଛି । ଏହି ସିଙ୍ଗନାଦର ପ୍ରତିକ୍ରିୟା ସ୍ୱରୂପ ଦୁର୍ଯ୍ୟୋଧନ ଚେଇଁ ଉଠିଛି । ତା' ମନ ଚଳଚଞ୍ଚଳ ହୋଇଛି ।

ପ୍ରସଙ୍ଗଟି ସମସ୍ତଙ୍କ ପାଇଁ ପ୍ରଶଂସନୀୟ ।

ଦୀର୍ଘ ଉତ୍ତର-ମୂଳକ ପ୍ରଶ୍ନୋତ୍ତର :- (5 marks)

୧. କେଉଁ ପରିସ୍ଥିତିରେ ଭୀମଙ୍କୁ ସିଂଘନାଦ ଦେବାକୁ ସଦାଶିବ ସମ୍ମତ ହେଲେ?

(କିମ୍ବା) ସଦାଶିବ ଭୀମଙ୍କୁ କାହିଁକି ସିଂଘନାଦ ଦେଇଥିଲେ ?

ଉତ୍ତର :ଆଲୋଚ୍ୟ ପ୍ରସଙ୍ଗଟି ଆଦିକବି ସାରଳା ଦାସଙ୍କ "ଭୀମଙ୍କ ସିଙ୍ଗନାଦ ରଡ଼ି" କବିତାର ଏକ ଉଲ୍ଲେଖଯୋଗ୍ୟ ଅଂଶ । ଏହି କବିତା ଟି କବିଙ୍କ ମହାଭାରତର ଗଦାପର୍ବରୁ ଆନୀତ। ଏହି କବିତାରେ ଭୀମ କିଭଳି ମହାଦେବଙ୍କ ଠାରୁ ସିଂଘନାଦ ପ୍ରାପ୍ତ କଲେ ତାହା ବର୍ଣ୍ଣିତ ।

• ମହାଭାରତ ଯୁଦ୍ଧରେ ନିଜ ଲୋକଙ୍କୁ ହରାଇ ଦୁର୍ଯ୍ୟୋଧନ ଦୁର୍ବାସାଙ୍କ ଉପଦେଶରେ ଆତ୍ମ ରକ୍ଷା ପାଇଁ ବ୍ୟାସ ସରୋବରରେ ଆତ୍ମଗୋପନ କରିଥିଲେ ।

• ଏହି ସରୋବରରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ମାରିବାକୁ ତା' ଶତ୍ରୁ ବଳ ପୂର୍ବକ ପ୍ରବେଶ କଲେ ଧ୍ୱଂସ ହୋଇଯିବ ବୋଲି ଅଭିଶାପ ଦେଇଥିଲେ ।

• ତେଣୁ ସହଦେବ ଭୀମ ମହାଦେବଙ୍କୁ ସନ୍ତୁଷ୍ଟ କରି ସିଂଘନାଦ ପ୍ରାପ୍ତ ହୁଅନ୍ତୁ ବୋଲି ଜଣାଇଛନ୍ତି ।

• ଭୀମ ଶିବଙ୍କୁ ଧ୍ୟାନ କଲେ, ଶିବଙ୍କର ଆସନ ଟଳମଳ ହେଲା । ଭୀମଙ୍କୁ ସିଂଘନାଦ ଦେବେ କି ନାହିଁ, ବୋଲି ଶିବ ଦେବୀ ପାର୍ବତୀଙ୍କର ପରାମର୍ଶ ଲୋଡ଼ିଥିଲେ ।

• ଦେବୀ ପାର୍ବତୀ ଶିବଙ୍କୁ ସ୍ମରଣ କରାଇଲେ ଯେ ପାଣ୍ଡବମାନେ ସବୁବେଳେ ଆମର କଲ୍ୟାଣ କରିଥାନ୍ତି ।

• ପୂର୍ବେ ଅଶ୍ଲେଷା ଦୈତ୍ୟ କୈଳାସ ଉପାଡି ନେଉଥିବାବେଳେ ଶିବଙ୍କ ଆହ୍ୱାନରେ ଭୀମ ଦୈତ୍ୟକୁ ସଂହାର କରି କୈଳାସ ଉଦ୍ଧାର କରିଥିବାରୁ ଶିବ ଭୀମଙ୍କୁ ବର ଯାଚିଥିଲେ ।

• ଏହା ଜାଣିବା ପରେ ଶିବ ସିଂଘନାଦକୁ ଅନ୍ତରୀକ୍ଷ ମାର୍ଗରେ ଚଳିଯାଇ ଭୀମଙ୍କ ହସ୍ତରେ ପଦାର୍ପଣ ହେବାକୁ ନିର୍ଦ୍ଦେଶ ଦେଲେ ।

• ସେହି ଅନୁସାରେ ଶତସୂର୍ଯ୍ୟର ତେଜ ଧାରଣ କରି ସିଂଘନାଦ ବ୍ୟାସ ସରୋବରରେ ଅବସ୍ଥିତ ଥିବା ଭୀମଙ୍କ ହାତରେ ଆସି ପହଁଚିଲେ ।

୨ - ଭୀମଙ୍କ ସିଂଘନାଦ ରଡ଼ିର ଆବଶ୍ୟକତା ଓ ପରିଣାମ ସମ୍ପର୍କରେ ଲେଖ ?

ଉ - ଆଲୋଚ୍ୟ ପ୍ରସଙ୍ଗଟି ଆଦିକବି ସାରଳା ଦାସଙ୍କ "ଭୀମଙ୍କ ସିଂଘନାଦ ରଡ଼ି" କବିତାର ଏକ ଉଲ୍ଲେଖଯୋଗ୍ୟ ଅଂଶ । ଏହି କବିତାଟି କବିଙ୍କ ମହାଭାରତର "ଗଦାପର୍ବ"ରୁ ଆନୀତ ।

• ମହାଭାରତ ଯୁଦ୍ଧରେ ନିଜ ଲୋକଙ୍କୁ ହରାଇ ଦୁର୍ଯ୍ୟୋଧନ ଦୁର୍ବାସାଙ୍କ ଉପଦେଶରେ ଆତ୍ମରକ୍ଷା ପାଇଁ ବ୍ୟାସ ସରୋବରରୁ ମହାଲକ୍ଷ୍ମୀଙ୍କ ଅଭୟ କ୍ରୋଡ଼ରେ ସୁରକ୍ଷିତ ଥିଲେ ।

• ବ୍ୟାସ ସରୋବରରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ମାରିବାକୁ ଶତ୍ରୁ ବଳପୂର୍ବକ ପ୍ରବେଶ ମାତ୍ରକେ ଧ୍ୱଂସ ହୋଇଯିବ ବୋଲି ଶିବ ଅଭିଶାପ ଦେଇଥିଲେ ।

• ଏହି ଆତ୍ମଗୋପନର ରହସ୍ୟ ସହଦେବ ପ୍ରକାଶ କରିଥିଲେ ଏବଂ ଭୀମ ଶିବଙ୍କ ଠାରୁ ସିଂଘନାଦ ପ୍ରାପ୍ତ ହେଲେ ଦୁର୍ଯ୍ୟୋଧନ ସେହି ନାଦ ଶୁଣି ସରୋବରରୁ ବାହାର ହେବେ ବୋଲି ଜଣାଇଥିଲେ ।

• ଏହା ଶୁଣି ଭୀମ ଶିବଙ୍କୁ ଧ୍ୟାନ କଲେ ।

• ପାର୍ବତୀଙ୍କ କଥା ଶୁଣି ଭୀମଙ୍କୁ ଶିବ ସିଂଘନାଦ ଦେଇଥିଲେ ଏବଂ କେବଳ ୩ଟି ରଡ଼ି ସହିବାକୁ ସିଂଘନାଦଙ୍କୁ କହିଥିଲେ ।

• ସିଂଘନାଦ ଆସିବାର ଶବ୍ଦରେ ମର୍ତ୍ତ୍ୟ ଭୁବନ କମ୍ପି ଉଠିଲା ।

• ଏହାର ପ୍ରଥମ ରଡ଼ିରେ ସମଗ୍ର ମହିମଣ୍ଡଳ କମ୍ପି ଉଠିଲା । ଦୁର୍ଯ୍ୟୋଧନ ଏହି ରଡ଼ିରେ ନିଦ୍ରା ଭାଙ୍ଗି ଉଠି ବସିଲେ ।

• ଦ୍ୱିତୀୟ ରଡ଼ିରେ ୬ ଲକ୍ଷ ଯୋଜନ ଯାଏଁ ଆକାଶ କମ୍ପିଲା ପାତାଳରେ ଅନନ୍ତନାଗ କମ୍ପି ଉଠିଲେ । ନବଦ୍ୱୀପ ଓ ସପ୍ତ ସାଗର କମ୍ପିବା ସହ ମେରୁ ପର୍ବତ ଟଳମଳ ହେଲା ଓ ସିନ୍ଧୁଜଳ ଉଛୁଳି ଉଠିଲା ।

• ଭୀମଙ୍କ ଦ୍ୱିତୀୟ ରଡ଼ିକୁ ସହ୍ୟ ନ କରି ଦୁର୍ଯ୍ୟୋଧନ ଲକ୍ଷ୍ମୀଙ୍କୁ ଅବଜ୍ଞା କରି ନିଜର ସତୁରି ସତୁରି ଭାର ଗଦା ଧରି ବ୍ୟାସ ସରୋବର ରୁ ବାହାରି ଯୁଦ୍ଧ ପାଇଁ ଆଗେଇ ଯାଇଥିଲେ ।

"ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ

କବି ପରିଚୟ :-

• କବି - କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ।

• ଜନ୍ମ ସ୍ଥାନ - ଭଞ୍ଜନଗରର ଘୁମୁସର ରାଜବଂଶ

• ଜନ୍ମ ସମୟ - ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟ

• କବିତ୍ୱ ସିଦ୍ଧି - ରାମ ତାରକ ମନ୍ତ୍ର ଜପ କରି କବିତ୍ୱ ଲାଭ

• କାବ୍ୟ - ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହୀଶ ବିଳାସ

ବୈଦେହୀଶ ବିଳାସ - ୫୨ ଛାନ୍ଦ ବିଶିଷ୍ଟ ।

• ବିଷୟଟି ଉଦ୍ଧୃତ - ବୈଦେହୀଶ ବିଳାସ କାବ୍ୟର ଚାଳିଶ (୪୦) ଛାନ୍ଦରୁ

ବିଶେଷତ୍ୱ - ଏଥିରେ ପ୍ରତ୍ୟେକ ପଦ 'ବ' ଆଦ୍ୟ ବର୍ଣ୍ଣ ନିୟମରେ ରଚିତ ।

ସାରାଂଶ :-

• ରାବଣଙ୍କ ଦ୍ୱାରା ଅପହୃତା ପତ୍ନୀ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀରାମଚନ୍ଦ୍ର ହନୁମାନ, ଲକ୍ଷ୍ମଣ, ଜାମ୍ବବାନ ଏବଂ ବାନର ସେନା ଆଦିକୁ ନେଇ ସମୁଦ୍ରରେ ସେତୁବନ୍ଧ ନିର୍ମାଣର ଆୟୋଜନ କରିଥିଲେ ।

• ସେତୁବନ୍ଧ ବାନ୍ଧିବା ପାଇଁ ବାନର ସେନାଙ୍କ ସମସ୍ତ ପ୍ରଚେଷ୍ଟା ବିଫଳ ହୋଇଥିଲା ।

• ସେତୁ ନିର୍ମାଣ ପାଇଁ ବରୁଣଙ୍କୁ ପ୍ରସନ୍ନ କରିବା ନିମନ୍ତେ ରାମଚନ୍ଦ୍ର ଅନଶନରେ କୁଶଶଯ୍ୟାରେ ଶୟନ କରିଥିଲେ ।

• ଶତ୍ରୁପକ୍ଷର ଗତିବିଧି ଓ ଯୋଜନା ସମ୍ପର୍କରେ ଜାଣିବା ନିମନ୍ତେ ରାବଣ ନିଜର ୨ ଟି ମନ୍ତ୍ରୀ ଶୁକ ଓ ସାରଣଙ୍କୁ ଦୂତ ରୂପେ (ବର୍ତକ ପକ୍ଷୀ ରୂପେ) ସମୁଦ୍ର ତଟକୁ ପଠାଇଥିଲେ ।

• କନିଷ୍ଠ ଭ୍ରାତା ବିଭୀଷଣ ଓ ବାଳୀପୁତ୍ର ଅଙ୍ଗଦ ଉଦ୍ଦେଶ୍ୟରେ ଦୂତଙ୍କ ଜରିଆରେ ରାବଣ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରେରଣ କରିଥିଲେ ।

• ବାର୍ତ୍ତା - ଅଙ୍ଗଦଙ୍କ ପିତାଶତ୍ରୁ ଓ ବିଭୀଷଣଙ୍କ ପିତା ସଦୃଶ ଜ୍ୟେଷ୍ଠ ଭ୍ରାତାର ଶତ୍ରୁରୂପେ ରାମଚନ୍ଦ୍ରଙ୍କୁ ଅଭିହିତ କରାଇଲେ ।

• ବାର୍ତ୍ତା ଶୁଣି ଅଙ୍ଗଦ ରାଗି ଶୂନ୍ୟରେ ବଜ୍ରାଘାତ ସମାନ ଚାପୁଡ଼ା ମାରିଥିଲେ ।

• ଶ୍ରୀ ରାମଚନ୍ଦ୍ରଙ୍କର ସୈନ୍ୟ ବିଷୟରେ ୨ଟି ଦୂତ ରାବଣଙ୍କୁ କହିଥିଲେ ଯେ, ରାମଚନ୍ଦ୍ରଙ୍କର ସୈନ୍ୟ ସଂଖ୍ୟା ଏତେ ଅଧିକ ଯେ, ସମୁଦ୍ରରେ ସେତିକି ସଂଖ୍ୟକ ଶଙ୍ଖ ନାହିଁ ।

ସୂଚନା

ରାଘବ - ରାମଚନ୍ଦ୍ର

ଶୁକ ସାରଣ - ରାବଣର ଦୁଇମନ୍ତ୍ରୀ

ପିତୃବ୍ୟ - ବାପାଙ୍କର ସାନ ଭାଇ

କୁଶ - ଏକ ପ୍ରକାର ତୃଣ ବିଶେଷ

ବହୁ ବିକଳ୍ପ ପ୍ରଶ୍ନୋତ୍ତର :-

୧- ବରୁଣ ଦେବତା ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶ୍ରୀରାମଚନ୍ଦ୍ର କେଉଁ ଶଯ୍ୟାରେ ଶୟନ କରିଥିଲେ ?

(କ) କୁଶ ଶଯ୍ୟା (ଖ) ଜଳଶଯ୍ୟା (ଗ) ପୁଷ୍ପଶଯ୍ୟା (ଘ) ପତ୍ରଶଯ୍ୟା

ଉ- (କ) କୁଶ ଶଯ୍ୟା

୨- ବୁଝି ନ ବୁଝି ——— ତା ବାଣୀ ପିତା କରି ଯେ ?

• (କ) କୋପ (ଖ) କୋପି (ଗ) କ୍ରୋଧ (ଘ) କମ୍ପନ

• ଉ- (ଖ) କୋପି

୩- ବର୍ତ୍ତକ ସ୍ୱରୂପ ଧୃତ ——— କହି ଯେ ?

(କ) ଭେଁ ଭେଁ ଟିହୋ ।

• (ଖ) ଚେଁ ଚେଁ ଟିହୋ ।

• (ଗ) ଫେଁ ଫେଁ ଟିହୋ ।

• (ଘ) କେଁ କେଁ ଟିହୋ ।

• ଉ- (ଘ) କେଁ କେଁ ଟିହୋ ।

୪- ରାବଣର ବାର୍ତ୍ତା ନେଇ କିଏ ଅଙ୍ଗଦ ପାଖକୁ ଯାଇଥିଲେ ?

• (କ) କୁମ୍ଭକର୍ଣ୍ଣ (ଖ) ଶୁକ ଓ ସାରଣ (ଗ) ମେଘନାଦ (ଘ) ଇନ୍ଦ୍ରଜିତ

• ଉ- (ଖ) ଶୁକ ଓ ସାରଣ

୫- ଶୁକ ସାରଣ କାହାକୁ ଦେବରିପୁ ଭାବେ ସମ୍ବୋଧନ କରିଥିଲେ ?

• (କ) ରାବଣ ଙ୍କୁ (ଖ) ବିଭୀଷଣ ଙ୍କୁ (ଗ) ଅଙ୍ଗଦ ଙ୍କୁ (ଘ) ରାମଚନ୍ଦ୍ର ଙ୍କୁ

• ଉ- (କ) ରାବଣଙ୍କୁ

୬- ରାବଣ ମନ୍ଦହାସ କରିଥିଲେ କାହିଁକି ?

(କ) ରାମଚନ୍ଦ୍ର ସମୁଦ୍ର ପୋତିବାର ଚେଷ୍ଟା କରୁଥିବାରୁ

(ଖ) ରାମଚନ୍ଦ୍ର ଙ୍କର ସୈନ୍ୟସଂଖ୍ୟା କମ ଥିବାରୁ

(ଗ) ସମୁଦ୍ର ଜଳରେ ପକାଯାଉଥିବା ପର୍ବତ ବୁଡିଯାଉଥିବାରୁ

(ଘ) ରାମଚନ୍ଦ୍ରଙ୍କୁ ପରାକ୍ରମହୀନ ଭାବିବାରୁ

ଉ- (ଘ) ରାମଚନ୍ଦ୍ରଙ୍କୁ ପରାକ୍ରମହୀନ ଭାବିବାରୁ

୭- ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କରିଥିଲେ ?

(କ) ଯଜ୍ଞ କରିଥିଲେ

(ଖ) ଉପବାସ ରହି କୁଶ ଉପରେ ଶୋଇଥିଲେ

(ଗ) ପୂଜା ଅନୁଷ୍ଠାନ କରିଥିଲେ

(ଘ) କଠୋର ତପସ୍ୟା କରିଥିଲେ ।

ଉ- (ଖ) ଉପବାସ ରହି କୁଶ ଉପରେ ଶୋଇଥିଲେ ।

ରାମଚନ୍ଦ୍ର କୁଶଶଯ୍ୟାରେ ଶୟନ କରୁଥିବା କଥା ଶୁଣି ରାବଣ ର କଣ ମନ୍ଦ ହୋଇଯାଇଥିଲା

(କ) କ୍ରୋଧ (ଖ) ବିରସ (ଗ) ସାହସ (ଘ)ବୁଦ୍ଧି

ଉ (ଖ) ବିରସ

୯. କପିମାନେ ସମୁଦ୍ରରେ ଗିରି ପକାଇବା ବେଳେ ଜଳ କେଉଁ ଶବ୍ଦ କରୁଥିଲା ?

(କ) ସୁସୁ (ଖ) ସାଇଁ ସାଇଁ (ଗ) ଫି ଫି (ଘ)କଳ କଳ

ଉ (ଗ) ଫି ଫି

୧୦. ରାଘବଙ୍କ ଲଙ୍କା ଯାତ୍ରାନୁକୁଳ ପଦ୍ୟ ବୈଦେହୀଶ ବିଳାସ କାବ୍ୟର କେଉଁ ଛାନ୍ଦ ରୁ ଆସିଅଛି ?

ଉ (କ) ଚାଳିଶ

୧୧. 'ରାଘବଙ୍କ ଲଙ୍କା ଯାତ୍ରାନୁକୁଳ' କବିତାର ବୈଶିଷ୍ଟ୍ୟ କ'ଣ ?

(A) ଅଳଙ୍କାର ପ୍ରିୟତା (B) ଶବ୍ଦ ସଂଯୋଜନା କୌଶଳ(C) ସମାଜ ପ୍ରତି ମାର୍ଗଦର୍ଶୀ କାର୍ଯ୍ୟ (D) ଉପରୋକ୍ତ ସମସ୍ତ

ଉ - ଉପରୋକ୍ତ ସମସ୍ତ

୧୨. 'ପିତୃବ୍ୟ' କାହାକୁ କୁହାଯାଏ ?

(A) ପିତାଙ୍କର ପିତାଙ୍କୁ(B) ପିତାଙ୍କର ସାନ ଭାଇଙ୍କୁ(C) ପିତାଙ୍କର ବଡ ଭାଇଙ୍କୁ (D) ପିତାଙ୍କର ପିତାମହ ଙ୍କୁ

ଉ - (B) ପିତାଙ୍କର ସାନ ଭାଇଙ୍କୁ

୧୩. ରାମଚନ୍ଦ୍ର ସମୁଦ୍ରକୁ ପର୍ବତରେ ପୋତିବାକୁ ବିଚାର କରିଥିଲେ କାହିଁକି ?

(A) ରାବଣ ନିଧନ ପାଇଁ (B) ସୀତାଙ୍କୁ ପାଇବାର ଆଶା ଯୋଗୁଁ (C) ନିଜର ଶକ୍ତି ପ୍ରଦର୍ଶନ ପାଇଁ (D) ଲଙ୍କାକୁ ଧ୍ୱଂସ କରିବା ପାଇଁ

ଉ - (B) ସୀତାଙ୍କୁ ପାଇବାର ଆଶା ଯୋଗୁଁ ।

୧୪. ସିନ୍ଧୁକୁ ପୋତିବାରେ ବିଫଳ ହେବା ପରେ ରାଘବଙ୍କ ମନରେ କେଉଁ ଭାବ ସୃଷ୍ଟି ହୋଇଥିଲା ?

(A) ବିଷାଦ(B) ବିସ୍ମୟ(C) ବିତୃଷ୍ଣା(D) ବୈରାଗ୍ୟ

ଉ - (B) ବିସ୍ମୟ

୧୫. 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାରେ 'ବିଭୂତିଭୂଷଣ' ବୋଲି କାହାକୁ କୁହାଯାଇଛି ?

(A) ବିଭୀଷଣଙ୍କୁ (B) ହନୁମାନଙ୍କୁ (C) ଶିବଙ୍କୁ (D) ରାମଙ୍କୁ

ଉ - (D) ରାମଙ୍କୁ

ସପ୍ରସଙ୍ଗ ସରଳାର୍ଥ (5 marks)

୧. "ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ

ବିନ୍ଧ୍ୟ ଭାନୁ ତୋଷୀ ହେଲେ ବଞ୍ଚାଇ ଦଇବ ଯେ"

"ବାଜିଥିଲେ ..... ଦଇବ ଯେ ।

ପଦ୍ୟାଂଶଟି କବି ସମ୍ରାଟ 'ଉପେନ୍ଦ୍ର ଭଞ୍ଜ' ଙ୍କ ଦ୍ୱାରା ରଚିତ "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତାରୁ ଆନୀତ । ଏଠାରେ କବି ରାବଣ ନିକଟରେ ଶୁକ ଓ ସାରଣଙ୍କର ଭାବାବେଗ ବିଷୟରେ ବର୍ଣ୍ଣନା କରିଛନ୍ତି ।

ରାବଣର ବାର୍ତ୍ତା ନେଇ ମନ୍ତ୍ରୀ ଶୁକ ଓ ସାରଣ ଶ୍ରୀରାମଙ୍କ ଶରଣ ନେଇଥିବା ବିଭୀଷଣ ଓ ଅଙ୍ଗଦଙ୍କ ନିକଟକୁ ଯାଇଥିଲେ ।ସେମାନେ ଅଙ୍ଗଦକୁ ରାବଣର ବାର୍ତ୍ତା ଦେଇ ତାଙ୍କର କ୍ରୋଧର ଶିକାର ହୋଇଥିଲେ । ଅଙ୍ଗଦ ରାଗି ଯାଇ ବଜ୍ରାଘାତ ଭଳି ଯେଉଁ ଚାପଡ଼ା ମାରିଥିଲେ ତାହା ତାଙ୍କ ଦେହରେ ବାଜିଥିଲେ ସେମାନେ ଚୂର୍ଣ୍ଣ ହୋଇ ଯାଇଥାନ୍ତେ ଅଥବା ପାତାଳଗାମୀ ହୋଇଥାନ୍ତେ ଅଥବା ସେ ଚାପୁଡ଼ା ବାଜିଥିଲେ ବିନ୍ଧ୍ୟଗିରି ଚୂର୍ଣ୍ଣ ହୋଇଯାଇଥାନ୍ତା ।ଗମନାଗମନ ପ୍ରତିବନ୍ଧକ ଦୂର ହୋଇଥାନ୍ତା ଭାବି ସୂର୍ଯ୍ୟ ସନ୍ତୁଷ୍ଟ ହୋଇଥାନ୍ତେ। କିନ୍ତୁ ବିଧାତାଙ୍କ ଆଶୀର୍ବାଦରୁ ଜୀବନ ବଞ୍ଚାଇ ପାରିଲେ ।

ପ୍ରସଙ୍ଗଟି ସମସ୍ତଙ୍କ ପାଇଁ ପ୍ରଶଂସନୀୟ ।

<u>ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର :</u>

ରାବଣର କୂଟନୀତି କିପରି ତୁମ ପଠିତ କବିତାରେ ବର୍ଣ୍ଣିତ ହୋଇଛି ଆଲୋଚନା କର?

ଉତ୍ତର:କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଗଞ୍ଜାମ ଜିଲ୍ଲାର ଘୁମୁସର ରାଜବଂଶରେ ଜନ୍ମଗ୍ରହଣ

କରିଥିଲେ। ରାମତାରକ ମନ୍ତ୍ର ସାଧନ ବଳରେ ତାଙ୍କର ଦିବ୍ୟ କବିତ୍ୱ ଲାଭ ହୋଇଥିଲା। ସେ 'ବୈଦେହୀଶ ବିଳାସ', 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ଆଦି ଅନେକ କାବ୍ୟ ରଚନା କରିଥିଲେ। "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତାଟି **"ବୈଦେହୀଶ ବିଳାସ"**ର ଚାଳିଶତମ ଛାନ୍ଦରୁ ଗୃହୀତ। ଏଠାରେ କବି ରାବଣର କୂଟନୀତି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି।

- ଲଙ୍କାର ରାଜା ରାବଣ ସୀତାଙ୍କୁ ଚୋରିକରି ନେବାପରେ ରାମଙ୍କ ସହିତ ଶତ୍ରୁତା ଉପୁଜିଥିଲା।
- ରାବଣର ଏଭଳି ମନ୍ଦ କାର୍ଯ୍ୟକୁ ବିଭୀଷଣ ସମର୍ଥନ କରି ନ ଥିଲେ।
  ଏଥିରେ ରାଗି ରାବଣ ବିଭୀଷଣଙ୍କ ପ୍ରତି ମନ୍ଦ ଆଚରଣ ପ୍ରଦର୍ଶନ କରିବାରୁ ସେ ଲଙ୍କା ତ୍ୟାଗ କରି ଶ୍ରୀରାମଙ୍କ ଶରଣ ନେଇଥିଲେ।
- ରାବଣକୁ ଉପଯୁକ୍ତ ଶାସ୍ତି ଦେଇ ଶ୍ରୀରାମ ସୀତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ କଲେ।ସମୁଦ୍ରରେ ବନ୍ଧବାନ୍ଧି ଲଙ୍କା ଯାତ୍ରାନୁକୂଳରେ ସେ ଉଦ୍ୟମ କଲେ।
- ଏହା ଦେଖି ରାବଣ କୂଟନୀତି ପ୍ରୟୋଗ କରିବା ଆରମ୍ଭ କଲେ।
- ମନ୍ତ୍ରୀ ଶୁକ ଓ ସାରଣଙ୍କୁ ଚାରରୂପେ ପଠାଇ ବିଭୀଷଣ ଓ ଅଙ୍ଗଦଙ୍କୁ ପ୍ରଭାବିତ କରିବାକୁ ରାବଣ ଉଦ୍ୟମ କଲେ।
- କୂଟନୀତି କରି ରାବଣ ବିଭୀଷଣଙ୍କୁ ପ୍ରଭାବିତ କରିବା ସହ ଅଙ୍ଗଦଙ୍କୁ ବୁଝେଇ ଦେବାକୁ ଚାହିଁଥିଲେ ଯେ ରାମ ତାଙ୍କ ପିତାଙ୍କର ଶତ୍ରୁ।
- ତେଣୁ ସେ ଶ୍ରୀରାମଙ୍କ ପକ୍ଷ ନ ନେଇ ସୁଗ୍ରୀବ ଓ ସୈନ୍ୟସାମନ୍ତଙ୍କୁ ନେଇ ପ୍ରତ୍ୟାବର୍ତ୍ତନ କରିଯିବା ଉଚିତ୍।
- କୂଟନୀତି ପ୍ରବୀଣ ରାବଣ ଶତ୍ରୁରୂପେ ରାମଙ୍କ ସୈନ୍ୟ ଆକଳନ କରିବାର ଧୃଷ୍ଟତା କରି ମଧ୍ୟ ବିଫଳ ଆତ୍ମତୃପ୍ତି ଲାଭ କରିଥିଲେ।
- ବାସ୍ତବିକ ରାବଣର କୂଟନୀତି ଅତ୍ୟନ୍ତ ଜଟିଳ/ଶାଣିତ।

ଚିଲିକାରେ ସାୟନ୍ତନ ଦୃଶ୍ୟ

କବି ପରିଚୟ – କବିବର ରାଧାନାଥ ରାୟ
ଜନ୍ମ- କେଦାରପୁର , ବାଲେଶ୍ୱର (୧୮୪୮ - ୧୯୦୮)
ପ୍ରବନ୍ଧ – 'ବିବେକୀ ' (ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ)

ଗଳ୍ପ- ଇତଳୀୟ ଯୁଗ

ପାଥା କାବ୍ୟ- କେଦାର ଗୌରୀ, ଉଷା , ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ ଓ ପାର୍ବତୀ
ଖଣ୍ଡବାକ୍ୟ - ଚିଲିକା (ପ୍ରକୃତି କାଖ)
ଅସମ୍ପୂର୍ଣ୍ଣ ମହାକାବ୍ୟ - ମହାଯାତ୍ରା ଶ୍ରେଷ୍ଠ ବ୍ୟଙ୍ଗ କାବ୍ୟ - ଦରବାର କାଖ - ଯଜାତି କେଶରୀ, ଦଶରଥ ବିୟୋଗ, ସାବିତ୍ରୀ ଚରିତ, ଉର୍ବଶୀ
କ୍ଷୁଦ୍ର କବିତା- ଶିବାଜୀଙ୍କର ଉତ୍ସାହ ବାକ୍ୟ ,' ଦୁର୍ଯ୍ୟୋଧନଙ୍କର ରକ୍ତ ନଦୀ ସନ୍ତରଣ

୩. କବିତାର ପୃଷ୍ଠଭୂମି

୧ . ପ୍ରକୃତିକୁ ନାୟିକା କରି ଚିଲିକା ଖଣ୍ଡକାବ୍ୟ ରଚନା କରିବାରେ ତାଙ୍କର ବୈଶିଷ୍ଟ୍ୟ ସ୍ୱୀକୃତ। କବିତାଟି ଚିଲିକା ଖଣ୍ଡ କାବ୍ୟରୁ ଆନୀତ।
୨ . ଏଥିରେ ସଂଧ୍ୟାକାଳୀନ ଚିଲିକାର ମନୋରମ ଦୃଶ୍ୟ ବର୍ଣ୍ଣିତ।
୩ . କବିସୂର୍ଯ୍ୟଙ୍କ ଗୀତମୃତ ସ୍ମରଣ, ଜାତୀୟ ଭାବନାର ଉଦ୍‌ବେଳନ, ଜୀବନ ପ୍ରତି ଶାଶ୍ୱତ ବାର୍ତ୍ତା ଓ କବିଙ୍କ ସୌନ୍ଦର୍ଯ୍ୟ ଚିରକୃତି ଆଦି ଏଥିରେ ପ୍ରକାଶିତ।
୪ . କବିତା ଆବୃତ୍ତି (ସ୍ୱର ସହ): "ପ୍ରାଚୀ ମୂଳ ଏବେ ମୀନଜୀବୀ ନାବେ...", ବର୍ଣ୍ଣ ମୟ ଦୃଶ୍ୟ ସାୟନ୍ତନ।
* ଶବ୍ଦାର୍ଥ: କଠିନ ଶବ୍ଦର ଦୂରୀକରଣ (ପୁସ୍ତକ ଅନୁସରଣ କରିବେ)।

୫. ସାରମର୍ମ: ବହୁତ ସହଜ ଓ ସରଳ ଭାଷାରେ କବିତାର ସାରାଂଶ ବର୍ଣ୍ଣନା।

୧. କବିସୂର୍ଯ୍ୟ ବଳଦେବ ରଥଙ୍କ ଗୀତାମୃତ।
୨. ଚିଲିକାର ଅପୂର୍ବ ଶୋଭା ସହ ମୀନଜୀବୀଙ୍କ ଭାବାବେଶ।
୩. ଚିଲିକା ମତ୍ସ୍ୟଜୀବୀଙ୍କ ମାଛଧରା କୌଶଳ।
୪. ମତ୍ସ୍ୟଜୀବୀଙ୍କ ପ୍ରଜ୍ୱଳିତ ମଶାଲରେ ଚିଲିକାର ଶୋଭା।
୫. ଚିଲିକାର ଉଭାଳ ତରଙ୍ଗରେ ନାବିକର ଦୋଳାୟିତ ବୋଇତ।
୬. ଜ୍ୟୋସ୍ନା ପ୍ଲାବିତ ଧରଣୀର ଚିତ୍ର।
୭. ଚିଲିକାର ପ୍ରଶାନ୍ତ ରୂପ ଓ ପରିବେଶ।
୭- ବ୍ୟାକରଣ ଭିତ୍ତିକ ପ୍ରଶ୍ନ ର ଉତ୍ତର:-ପ୍ରତିଶବ୍ଦ, ସନ୍ଧିବିଚ୍ଛେଦ, ଅର୍ଥଗତ, ପାର୍ଥକ୍ୟ

୧୧.ବିଗତ ବର୍ଷମାନଙ୍କର ବୋର୍ଡ଼ ବିକଳ୍ପ ପ୍ରଶ୍ନୋତ୍ତର)

୧. କବି ରାଧାନାଥ କାହାକୁ ଉଲ୍ଲାସର ଆତ୍ମ ପରି ମନେ କରିଛନ୍ତି? (2025-A)
(A) ପିତା ମୃତକୁ
(B) ଗୀତ ତାନକୁ
(C) ଭାବାନ୍ତ ରକୁ
(D) ଆବେଗକୁ
ଉ - (B) ଗୀତ ତାନକୁ
୨. ରାଧାନାଥଙ୍କ 'ଚିଲିକା' କାବ୍ୟ _____ 2025 A

(A) ଅର୍ଦ୍ଧ କାବ୍ୟ
(B) ମହାକାବ୍ୟ
(C) ଖଙ୍ଗ କାବ୍ୟ
(D) ଖଣ୍ଡ କାବ୍ୟ
ଉ - (D) ଖଣ୍ଡ କାବ୍ୟ
୩. ' ନିଶା ଆଗମନରେ କିଏ ନିଶ୍ଚଳ ହୋଇଛି? (2021-22, SA-1)
(A) ଅବନୀ
(B) ବନଭୂମି
(C) ଚିଲିକା
(D) ଦ୍ୱୀପ ଶୈଳ
ଉ - (A) ଅବନୀ
୪. ପଠିତ କବିତାରେ କାହାକୁ ' ଜ୍ୟୋସ୍ନା-ଦୁକୁଲ ବାସିନୀ' ବୋଲି କୁହାଯାଇଛି? (2021-22)
(A) ଚିଲିକାକୁ
(B) ଦିଗଙ୍ଗନାକୁ
(C) ଭାଲେରିକୁ
(D) ବନଭୂମିକୁ
ଉ - (B) ଦିଗଙ୍ଗନାକୁ
୫. ହ୍ରଦର ମଧ୍ୟଭାଗରୁ କାହାର ପ୍ରତିବୀମ୍ବ ଶୋଭା ପାଉଛି ବୋଲି କବି କହିଛନ୍ତି? (2022)
(A) ସୂର୍ଯ୍ୟଙ୍କର
(B) ନୌକାର
(C) ନାବିକର
(D) ଦ୍ୱୀପ ମଧ୍ୟସ୍ଥ ପାହାଡ଼ର
ଉ - (D) ଦ୍ୱୀପ ମଧ୍ୟସ୍ଥ ପାହାଡ଼ର
୬. ପୂର୍ବ ଦିଗବଳୟରେ କବି କାହାର ଛାୟାକର ଚିତ୍ର ଦେଖିଛନ୍ତି? (2022)
(A) ଭାଲେରି ପର୍ବତର
(B) ଦ୍ୱୀପ-ଶୈଳର
(C) ବନଭୂମି ର
(D) ମୀନଜୀବୀମାନଙ୍କ ନାବର
ଉ - (D) ମୀନଜୀବୀମାନଙ୍କ ନାବର
୭. ଦିଗଙ୍ଗନାଙ୍କର ଦୁକୁଳ ସହିତ କାହାକୁ ତୁଳନା କରାଯାଇଛି? (2019)
(A) ଚିଲିକାର ନୀଳ ଜଳକୁ
(B) ଜ୍ୟୋସ୍ନାକୁ
(C) ଉଲ୍ଲାସକୁ
(D) ଗୀତ-ତାନକୁ
ଉ - (B) ଜ୍ୟୋସ୍ନାକୁ

୯. ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି? (2021-A)
(A) ଗମ୍ଭୀର

(B) ନିଶ୍ଚଳ
(C) କୋଳାହଳପୂର୍ଣ୍ଣ
(D) ନିଶବ୍ଦ
ଉ - (B) ନିଶ୍ଚଳ
୧୦. କବି ଆଗମନରେ କିଏ ଲୋକାଳୟ ତ୍ୟାଗ କରି ଗିରିବନ ଦେଶରେ ଆଶ୍ରୟ ନେଇଥିବା କବି ସମ୍ଭାବନା କରିଛନ୍ତି? (2021 -A)
(A) ଶାନ୍ତି
(B) ଗୋପାଳ
(C) ମୀନଜୀବୀ
(D) ମୃତ୍ୟୁଞ୍ଜୟୀ
ଉ - (A) ଶାନ୍ତି
୧୧. ସର୍ବମଣ୍ଡିତ ଶିବଙ୍କ ସହିତ କବି କାହାକୁ ତୁଳନା କରିଛନ୍ତି?
A. ଚିଲିକା
B. ବନଭୂମି
C. ଜ୍ୟୋସ୍ନା
D. ଦ୍ୱୀପ - ଶୈଳ
* ଉତ୍ତର: B. ବନଭୂମି

୧୨. ନିଶୀଥିନୀର ପ୍ରଭାବରୁ କିଏ ପ୍ରଚାର କରୁଛି?
A. ଲୋକ କୋଳାହଳ
B. ଜ୍ୟୋସ୍ନା ଲୋକ
C. ଦୂର ଝରନାଦ
D. ଚିଲିକା ମାରୁତ
* ଉତ୍ତର: C. ଦୂର ଝରନାଦ
୧୩. ମଶାଲ ଦେଖି ମୀନମାନେ କଣ କରିବେ?
A. ଦୂରକୁ ଚାଲିଯିବେ
B. ତରୀ ଗର୍ଭରେ ପଡ଼ି ପ୍ରାଣ ଦେବେ
C. ଜାଲରେ ପଡ଼ିବେ
D. ଗର୍ଭରେ ଗର୍ତ୍ତରେ ପଡ଼ିବେ
ଉତ୍ତର: B. ତରଣୀ ଗର୍ଭରେ ପଡ଼ି ପ୍ରାଣ ଦେବେ
୧୪. ଚିଲିକା ପବନରେ କେଉଁ କବିଙ୍କ ସଙ୍ଗୀତ ଭାସି ଆସୁଥିଲା?
A. କବିସମ୍ରାଟ
B. କବିଚନ୍ଦ୍ର
C. କବିବର
D. କବିସୂର୍ଯ୍ୟ
* ଉତ୍ତର: D. କବିସୂର୍ଯ୍ୟ

୧୫. ସମୁଦ୍ର ମୁହାଁଣରୁ ମାଛ ଧରି ଧୀବରମାନେ କେଉଁ କଥା ଭାବି ଫେରୁଥିଲେ?

* A. ମାଛ ବିକିବା କଥା
* B. ସାଥୀ ଧୀବରbମାନଙ୍କ କଥା
* C. ନୌକା ଚଳାଇବା କଥା
* D. ନିଜ ଘର କଥା
* ଉତ୍ତର: D. ନିଜ ଘର କଥା

୧୬. ଭାଲେରୀ ପର୍ବତ ଚିଲିକାର କେଉଁ ଦିଗରେ ଅବସ୍ଥିତ?

* A. ପୂର୍ବ
* B. ଦକ୍ଷିଣ
* C. ପଶ୍ଚିମ
* D. ଉତ୍ତର
* ଉତ୍ତର: C. ପଶ୍ଚିମ

୧୭. ପଠିତ କବିତାରେ କଳି ଉପଦ୍ରବରେ ଲୋକାଳୟ ତ୍ୟାଗ କରି କିଏ ଗିରିବନ ଦେଖେଇ ଆଶ୍ରୟ ନେଇଥିବାର ସମ୍ଭାବନା କରାଯାଇଛି?

* A. ଶାନ୍ତି
* B. ସତ୍ୟ
* C. ପ୍ରୀତି
* D. ମୈତ୍ରୀ
* ଉତ୍ତର: A. ଶାନ୍ତି

୧୮. ମୀନ ଆକର୍ଷଣ ଆଶାରେ ପୋତପାଳ ତରଣୀରେ କଣ କରେ?

* A. ମଶାଲ ଜଳାଏ
* B. ଜାଲ ବାନ୍ଧେ
* C. ଗୀତ ଗାଏ
* D. ଖାଦ୍ୟ ପକାଏ
* ଉତ୍ତର: A. ମଶାଲ ଜଳାଏ

୧୯. "ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ" - ଏ କଥା କାହାକୁ ଲକ୍ଷ୍ୟ କରି କୁହାଯାଇଛି?

* A. କବିସୂର୍ଯ୍ୟ ବଳଦେବ ରଥ
* B. କବିବର ରାଧାନାଥ ରାୟ

* C. ଭକ୍ତକବି ମଧୁସୂଦନ ରାଓ
* D. ପ୍ରକୃତ କବି ଗଙ୍ଗାଧର ମେହେର
* ଉତ୍ତର: A. କବିସୂର୍ଯ୍ୟ ବଳଦେବ ରଥ
ସମ୍ଭାବିତ ବହୁବିକଳ୍ପ ପ୍ରଶ୍ନ ଉତ୍ତର- ୨୦୨୬
୧. ଚିଲିକା କାବ୍ୟରେ କବି କାହାକୁ ନାୟିକା ଭାବରେ ଉପସ୍ଥାପନ କରିଛନ୍ତି?

* A. ପ୍ରକୃତିକୁ
* B. ଲାବଣ୍ୟବତୀ
* C. ସୀତାଙ୍କୁ
* D. ଲକ୍ଷ୍ମୀଙ୍କୁ
* ଉତ୍ତର: A. ପ୍ରକୃତିକୁ

୨. ଚିଲିକାର ସାୟନ୍ତନ ଦୃଶ୍ୟ କବିତାରେ କେଉଁ ସମୟର ମନୋରମ ଦୃଶ୍ୟ ବର୍ଣ୍ଣିତ?

* A. ପ୍ରଭାତକାଳୀନ
* B. ମଧ୍ୟାହ୍ନ ସମୟର
* C. ସଂଧ୍ୟାକାଳୀନ
* D. ଅର୍ଦ୍ଧରାତ୍ର ସମୟର
* ଉତ୍ତର: C. ସନ୍ଧ୍ୟାକାଳୀନ
୩. "ଗଲାଣି ତ ଗଲା କଥାରେ ସଙ୍ଗାତ" - ଏହା କବିସୂର୍ଯ୍ୟ ବଳଦେବ ରଥଙ୍କର କେଉଁ କାବ୍ୟର ଅଂଶ ବିଶେଷ?

* A. କିଶୋର ଚନ୍ଦ୍ରାନନ ଚମ୍ପୂ
* B. ଚନ୍ଦ୍ରକଳା
* C. ଚକାଡ଼ୋଳା ଭଜନ
* D. ସର୍ପ ଜନାଣ
* ଉତ୍ତର: A. କିଶୋର ଚନ୍ଦ୍ରାନନ ଚମ୍ପୂ

୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ରାଧାନାଥଙ୍କ କୃତି?

* A. ଉର୍ବଶୀ
* B. ରସପଞ୍ଚକ
* C. କିଶୋର ଚନ୍ଦ୍ରାନନ ଚମ୍ପୂ
* D. ତପସ୍ୱିନୀ
* ଉତ୍ତର: A. ଉର୍ବଶୀ

୫. କବିବର ରାଧାନାଥ ରାୟ୍ ଆଧୁନିକ ଓଡ଼ିଆ କାବ୍ୟଧାରାର କଣ ଥିଲେ?

* A. ପ୍ରକୃତି କବି

* B. ଭିତ୍ତି ସଂସ୍ଥାପକ
* C. ଶ୍ରେଷ୍ଠ କବି
* D. ବରେଣ୍ୟ ପ୍ରତିଭା
* ଉତ୍ତର: B. ଭିତ୍ତି ସଂସ୍ଥାପକ

୬. ଚିଲିକାର କେଉଁ ସମୟର ଦୃଶ୍ୟକୁ କବି ବର୍ଣ୍ଣନା ମୟ୍ ବୋଲି କରିଛନ୍ତି?

* A. ପ୍ରଭାତକାଳୀନ
* B. ଅପରାହ୍ନ ସମୟର
* C. ସଂଧ୍ୟାକାଳୀନ
* D. ରାତ୍ରିକାଳୀନ
* ଉତ୍ତର: C. ସଂଧ୍ୟାକାଳୀନ

୭. ମୀନଜୀବୀମାନେ ମାଛ ଧରିସାରି ଫେରୁଥିବା ବେଳେ କେଉଁ କଥା ଭାବୁଥିଲେ?

* A. ପତ୍ନୀ କଥା
* B. ପୁତ୍ର କଥା
* C. ଗୃହ କଥା
* D. ବ୍ୟବସାୟ କଥା
* ଉତ୍ତର: C. ଗୃହ କଥା

୮. କେଉଁ ପାହାଡ଼ର ଶିଖରରେ ମତ୍ସ୍ୟଜୀବୀମାନେ ସଂଧ୍ୟା ତାରା ଦେଖୁଥିଲେ?

* A. ଭାଲେରୀ
* B. ବରୁଣେଇ
* C. କାଳିଜାଇ
* D. ଗଡ଼ଚଣ୍ଡୀ
* ଉତ୍ତର: A. ଭାଲେରୀ

୯. ଦିଗଙ୍ଗନାମାନେ କେଉଁ ବସ୍ତ୍ର ପରିଧାନ କରିଛନ୍ତି ବୋଲି କବି କଳ୍ପନା କରିଛନ୍ତି?

* A. ପାଟ ବସ୍ତ୍ର
* B. ଝିନ ବସ୍ତ୍ର
* C. ଅମ୍ଳାନ ବସ୍ତ୍ର
* D. ଜ୍ୟୋସ୍ନା ଦୁକୁଳ
* ଉତ୍ତର: D. ଜ୍ୟୋସ୍ନା ଦୁକୁଳ
* ଏଠାରେ ଆପଣଙ୍କ ପ୍ରଶ୍ନଗୁଡ଼ିକର ଶୁଦ୍ଧ ଓଡ଼ିଆ ରୂପାନ୍ତର ଏବଂ ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦିଆଗଲା:
୧୦. କବି କାହାକୁ ଆୟୁଷ୍ମାନ ବୋଲି କହିଛନ୍ତି?

* A. ମାଟି ଦେହକୁ
* B. ଶୂନ୍ୟ ଦେହକୁ
* C. ଯଶୋ ଦେହକୁ
* D. ବିଦେହକୁ
* ଉତ୍ତର: C. ଯଶ ଦେହକୁ

୧୧. ଦୁଃଖୀ ମନର ଆଶା ସହିତ କବି କାହାକୁ ତୁଳନା କରିଛନ୍ତି?

* A. ମଶାଲକୁ
* B. ମଶାଲର ଶିଖାକୁ
* C. ନାବିକର ଆଶାକୁ
* D. ନୌକାକୁ
* ଉତ୍ତର: B. ମଶାଲର ଶିଖାକୁ

୧୨. ପ୍ରାଚୀ ଦିଗ କହିଲେ କେଉଁ ଦିଗକୁ ବୁଝାଏ?

* A. ପୂର୍ବ
* B. ପଶ୍ଚିମ
* C. ଉତ୍ତର
* D. ଦକ୍ଷିଣ
* ଉତ୍ତର: A. ପୂର୍ବ

୧୩. ଚଉଦିଗରେ କେଉଁମାନେ ହସନ୍ତି ବୋଲି କବି କହିଛନ୍ତି?

* A. ଦେବୀମାନେ
* B. ଦିଗଙ୍ଗନାମାନେ
* C. ପର୍ଯ୍ୟଟକମାନେ
* D. ଦେବତାମାନେ
* ଉତ୍ତର: B. ଦିଗଙ୍ଗନାମାନେ

୧୪. ପୋତପାଳମାନେ ରାତିରେ ତରଣୀରେ କଣ ଜାଳନ୍ତି?

* A. ପ୍ରଦୀପ
* B. ମଶାଲ
* C. ବର୍ତ୍ତକ
* D. ଆଲୋକ
* ଉତ୍ତର: B. ମଶାଲ

୧୫. ଦ୍ୱୀପ ଓ ଶୈଳ ମାନଙ୍କର ପ୍ରତିବିମ୍ବ କେଉଁଠାରେ ସୃଷ୍ଟାକାରେ ଶୋଭା ପାଉଛି?

* A. ହ୍ରଦର ଚତୁର୍ଦିଗରେ
* B. ହ୍ରଦ ବକ୍ଷରେ
* C. ହ୍ରଦର ଅନ୍ତଃସ୍ଥଳରେ
* D. ହ୍ରଦ ଉପରେ
* ଉତ୍ତର: C. ହ୍ରଦର ଅନ୍ତଃସ୍ଥଳରେ

୧୬. ' ଚନ୍ଦ୍ରଚୁଡ' କହିଲେ କେଉଁ ଦେବତା କୁ ବୁଝାଏ ?
(A) ଚନ୍ଦ୍ରଙ୍କୁ
(B) ପର୍ବତ ରାଜ ଙ୍କୁ
(C) ମହାଦେବ ଙ୍କୁ
(D) ବିଷ୍ଣୁଙ୍କୁ
ଉ - (C) ମହାଦେବ ଙ୍କୁ

୧୭. କେଉଁ କବିଙ୍କୁ କବିସୂର୍ଯ୍ୟ ଆଖ୍ୟା ଦିଆଯାଇଛି ?
(A) କାଳୀଚରଣ ପଟ୍ଟନାୟକ
(B) ଉପେନ୍ଦ୍ର ଭଞ୍ଜ
(C) ପ୍ରତିଭା ରାୟ
(D) ବଳଦେବ ରଥ
ଉ - (D) ବଳଦେବ ରଥ

୧୮. ' କିଶୋର ଚନ୍ଦ୍ରାନନ ଚମ୍ପ' କାହାର ଏକ କକାଦୟୀ ସୃଷ୍ଟି?
(A) ଅଭିମନ୍ୟୁ ସାମନ୍ତସିଂହାର
(B) ବଳଦେବ ରଥ
(C) ନୀଳକଣ୍ଠ ଭଞ୍ଜ
(D) ସାରଳା ଦାସ
ଉ - (B) ବଳଦେବ ରଥ

୧୯. 'ବାଣୀଶ୍ୱରୀ' କହିଲେ କେଉଁ ଦେବୀଙ୍କୁ ବୁଝାଏ ?
(A) ଲକ୍ଷ୍ମୀଙ୍କୁ
(B) କାଳୀଙ୍କୁ
(C) ସରସ୍ୱତୀଙ୍କୁ
(D) ପାର୍ବତୀଙ୍କୁ
ଉ - (C) ସରସ୍ୱତୀଙ୍କୁ

୨୦. କବି କାହାକୁ ଉତ୍ତଳ ଭୁବନରେ ମୃତ୍ୟୁଞ୍ଜୟ ବୋଲି କହିଛନ୍ତି ?
(A) ଚିଲିକାକୁ
(B) ମୀନ ଜୀବୀ ମାନଙ୍କୁ
(C) ବଳଦେବ ରଥଙ୍କୁ

(D) ଦେବୀ ବାଣୀଶ୍ୱରୀଙ୍କୁ
ଉ - (C) ବଳଦେବ ରଥଙ୍କୁ
୨୧. ମୀନମାନେ କେଉଁଠାକୁ ଡେଇଁ ପ୍ରାଣ ଦେବେ ବୋଲି କବି କହିଛନ୍ତି ?
(A) ତରୀ ଗର୍ଭକୁ
(B) ଚିଲିକା ଗର୍ଭକୁ
(C) ପାପ ଗର୍ଭକୁ
(D) ଜାଲକୁ
ଉ -(A) ତରୀ ଗର୍ଭକୁ
୨୨. ନିଶା ଆଗମନରେ ଧରଣୀ ର ଅବସ୍ଥା କଣ ହୋଇଛି ?
(A) କୋଳାହଳମୟ
(B) ଲୋକ ଶୂନ୍ୟ
(C) ନିଶ୍ଚଳ
(D) ମରୁଭୂମି ତୁଲ୍ୟ
ଉ - (C) ନିଶ୍ଚଳ
୨୩. ଛାୟା ମିଶ୍ରିତ ଆଲୋକରେ ବନସ୍ଥଳୀ ର ଦୃଶ୍ୟକୁ କାହା ରୂପ ସହିତ ତୁଳନା କରାଯାଇଛି?
(A) ସାଧାରଣ ସର୍ପର
(B) ସର୍ପଭୂଷିତ ମହାଦେବଙ୍କ ତନୁର
(C) ମଣିଚୁଡ ସର୍ପର
(D) ବାସୁକୀର
ଉ - B) ସର୍ପଭୂଷିତ ମହାଦେବଙ୍କ ତନୁର
୨୪. କଳି ଉପଦ୍ରେବ ହେତୁ ଲୋକାଳୟ ତ୍ୟାଗ କରି ଶାନ୍ତି ଦେବୀ କେଉଁଠାରେ ଆଶ୍ରୟ ନେଲେ ବୋଲି କହିଛନ୍ତି ?
(A) ବୈକୁଣ୍ଠ ରେ
(B) ଚିଲିକାରେ
(C) ସମୁଦ୍ରରେ
(D) ସମୁଦ୍ର ମୁହାଣରେ
ଉ -(B) ଚିଲିକାରେ
୨୫. ନଦୀ ବା ସମୁଦ୍ର ମଧକୁ ପଶିଯାଇଥିବା ପର୍ବତ ବା ସ୍ଥଳଭାଗକୁ କଣ କୁହାଯାଏ ?
(A) ନାସି
(B) ନାଳ
(C) ଦ୍ୱୀପ
(D) ଶୈଳ
ଉ - (A) ନାସି
୨୬. ହ୍ରଦ ମଧଭାଗରେ କାହାର ପ୍ରତିବିମ୍ବ ଶୋଭାପାଉଛି?
(A) ଉପବନର
(B) ବନର
(C) ଶୈଳର
(D) ସମୁଦ୍ରର
ଉ - (C) ଶୈଳର

୨୭. ଅଜ୍ଞାନ କେଉଁ ଗର୍ତ୍ତରେ ପଦେ ?
(A) ନିଜେ ଖୋଳୁଥିବା ଗର୍ତ୍ତରେ
(B) ପାପ ଗର୍ତ୍ତରେ
(C) ସମସ୍ତ ଗର୍ତ୍ତରେ
(D) ସର୍ବ ଗର୍ତ୍ତରେ
ଉ - (B) ପାପ ଗର୍ତ୍ତରେ
୨୮. ଜ୍ୟୋତ୍ସ୍ନା ବିଧୌତ ଜଳ , ସ୍ଥଳ ଓ ଆକାଶ କାହାଦ୍ୱାରା ଧୌତ ହେଲାପରି ଲାଗୁଥିଲା ?
(A) ସୁବର୍ଣ୍ଣ
(B) ରୌପ୍ୟ
(C) ତାମ୍ର
(D) ପାରଦ
ଉ - (D) ପାରଦ

୨୯. ଚିଲିକାର ଜଳରାଶି ଜ୍ୟୋତ୍ସ୍ନା ଶ୍ରବରେ ଭାସି କାହା ପରି ଦୃଶ୍ୟମାନ ହେଉଥିଲା?

* A. ରକ୍ତ ସୋଦର
* B. ଚୂର୍ଣ୍ଣ ସୋଦର
* C. କ୍ଷୀରୋଦ ସୋଦର
* D. ବର୍ଣ୍ଣ ସୋଦର
* ଉତ୍ତର: C. କ୍ଷୀରୋଦ ସୋଦର

୩୦. "ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ" ଏହି ଉକ୍ତିଟି କବି କାହା ଉଦ୍ଦେଶ୍ୟରେ ପ୍ରକାଶ କରିଛନ୍ତି?

* A. ଦୁଇ କୂଳରେ ବାସ କରୁଥିବା ସ୍ତ୍ରୀ
* B. ଦିଗଙ୍ଗନା
* C. ଚିଲିକା
* D. ଭାଲେରୀ
* ଉତ୍ତର: B. ଦିଗଙ୍ଗନା

୩୧. "ମୃତ୍ୟୁଞ୍ଜୟ ତୁମେ ଉଜ୍ଜଳ ଭୁବନେ" - ଏହା କାହା ଉଦ୍ଦେଶ୍ୟରେ କୁହାଯାଇଛି?

* A. କବିସୂର୍ଯ୍ୟ
* B. କବି ମଞ୍ଜୁଳ
* C. କବିବର
* D. କବିସମ୍ରାଟ
* ଉତ୍ତର: A. କବିସୂର୍ଯ୍ୟ

୩୨. ପଠିତ କବିତାରେ କେଉଁ ଭାବନାର ଉଦ୍‌ବେଳନ ଦୃଷ୍ଟିଗୋଚର ହୋଇଥାଏ?

* A. ଜାତୀୟ ଭାବନା
* B. ଅନ୍ତରର ଭାବନା
* C. ପବିତ୍ର ଭାବନା
* D. ସାରସ୍ୱତ ଚିନ୍ତନ
* ଉତ୍ତର: A. ଜାତୀୟ ଭାବନା

୩୩. ଶ୍ମଶାନ କାହାକୁ ଗ୍ରାସି ଦେଇଛି?

* A. ବଳଦେବଙ୍କ ଆତ୍ମିକ ଶରୀର
* B. ବଳଦେବ ରଥଙ୍କ ପାର୍ଥିବ ଶରୀର
* C. କବିବରଙ୍କ ଆତ୍ମିକ ଶରୀର
* D. କବିବରଙ୍କ ପାର୍ଥିବ ଶରୀର
* ଉତ୍ତର: B. ବଳଦେବ ରଥଙ୍କ ପାର୍ଥିବ ଶରୀର

୩୪. କବି ରାତ୍ରିକାଳରେ କାହାର ଝଙ୍କାର ଶୁଣିଛନ୍ତି?

* A. ସ୍ୱର ଝଙ୍କାର
* B. ଗୀତାମୃତର ଝଙ୍କାର
* C. ଝିଞ୍ଜି (ଝିଙ୍କାରୀ) ର ଝଙ୍କାର
* D. ପବନର ଝଙ୍କାର
* ଉତ୍ତର: C. ଝିଞ୍ଜି (ଝିଙ୍କାରୀ) ର ଝଙ୍କାର

୩୫. "ଧନ୍ୟ ରଥେ..." - ଏଠାରେ 'ରଥେ' ବୋଲି କବି କାହାକୁ ସମ୍ବୋଧନ କରିଛନ୍ତି?

* A. ଶ୍ରୀକୃଷ୍ଣଙ୍କ ରଥକୁ
* B. ସୂର୍ଯ୍ୟଙ୍କ ରଥକୁ
* C. ବଳଭଦ୍ରଙ୍କ ରଥକୁ
* D. ବଳଦେବ ରଥଙ୍କୁ
* ଉତ୍ତର: D. ବଳଦେବ ରଥଙ୍କୁ

୩୬. " ନିବର୍ତ ଅବନୀ ହେଉଛି ନିଶ୍ଚଳ" - ରେଖାଙ୍କିତ ପଦ (ଅବନୀ)ର ଅର୍ଥ କଣ?

* A. ଆକାଶ
* B. ପୃଥିବୀ
* C. ସାଗର
* D. ହ୍ରଦ
* ଉତ୍ତର: B. ପୃଥିବୀ

୩୭. କାହା ମନରେ ଆଶାର ଉତ୍ଥାନ ପତନ ହୁଏ ବୋଲି କବି କହିଛନ୍ତି?

* A. ମନିଷ ମନରେ
* B. ଆଶାୟୀ ମନରେ
* C. ସୁଖୀ ମନରେ
* D. ଦୁଃଖୀ ମନରେ
* ଉତ୍ତର: D. ଦୁଃଖୀ ମନରେ

୩୮. "ଦିଗଙ୍ଗନା" ଶବ୍ଦ ସହ କବିତାର ନିମ୍ନଲିଖିତ କେଉଁ ଶବ୍ଦ ସହିତ ସମ୍ପର୍କିତ?

* A. ମଧୁର ହାସିନୀ
* B. ବାଗୀଶ୍ୱରୀ
* C. ଚନ୍ଦ୍ରଚୂଡ଼
* D. ଅନୁର୍ହିତ
* ଉତ୍ତର: A. ମଧୁର ହାସିନୀ

୩୯. "ଭାବେ... ପରି ଅଟଇ ସେ, ସ୍ୱର୍ଗେ ମାରାତ୍ମକ ରୂପେ ରମ୍ୟ ଦିଶେ।"

* A. ପାପମୂର୍ତ୍ତି
* B. ପାପଯୂଥ
* C. ପାପବିଗ୍ରହ
* D. ପାପବସ୍ତୁ
* ଉତ୍ତର: A. ପାପମୂର୍ତ୍ତି

୪୦. କେଉଁମାନେ ଚନ୍ଦ୍ର କିରଣରେ ହୁଡୁ ହୁଡୁ ହୋଇଛନ୍ତି ବୋଲି କବି ବର୍ଣ୍ଣନା କରିଛନ୍ତି?

* A. ଚିଲିକା
* B. ବନଭୂମି
* C. ଜଳଭାଗ
* D. ଜଳସ୍ଥଳ ଓ ଆକାଶ
* ଉତ୍ତର: D. ଜଳସ୍ଥଳ ଓ ଆକାଶ

୪୧. ସଙ୍ଗୀତର ପ୍ରଭାବରେ ମନ କେଉଁଠାରେ ବିଚରଣ କରୁଥିଲା?

* A. ଅତୀନ୍ଦ୍ରିୟ ଦେଶରେ
* B. ଇନ୍ଦ୍ରିୟ ଜଗତରେ
* C. ବୈକୁଣ୍ଠପୁରରେ

* D. ମହାଶୂନ୍ୟରେ
* ଉତ୍ତର: A. ଅତୀନ୍ଦ୍ରିୟ ଦେଶରେ
ବିଗତ ବର୍ଷ ମାନଙ୍କର ବୋର୍ଡ଼ର ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :
* ୧. କବି ରାଧାନାଥ, କବିସୂର୍ଯ୍ୟଙ୍କ ସଙ୍ଗୀତ ସମ୍ପର୍କରେ ଯାହା କହିଛନ୍ତି ତାହାର ମାର୍ମିକ ଅବତାରଣା କର। (୨୦୨୪ A)
* ୨. ପଠିତ କବିତା ଆଧାରରେ ମୀନଜୀବୀମାନଙ୍କର ଭାବବେଶ ସମ୍ପର୍କରେ ସୂଚନା ପ୍ରଦାନ କର। (୨୦୨୨ SA-୧)
* ୩. ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର। (୨୦୨୦ A, ୨୦୧୮ A, ୨୦୧୬ A, ୨୦୧୫ S, ୨୦୧୪ A)
ସମ୍ଭାବିତ ପ୍ରଶ୍ନ (୨୦୨୬):

* ୧. ପଠିତ କବିତା ଅବଲମ୍ବନରେ ଚିଲିକାର ଯେଉଁ ରୂପ ରାତି କବି ମାନସରେ ଉଦ୍ଭାସିତ ହୋଇଛି, ତାହା ବର୍ଣ୍ଣନା କର।
* ୨. ରୂପସୀ ଚିଲିକାର ସନ୍ଧ୍ୟାକାଳୀନ ନୈସର୍ଗିକ ପରିବେଶ କିପରି କବିବର ଙ୍କ ଲେଖନୀରେ ଫୁଟି ଉଠିଛି, ତାହା ପଠିତ କବିତା ଆଧାରରେ ଆଲୋଚନା କର।
ସପ୍ରସଙ୍ଗ ସରଳାର୍ଥ ବିଗତ ବର୍ଷ ମାନଙ୍କର
୧. ଉଲ୍ଲାସର ଆତ୍ମା ପ୍ରାୟେ ଗୀତ ତାନ
ହ୍ରଦ- ନୀଳ- ବକ୍ଷେ କରେ ଅଧିଷ୍ଠାନ
୨୦୧୭ A
୨. ପାପ ପରେ ଯେହ୍ନେ ପଡଇ ଅଜ୍ଞାନ
ତରୀ -ଗର୍ଭେ ମୀନେ ଡେଇଁ ଦେବ ପ୍ରାଣ ୨୦୧୫ A
ସମ୍ଭାବିତ ସପ୍ରସଙ୍ଗ ସରଳାର୍ଥ ୨୦୨୬ A
୧. କଳି ଉପଦ୍ରବେ ଭଞ୍ଜୀ ଲୋକାଳୟ
ଶାନ୍ତି କି ଏ ସ୍ଥଳେ ରହିଲେ ଆଶ୍ରୟ
୨. ପ୍ରତିବିମ୍ବ ରାତି ଦ୍ୱୀପ ଶୈଳ ତଳେ
ସ୍ପଷ୍ଟ କରେ ଶୋଭେ ହ୍ରଦ ଅନୁସ୍ଥଳେ
୩. ତୁମ୍ଭ ମାଟି ଦେହ ଗ୍ରାସିଛି ସ୍ମଶାନ
ମାତ୍ର ଯଶୋ ଦେହେ ତୁମ୍ଭେ ଆୟୁଷ୍ମାନ।

ସରଳାର୍ଥ :-

1. 'ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନହ୍ରଦ ନୀଳ-ବକ୍ଷେ କରେ ଅଧିଷ୍ଠାନ'।"

ଉଲ୍ଲାସର ଆତ୍ମା ..... କରେ ଅଧିଷ୍ଠାନ।"

ଉକ୍ତ ପଦ୍ୟାଂଶଟି କବିବର ରାଧାନାଥ ରାୟଙ୍କ ରଚିତ 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିତାରୁ ଆନୀତ । ଏଠାରେ କବି ମୀନଜୀବୀମାନଙ୍କ କଣ୍ଠରୁ ଭାସି ଆସୁଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ ଗୀତାମୃତ ସତେ ଯେପରି ନୀଳ ହ୍ରଦର ବକ୍ଷରେ ଅଧିଷ୍ଠାନ କରିଥିବା ବିଷୟକୁ ବର୍ଣ୍ଣନା କରିଛନ୍ତି ।

- ସୌନ୍ଦର୍ଯ୍ୟଭରା ଚିଲିକା ମୀନଜୀବୀମାନଙ୍କର ଜୀବିକାର ସ୍ଥଳ ।
- ସେମାନେ ସମୁଦ୍ର ମୁହାଣରୁ ମତ୍ସ୍ୟଧରିବା ସମୟରେ ଯେତେବେଳେ ଭାଲେରୀ ଶିଖରରେ ସନ୍ଧ୍ୟାତାରା ଦେଖନ୍ତି, ସେତେବେଳେ କାଳବିଳମ୍ବ ନ କରି ଗୃହାଭିମୁଖୀ ହେଉଥିବାବେଳେ, କବିସୂର୍ଯ୍ୟଙ୍କ ଗୀତାମୃତ ତାଙ୍କ କଣ୍ଠରୁ ଭାସିଆସେ ।
- ସତେ ଯେପରି ସେହି ଗୀତାମୃତ ଉଲ୍ଲାସଦାୟକ ହୋଇ ଚିଲିକାର ମାରୁତରେ ବହିଆସି ଆତ୍ମାକୁ ଆନନ୍ଦଦାୟକ ଦେବା ସହ ଚିଲିକା ଜଳରେ ଅଧିଷ୍ଠାନ କଲାପରି ଭ୍ରମ ସୃଷ୍ଟି କରେ ।

- ଉକ୍ତ ପ୍ରସଙ୍ଗଟି କବିସୂର୍ଯ୍ୟଙ୍କ କବି ଚାତୁରୀର ଅକ୍ଷୁର୍ଣ୍ଣ ପ୍ରମାଣ ଦିଏ ।

2. **କଳି ଉପଦ୍ରବେ ତ୍ୟଜି ଲୋକାଳୟ**
   ଶାନ୍ତି କି ଏ ସ୍ଥଳ ଭଜିଲେ ଆଶ୍ରୟ ?"

"କଳି ଉପଦ୍ରବେ - - - ଭଜିଲେ ଆଶ୍ରୟ। "

_"ଉକ୍ତ ପଦ୍ୟାଂଶଟି କବିବର ରାଧାନାଥ ରାୟଙ୍କ ରଚିତ 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିତାରୁ ଆନୀତ । ଏଠାରେ କବି କଳିଯୁଗର ଅଶାନ୍ତ ଜୀବନରୁ ମୁକ୍ତି ପାଇବାପାଇଁ ଯଦି ସନ୍ଧ୍ୟା ସମୟରେ ଚିଲିକାର ମନୋରମ। ଦୃଶ୍ୟକୁ ଉପଭୋଗ କରିବା, ତେବେ ନିଶ୍ଚିତ ମନକୁ ଶାନ୍ତି ଆସିବ, ଏ ବିଷୟରେ ଉପସ୍ଥାପନ କରିଛନ୍ତି ।ପ୍ରକୃତିର ଶାଶ୍ୱତ ରୂପକୁ ପରିପ୍ରକାଶ କରୁଥିବା ସୌନ୍ଦଯ୍ୟମଯ୍ୀ ଚିଲିକାର ସନ୍ଧ୍ୟା କାଳୀନ ଦୃଶ୍ୟ ଅତି ମନୋହର ଅଟେ ।ସନ୍ଧ୍ୟା ସମଯ୍ ଉପଗତ ହେଲେ ଜନ କୋଳାହଳ କମିଯାଇଥାଏ ।ଜ୍ୟୋସ୍ନା ଜଳ, ସ୍ଥଳ, ଗଗନକୁ ବିସ୍ତାରିତ କରେ ।ଏପରି ସ୍ୱଚ୍ଛ ଜଳରାଶିରେ ଗିରି, ବନ, ନାସି ଚିଲିକା ଗର୍ଭରେ ଭାସିବାର ଭ୍ରମ ସୃଷ୍ଟି କରେ ।ସୁନ୍ଦର ତରୁପତ୍ର ଓ ଚିକ୍କଣ ବାଲିଗରଡ଼ା ଉପରେ ଜ୍ୟୋସ୍ନାର ପ୍ରତିଫଳନ ଜକ ଜକ ଦିଶେ ।ଚତୁର୍ଦ୍ଦିଗରେ ନିଶି ତାର ପ୍ରଭାବ ବିସ୍ତାର କରିବା ପରେ ସର୍ବତ୍ର ପ୍ରଶାନ୍ତି ବିରାଜମାନ କରେ ।

କଳିର ଅଶାନ୍ତ ବାତାବରଣରୁ ଦୂରେଇ ଏପରି ଏକ ଶାନ୍ତିପୂର୍ଣ୍ଣ ସ୍ଥାନକୁ ଆଶ୍ରୟ ରୂପେ ବାଛିବାକୁ ହେବ ବୋଲି କବି କହିଛନ୍ତି ।ଉକ୍ତ ପ୍ରସଙ୍ଗଟି କବିଙ୍କର ଅଶାନ୍ତ ମନକୁ ପ୍ରଶାନ୍ତ କରିବାର ଏକ ପ୍ରୟାସ ମାତ୍ର ।

ପାପଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ

ତରୀ-ଗର୍ଭେ ମୀନେ ଡେଇଁଦେବେ ପ୍ରାଣ ।""

ପାପଗର୍ଭେ ଯେହ୍ନେ - - - ଡେଇଁଦେବେ ପ୍ରାଣ ।"

ଉକ୍ତ ପଦ୍ୟାଂଶଟି କବିବର ରାଧାନାଥ ରାୟଙ୍କ ରଚିତ 'ଚିଲିକା'ରେ ସାୟନ୍ତନ ଦୃଶ୍ୟ' କବିତାରୁ ଆନୀତ । ଏଠାରେ କବି 'ଅଜ୍ଞାନୀମାନେ ପାପ ଗର୍ଭରେ ପଡ଼ି ମୃତ୍ୟୁ ହେଲା ଭଳି ପୋତପାଳର ମଶାଲରେ ଆକର୍ଷିତ ହୋଇ କିଭଳି ମୀନମାନେ ପ୍ରାଣ ବିସର୍ଜନ କରନ୍ତି, ସେ ବିଷୟରେ ବର୍ଣ୍ଣନା କରିଛନ୍ତି ।ସନ୍ଧ୍ୟା ସମୟର ସୂଚନା ପାଇ ମୀନଜୀବୀମାନେ ଏକ ଧାନରେ ଗୃହାଭିମୁଖୀ ହୁଅନ୍ତି ।ସେହି ସମୟରେ ପୋତପାଳ ଅଧିକ ମୀନର ଆଶାରେ ପୋତରେ ମୀନମାନଙ୍କୁ ଆକର୍ଷିତ କରିବାପାଇଁ ମଶାଲ ଜାଳିଦିଏ ।କିନ୍ତୁ ମୀନଗୁଡିକ ସୁନ୍ଦରତାକୁ ଉପଭୋଗ କରିବାପାଇଁ ଅଜ୍ଞାନତା ବଶତଃ ତେରୀଶରେ ଡେଇଁ ମୃତ୍ୟୁବରଣ କରନ୍ତି ।ସେହିଭଳି ଅଜ୍ଞାନ ଅନ୍ଧକାରରେ ବୁଡିରହିବା ମନୁଷ୍ୟ ମଧ୍ୟ ପାପ ଗର୍ଭରେ ପଡ଼ି ନିଜର ଦୁର୍ଲଭ ଜୀବନକୁ ତ୍ୟାଗ କରେ ।ଉକ୍ତ ପ୍ରସଙ୍ଗଟି କବିଙ୍କର ପାପକର୍ମ, ଅଜ୍ଞାନ ମନୁଷ୍ୟଙ୍କ ପ୍ରତି ଏକ ସଚେତନାମୂକ ବାର୍ତ୍ତା ଅଟେ ।

ଦୀର୍ଘ ଉତ୍ତରମୂଳକ

୧. 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିତା ଅବଲମ୍ବନରେ ଚିଲିକାର ସାୟନ୍ତନ ପରିବେଶ ବର୍ଣ୍ଣନା କର ।*

ସଂସିତ ପ୍ରସଙ୍ଗଟି କବିବର ରାଧାନାଥ ରାୟଙ୍କ 'ଚିଲିକା' ଖଣ୍ଡକାବ୍ୟର "ଚିଲିକାରେ ସାୟନ୍ତନ ଦୃଶ୍ୟ" ରୁ ଆନୀତ । ଆଧୁନିକ ଓଡ଼ିଆ କାବ୍ୟଧାରାର ଭିତ୍ତିସଂସ୍ଥାପକ କବିବର ରାଧାନାଥ ରାୟ ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାପୁର ଗ୍ରାମରେ ୧୮୪୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ନୂତନ ଧାରାରେ ଲେଖନୀ ନିଃସୃତ କେଦାରଗୌରୀ, ନନ୍ଦିକେଶ୍ୱରୀ, ଚନ୍ଦ୍ରଭାଗା , ଉଷା, ପାର୍ବତୀ, ଚିଲିକା ଆଦି କାବ୍ୟ ଭଳି ଭାରତୀଗୀତିକା ଓ ଅନୂଦିତକୃତି ତାଙ୍କ କବିତ୍ୱର ଏକ ଏକ ଜ୍ୱଳନ୍ତ ନିଦର୍ଶନ । "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାରେ କବି ପ୍ରକୃତିର ବର୍ଣ୍ଣନା, ଜାତୀୟତା ଭାବନା, କବିସୂର୍ଯ୍ୟଙ୍କ ଗୀତାମୃତ ସ୍ମରଣ ଆଦି ପ୍ରକାଶିତ ।

* ପ୍ରକୃତିକୁ ନାୟିକା କରି ଏକ ସୁନ୍ଦର ବାସ୍ତବ ଚିତ୍ର ପ୍ରଦାନ କରି ଚିଲିକାର ସନ୍ଧ୍ୟାକାଳୀନ ମନୋରମ ଦୃଶ୍ୟକୁ ବର୍ଣ୍ଣନା

କରାଯାଇଛି ।
* ଭାଲେରୀ ପର୍ବତ ଶିଖରରେ ସନ୍ଧ୍ୟା-ତାରା ଦେଖି ମୀନଜୀବୀ ନିଜ ନୌକାରେ ଆନନ୍ଦର ସହିତ ପଟିକା ଟେକି ଗୃହାଭିମୁଖୀ ହେଉଛନ୍ତି ।
* ସେହି ସମୟରେ କବିସୂର୍ଯ୍ୟ ବଳଦେବଙ୍କ ଗୀତାମୃତ ତାଙ୍କ କଣ୍ଠରୁ ଝରି ଆସୁଛି ।
* କବିସୂର୍ଯ୍ୟଙ୍କ "ଗଲାଣି ତ ଗଲା କଥାରେ ସଙ୍ଗାତ" ସଙ୍ଗୀତ ଏତେ ଭାବାତ୍ମକ ଯେ ତାହା ସାଧାରଣ ବ୍ୟକ୍ତିଙ୍କ ପାଖରେ ମଧ୍ୟ ହୃଦୟସ୍ପର୍ଶୀ ହୋଇପାରିଛି ।
* ମୀନଜୀବୀଙ୍କର କଣ୍ଠରୁ ନିଃସୃତ ଗୀତାମୃତ ଚିଲିକାର ମାରୁତ ଦୂରରୁ ବହି ଆଣି ସତେ ଯେପରି ଚିଲିକାର ବକ୍ଷରେ ଅଧିଷ୍ଠାନ କରିବାର ଭ୍ରମ ସୃଷ୍ଟି କରି ଆତ୍ମାକୁ ପ୍ରଫୁଲ୍ଲିତ କରୁଛି ।
* ଏଭଳି ଏକ ହୃଦୟସ୍ପର୍ଶୀ ଅମୃତ ଗୀତକୁ କବି ଉପସ୍ଥାପନ କରି କବିସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ବର୍ଣ୍ଣନା କରିଛନ୍ତି –

"ଧନ୍ୟ ରଥେ ! ତୁମ୍ଭେ ଜନ୍ମ ଶୁଭକ୍ଷଣେ
ମୃତ୍ୟୁଞ୍ଜୟ ତୁମ୍ଭେ ଉଜ୍ଜଳ ଭୁବନେ ।"

* ମୀନ ଆକର୍ଷଣ ନିମନ୍ତେ ପୋତପାଳ ତରଣୀରେ ମଶାଲ ଜାଳି, ଅଜ୍ଞାନତା ବଶତଃ ମୀନଗୁଡ଼ିକ ପ୍ରାଣ ବିସର୍ଜନ କରନ୍ତି ।
* ଠିକ ଯେପରି ଅଜ୍ଞାନ ବ୍ୟକ୍ତି ପାପ ଗର୍ତ୍ତରେ ପଡ଼ି ମୃତ୍ୟୁବରଣ କରେ ।
* ମଶାଲ ଗୁଡିକର ଅପୂର୍ବ ଶୋଭା ସହିତ ତରଙ୍ଗରେ ତରଣୀ ଗୁଡିକ ଦୋହଲି ଦୋହଲି ଆସିଥିବା ଦୃଶ୍ୟ ଖୁବ୍ ମନୋରମ ।
* ସୁନ୍ଦର ଦୃଶ୍ୟକୁ ବର୍ଣ୍ଣନା କରି କବି କହିଛନ୍ତି –

"ଦୁଃଖିମନେ ଆଶା ଉତଥାନ ପତନ
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ ।"

* ଧୀରେ ଧୀରେ ନିଶାର ଆଗମନରେ ଚିଲିକା ତଟବର୍ତ୍ତୀ ଜନ-କୋଳାହଳ ଶୂନ୍ୟ ହେଉଛି ।
* ବିମଳ ଜ୍ୟୋସ୍ନାରେ ସମସ୍ତ ସୃଷ୍ଟି ପାରଦ-ଧଉତ ପରି ମନେହେଉଛି ।
* ଚିଲିକାର ମଧ୍ୟଭାଗରେ ଥିବା ଦ୍ୱୀପ- ଶୈଳର ପ୍ରତିବିମ୍ବ ଅତ୍ୟନ୍ତ ଶୋଭନୀୟ ।
* କୋମଳ ତରୁପତ୍ର ଓ ଚିକ୍କଣ ବାଲିଗରଡ଼ାରେ ଚନ୍ଦ୍ର କିରଣ ପ୍ରତିଫଳିତ ହୋଇ ଏକ ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରୁଛି ।
* ଏହାର ବନସ୍ଥଳୀ ସର୍ପ ମଣ୍ଡିତ ଚନ୍ଦ୍ରଚୂଡ଼ ତନୁ ଭଳି ଭ୍ରମ ସୃଷ୍ଟି କରୁଛି ।
* ଅତ୍ୟନ୍ତ ନୀରବ ତଥା ପ୍ରଶାନ୍ତ ପରିବେଶ ମଧ୍ୟରେ ଦୂର ଝରଣାର ଝରନାଦ ଓ ଝିଙ୍କାରିର ଝଙ୍କାର ରାତ୍ରିର ପ୍ରଭାବକୁ ପ୍ରଚାର କରୁଛି ।
* ଏଭଳି ଏକ ସୌନ୍ଦର୍ଯ୍ୟମୟ ସ୍ଥାନକୁ ଉପଭୋଗ କରି କଳିର ଅଶାନ୍ତ ବାତାବରଣରୁ ଦୁରେଇ ଏହି ମନଲୋଭା ଶାନ୍ତିର ସ୍ଥଳକୁ ଆଶ୍ରୟ ରୂପେ ଗ୍ରହଣ କରି ଚିଲିକାର ଅପୂର୍ବ ଦୃଶ୍ୟକୁ ବର୍ଣ୍ଣନା କରି କବି ଲେଖିଛନ୍ତି –

"ଚିଲିକା ! ତୋର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ "

* ବାସ୍ତବିକ ଚିଲିକାର ସାୟନ୍ତନ ଦୃଶ୍ୟ ଜୀବନପ୍ରତି ଶାଶ୍ୱତ ବାର୍ତ୍ତା, ଜୀବନକୁ ଚଳଚଞ୍ଚଳ କରିବାର ମାଧମ କରିପାରିଛି ।

୨. ପଠିତ କବିତାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ସମ୍ପର୍କରେ କବି କଣ ବର୍ଣ୍ଣନା କରିଛନ୍ତି ବୁଝାଇ ଲେଖ ।

*ଓଡ଼ିଆ ସାହିତ୍ୟର ଅନନ୍ୟ ପ୍ରତିଭା , ପ୍ରକୃତିକୁ ନାୟିକା କରିବାରେ ସିଦ୍ଧହସ୍ତ କବିବର ରାଧାନାଥ ରାୟ ୧୮୪୮ ଖ୍ରୀଷ୍ଟାବ୍ଦ ବାଲେଶ୍ୱର ଜିଲ୍ଲା ସୋର ନିକଟବର୍ତ୍ତୀ କେଦାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନୂତନ ରୀତିରେ ଚର୍ଚ୍ଚିତ କାବ୍ୟଗୁଡ଼ିକ ମଧ୍ୟରେ କେଦାର ଗୌରୀ, ନନ୍ଦିକେଶ୍ୱରୀ, ଚନ୍ଦ୍ରଭାଗା, ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା, ଉର୍ବଶୀ ଆଦି କାବ୍ୟ ଭାରତ ଗୀତିକା ଏବଂ ଅନୂଦିତ କାବ୍ୟ ତାଙ୍କ ପାଣ୍ଡିତ୍ୟ ଓ କବିତ୍ୱର ପରାକାଷ୍ଠା ଦର୍ଶାଇଥାଏ । 'ଚିଲିକାରେ ସାୟନ୍ତନ ଦୃଶ୍ୟ' ରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଅମୃତ କବିତା ଗୀତାମୃତ ମାଧମରେ ସାଧାରଣ ଜନତାଙ୍କ କଣ୍ଠରୁ କିପରି ଝରିଆସୁଛି, ସେ ବିଷୟରେ ବର୍ଣ୍ଣନା

କରାଯାଇଛି ।

* ନିଜର ଜୀବିକା ମାଧ୍ୟମ କରିଥିବା ମୀନଜୀବୀମାନେ ଚିଲିକା ମଧ୍ୟକୁ ଯାଇ, ସମୁଦ୍ର ମୁହାଣରେ ମହ୍ୟଧରି ଭାଲେରୀ ଶିଖରରେ ସନ୍ଧ୍ୟା ତାରା ଦେଖି ଗୃହାଭିମୁଖୀ ହେଉଛନ୍ତି ।

* ସେହି ସମୟରେ ତରଣୀରେ ପଟିକା ଟେକି ଏକଧାନରେ ଗୃହ କଥା ଭାବି କବିସୂର୍ଯ୍ୟ ବଳଦେବ ରଥଙ୍କ ଅମୃତ ସଙ୍ଗୀତ ଗୀତାମୃତ "ଗଲାଣି ତ ଗଲା କଥାରେ ସଙ୍ଗାତ " ସଙ୍ଗୀତ ଗାନ କରି ପୂର୍ବ ଦିଗପଟେ ଆନନ୍ଦର ସହ ଆସୁଛନ୍ତି ।

* ତାଙ୍କ କଣ୍ଠରୁ ନିଃସୃତ ସଙ୍ଗୀତ ଏତେ ମନଲୋଭା ଯେ, ଚିଲିକା ମାରୁତ ଦୂରରୁ ବହି ଆଣି ଆନନ୍ଦିତ କରୁଛି ।
* ସତେ ଯେପରି ମନେ ହୁଏ, ଏ ସଙ୍ଗୀତ ନୀଳ ଚିଲିକାର ବକ୍ଷରେ ଅଧିଷ୍ଠାନ କରିଛି ।
* ଏହି ସଙ୍ଗୀତର ଆବେଗତାରେ ମନ ନାନା ରୂପେ ଅତିନ୍ଦ୍ରିୟ ଦେଶରେ ବିଚରଣ କରୁଛି ।
* କବିଙ୍କ ବର୍ଣ୍ଣନାରେ —

"ଚାଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନ
> କି ଲୋଡ଼ିବା ଆଶେ ସେହି ତା ନ ଜାଣେ ।"

* 'କିଶୋର ଚନ୍ଦ୍ରାନନ୍ଦଚମ୍ପୁ' କବିସୂର୍ଯ୍ୟଙ୍କର ଏକ କାଳଜୟୀ ସୃଷ୍ଟି ।

* ଓଡ଼ିଆ ସାହିତ୍ୟର ତେଜ ତଥା ପ୍ରାଣକୁ ପ୍ରଫୁଲ୍ଲିତ କରି କ୍ଲାନ୍ତ ଅବସାଦ ଶରୀରକୁ ପ୍ରଶାନ୍ତ କରିବାରେ କବିସୂର୍ଯ୍ୟଙ୍କ ସଙ୍ଗୀତ ଏକ ଅନବଦ୍ୟ ନିଦର୍ଶନ ।

* ତେଣୁ ମୀନଜୀବୀଙ୍କ କଣ୍ଠରୁ ଭାସି ଆସୁଥିବା ସ୍ୱର ଆତ୍ମାକୁ ଉଲ୍ଲସିତ କରେ ।

* କବିଙ୍କ ଭାଷାରେ —
"ସଙ୍ଗୀତ ଆବେଶେ ନାନାରୂପେ ମନ
ଅତୀନ୍ଦ୍ରିୟ ଦେଶେ କରେ ବିଚରଣ ।"

*କବିସୂର୍ଯ୍ୟଙ୍କର ଜନ୍ମ ଏଭଳି ଏକ ଶୁଭ ମୁହୂର୍ତ୍ତରେ ହୋଇଛି, ଯାହା ଓଡ଼ିଆ ମାଟି ପାଇଁ ଗର୍ବର ବିଷୟ। ତାଙ୍କ ଅମୃତ ଭଳି ମଧୁର ଗୀତ ପାଇଁ ସେ ମୃତ୍ୟୁଞ୍ଜୟ ହୋଇଛନ୍ତି। କବିସୂର୍ଯ୍ୟଙ୍କୁ ପ୍ରଶଂସା କରି କବି ଲେଖିଛନ୍ତି -
"ଧନ୍ୟ ରଥେ ତୁମ୍ଭ ଜନ୍ମ ଶୁଭକ୍ଷଣେ
ମୃତ୍ୟୁଞ୍ଜୟ ତୁମ୍ଭେ ଉଜ୍ଜଳ ଭୁବନେ ।"

*ଚିଲିକାର ସାୟନ୍ତନ ଦୃଶ୍ୟରେ କବିସୂର୍ଯ୍ୟଙ୍କ ଗୀତାମୃତ ସ୍ମରଣ ଶ୍ରୋତା ମାନଙ୍କ ନିମନ୍ତେ ଏକ ଉତ୍ସାହ ସୃଷ୍ଟି କରିପାରିଛି।

*ଶରୀର ମାଟିରେ ମିଶିଯାଏ, କିନ୍ତୁ ଯଶୋଦେହ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଯାଇଥାଏ। କବି ବର୍ଣ୍ଣନା କରିଛନ୍ତି -
"ତୁମ୍ଭ ମାଟି -ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।"

ମା' ସରସ୍ୱତୀଙ୍କ ଆଶିଷ ଲାଭ କରିଥିବା କବିସୂର୍ଯ୍ୟଙ୍କ ଅମୃତ ସଙ୍ଗୀତ କିଭଳି ମୀନଜୀବୀଙ୍କ କଣ୍ଠରୁ ନିଃସୃତ ହୋଇ ମନକୁ ଉଲ୍ଲସିତ କରୁଛି, ସେ ବିଷୟରେ କବି ସୁନ୍ଦର ଓ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି।

<u>ସୂଚନା</u>
ଭାଲେରୀ- ପର୍ବତର ନାମ
କ୍ଷାରୋଦ -କ୍ଷୀର ସମୁଦ୍ର
ପଟିକା- ପାଲ
ମାରୁତ - ବାୟୁ /ପବନ

ବୁକୁଳ - ପାଟ ଲୁଗା
ବାଗୀଶ୍ୱରୀ - ସରସ୍ୱତୀ
ଚନ୍ଦ୍ରଚୂଡ଼ - ମହାଦେବ
ନିଶାଥିନୀ – ରାତି

ଗଦ୍ୟ

କାନୁକବି ଲକ୍ଷ୍ମୀକାନ୍ତ ମହାପାତ୍ର

(ଜୀବନୀ ଓ ସାହିତ୍ୟ କୃତି)

1. କବିଙ୍କ ବାଲ୍ୟ ଜୀବନୀର ଧାରଣା ।

2. ଶିକ୍ଷା ଗ୍ରହଣ ଓ ଉପାଧିର ଧାରଣା ।

3. କବିଙ୍କର ଆଧ୍ୟାତ୍ମିକ ଜ୍ଞାନ ଓ ଦୀକ୍ଷା ଗ୍ରହଣର ଧାରଣା ।

4. ସଂଗୀତ ନାଟକ ପ୍ରତି ଅନୁରକ୍ତି ଓ ଭାରତୀୟ ମୁକ୍ତି ସଂଗ୍ରାମର ଅଂଶଗ୍ରହଣ ।

ଓଡ଼ିଆ ସାହିତ୍ୟକୁ ଅବଦାନ

1. ଦେଶପ୍ରୀତି କବିତା

2. କବିତା ସଂକଳନ

3. ଶିଶୁ ସାହିତ୍ୟ

4. ଉପନ୍ୟାସ

5. ପ୍ରବନ୍ଧ

6. ଗଳ୍ପ

ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର

1. କାନୁକବି ଲକ୍ଷ୍ମୀକାନ୍ତ କେଉଁଠାରେ ଜନ୍ମ ଗ୍ରହଣ କରିଥିଲେ ?

ଉ କଟକରେ

2. କେଉଁଠାରେ ସଭା କରାଯାଇ ଲକ୍ଷ୍ମୀକାନ୍ତ ଙ୍କୁ କାନୁକବି ରୂପେ ଘୋଷଣା କରାଯାଇଥିଲା ?

ଉ . ଭଦ୍ରକ ହାଇସ୍କୁଲ

3. କାନୁ କବିଙ୍କ ରଚିତ ଉପନ୍ୟାସର ନାମ କଣ ?

ଉ. କଣା ମାମୁଁ

4. ଅସହଯୋଗୀ ର ଆତ୍ମକଥା କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

ଉ . ଉତ୍କଳ ସାହିତ୍ୟ

5. ଲକ୍ଷ୍ମୀକାନ୍ତଙ୍କ ଜନ୍ମ ବେଳକୁ ତାଙ୍କ ପିତାଙ୍କ ବୃତ୍ତି କଣ ଥିଲା ?

ଉ. ଶିକ୍ଷକତା

6. ଲକ୍ଷ୍ମୀକାନ୍ତଙ୍କ କେଉଁ ପୁସ୍ତକ କିଶୋର ମାନଙ୍କ ପାଠ ପଢା ପାଇଁ ଉଦ୍ଦିଷ୍ଟ ?

ଉ. ସାହିତ୍ୟ ସୁଧାକର

7. ଲକ୍ଷ୍ମୀକାନ୍ତ କେଉଁ ସମ୍ପ୍ରଦାୟର ଥିଲେ ?

ଉ. ବୈଷ୍ଣବ

8. କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଦ୍ୟରେ କାନ୍ତ କବିଙ୍କ ଜୀବନର କେଉଁ ଦିଗ ଉପରେ ଆଲୋକପାତ କରାଯାଇଛି ?

ଉ. ସାହିତ୍ୟ କୃତି

9. କାନ୍ତକବି ଙ୍କ କୁଳ ଦେବତା କିଏ ?

ଉ. ଗୋପୀନାଥ

10. ଲକ୍ଷ୍ମୀକାନ୍ତ ଙ୍କ ଜନ୍ମ ବେଳକୁ ଲକ୍ଷ୍ମୀକାନ୍ତ କାହାଠାରୁ ଦୀକ୍ଷା ଗ୍ରହଣ କରିଥିଲେ ?

ଉ. କୁଳଗୁରୁ ବାବାଜୀ ରାମ ଦାସ

୧୧. କାନ୍ତକବିଙ୍କର କେଉଁ ପୁସ୍ତକକୁ ରବୀନ୍ଦ୍ରନାଥ ଠାକୁରଙ୍କର ଗୀତାଞ୍ଜଳି ସହ ତୁଳନା କରାଯାଇଛି ?

ଉ. ଜୀବନ ସଙ୍ଗୀତ

୧୨. କବିତା ଲେଖୁଥିବାରୁ ଲକ୍ଷ୍ମୀକାନ୍ତଙ୍କୁ ତାଙ୍କ ସାଥୀମାନେ କେଉଁ କବି ବୋଲି ଡାକୁଥିଲେ ?

ଉ. କାନ୍ତକବି

୧୩. ଆଇ.ଏ. ପଢ଼ିଲା ବେଳେ ଲକ୍ଷ୍ମୀକାନ୍ତଙ୍କ ଲେଖା କାହାଦ୍ୱାରା ପ୍ରଶଂସିତ ହୋଇଥିଲା ?

ଉ. ଫକୀର ମୋହନ ସେନାପତି

୧୪. କାହାର ଆଦର୍ଶ ଓ ବାଣୀ ପ୍ରତି ଅନୁରାଗୀ ହୋଇ ଲକ୍ଷ୍ମୀକାନ୍ତ ମହାପାତ୍ର କାବ୍ୟ କବିତା ରଚନା କରିଥିଲେ ?

ଉ. ମହାତ୍ମା ଗାନ୍ଧି

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

(ଜୀବନୀ ଓ ସାହିତ୍ୟ କୃତି) –

ଦୀର୍ଘ ଉତ୍ତରମୂଳକ

1. କାନ୍ତକବିଙ୍କ ଜୀବନୀ ପରିଚୟ ଦିଅ।

ଉତ୍ତର: ଓଡ଼ିଆ ସାହିତ୍ୟ ବିବିଧ ବିଭାଗରେ ଲେଖନୀ ଚାଳନା କରିଥିବା କାନ୍ତକବିଙ୍କ ଜୀବନୀ ଓ ସାହିତ୍ୟକୃତିକୁ ପରିମାର୍ଜିତ ସମ୍ପାଦନା ମଣ୍ଡଳୀ ପ୍ରସ୍ତୁତ କରି ତାଙ୍କ ବାସ୍ତବ ଜୀବନର ଭିନ୍ନ ମୋଡ ବିଷୟରେ ବର୍ଣନା କରିଛନ୍ତି ।

- ସେ ୧୮୮୮ ମସିହା, ଡିସେମ୍ବର ମାସ ୯ ତାରିଖ, ମାଣବସା ଗୁରୁବାର ଦିନ କଟକ ସହରର ଧୁଆଁ ପତ୍ରିଆ ଗଳି, କାଖରାବାଦର ଏକ ଗୃହରେ ଜନ୍ମଗ୍ରହଣ କରିଥିଲେ।
- ମାଣବସା ଗୁରୁବାରରେ ଜନ୍ମିଥିବାରୁ ତାଙ୍କର ନାମକରଣ 'ଲକ୍ଷ୍ମୀକାନ୍ତ' କରାଯାଇଥିଲା। ତାଙ୍କ ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓ ମାତା ରାଧାମଣି।
- ଲକ୍ଷ୍ମୀକାନ୍ତଙ୍କ ପଠନ ଜୀବନୀ
- ପଠନ ସମୟରେ ସଂଗୀତ ଖେଳ ପ୍ରତି ରୁଚି
- ପଠନ ସମୟରେ ନାଟକ, ସମାଜସେବା ଏବଂ ବିଭିନ୍ନ ଲେଖାକୁ ଦେଖି ସେ ସମୟର ବରିଷ୍ଠ ଲେଖକଙ୍କ ଦ୍ୱାରା ପ୍ରଶଂସା ।
- ଉମାଚରଣ ଦାଶଙ୍କ ନିକଟରୁ ଫେରିବା ପରେ ଦୁରାରୋଗ୍ୟ ବ୍ୟାଧି ।
- ବ୍ୟାଧି ପରେ କୁଳଗୁରୁ ବାବାଜୀ ରାମଦାଶଙ୍କ ଠାରୁ ଦିକ୍ଷା ଗ୍ରହଣ ।
- ତଥାପି ସଂଘର୍ଷମୟ ଜୀବନରେ ମୃତ୍ୟୁ ପର୍ଯ୍ୟନ୍ତ ସାହିତ୍ୟ, ସଂଗୀତ, ନାଟକ, ପୌରାଣିକ କାହାଣୀ, ଶିଶୁ ସାହିତ୍ୟ, ପ୍ରହସନ ରଚନା , ଗଳ୍ପ , ପ୍ରବନ୍ଧ , ଉପନ୍ୟାସରେ ମନୋଯୋଗ ଦେଇ ଜୀବନର ବାସ୍ତବତାକୁ ପ୍ରଦର୍ଶନ କରିବା ।
- ଉକ୍ତ ପ୍ରସଙ୍ଗଟି ଅତ୍ୟନ୍ତ ଶିକ୍ଷଣୀୟ ଏବଂ ହୃଦୟସ୍ପର୍ଶୀ ଅଟେ।

ଦୀର୍ଘ ଉତ୍ତରମୂଳକ

୧. କାନ୍ତକବିଙ୍କ ସାହିତ୍ୟ କୃତିଗୁଡ଼ିକର ବିବରଣୀ ପ୍ରଦାନ କର ।

ଉତ୍ତର - ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିବା କାନ୍ତକବିଙ୍କ ଜୀବନୀ ଓ ସାହିତ୍ୟକୃତିକୁ ପରିମାର୍ଜିତ ସଂପାଦନା ମଣ୍ଡଳୀ ପ୍ରସ୍ତୁତ କରି ତାଙ୍କ ବାସ୍ତବ ଜୀବନୀର ଓ ସାହିତ୍ୟ କୃତି ବିଷୟରେ ବର୍ଣ୍ଣନା କରିଛନ୍ତି ।

* ଲକ୍ଷ୍ମୀକାନ୍ତ ପଠନ ସମୟର ସାହିତ୍ୟକୃତି

* ସେ ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପରେ ଜୀବନକୁ ସଙ୍କୁଚିତ ନ କରି ଅନେକ ସାହିତ୍ୟ କୃତି ।

* କାନ୍ତକବି 'ଗୋପୀନାଥ ସଂଗୀତ ସମାଜ' ଗଠନ ପରେ ନାଟକ ରଚନା ର କୃତି ।

* ଅନେକ ବ୍ୟଙ୍ଗାତ୍ମକ ଓ ପ୍ରହସନ ରଚନା ।

* ପୌରାଣିକ କାହାଣୀ ,ସାହିତ୍ୟ, ଶିଶୁ ସାହିତ୍ୟ ।

* ଗଳ୍ପ , ଉପନ୍ୟାସ, କିଶୋର ମାନଙ୍କ ପାଠପଢା ଉଦ୍ଦିଷ୍ଟ ରଚନା ।

* ଲାଳିକା , କବିତା, ଅଧ୍ୟାତ୍ମବାଦ ଗୀତ, ଜାତୀୟଭାବ, ଦେଶପ୍ରୀତି ଭଳି ସାହିତ୍ୟ କୃତି ।

* ଉକ୍ତ ପ୍ରସଙ୍ଗ ରେ କାନ୍ତକବି ଶାରୀରିକ ସ୍ତରରେ ବିକଳାଙ୍ଗ ହୋଇଥିଲେ ମଧ୍ୟ ମାନସିକ ସ୍ତରରେ ସୁଦୃଢ ରହି ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବାର ଆପ୍ରାଣ ଚେଷ୍ଟା ସଦା ସ୍ମରଣୀୟ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

(ଜୀବନୀ ଓ ସାହିତ୍ୟକୃତି)

ସରଳାର୍ଥ

୧. "ଏଭଳି ସମୟରେ ସାହିତ୍ୟ, ସଂଗୀତ, ସଂକୀର୍ତ୍ତନ ଚର୍ଚ୍ଚା, ଇଷ୍ଟପୂଜା , ଗୁରୁବାଣୀ ପାଳନ ଥିଲା ତାଙ୍କ ପାଇଁ ସାନ୍ତ୍ୱନାର ଔଷଧି ।"

ଉ. "ଏଭଳି ସମୟରେ ---- ସାନ୍ତ୍ୱନାର ଔଷଧି ।"

ଉକ୍ତ ଗଦ୍ୟାଂଶଟି 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର' ଶୀର୍ଷକ ଗଦ୍ୟରୁ ପରିମାର୍ଜିତ ସଂପାଦନା ମଣ୍ଡଳୀ ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଏଥିରେ କାନ୍ତକବି ଦୁରାରୋଗ୍ୟ ବ୍ୟାଧିର ଉପସର୍ଗ ପ୍ରକାଶ ପାଇବା ପରେ ଗୁରୁବାଣୀ ପାଳନ ବିଷୟରେ ବର୍ଣ୍ଣନା କରାଯାଇଛି ।

- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପୁରୀରେ ରହୁଥିବା ଉମାଚରଣ ଦାଶଙ୍କ ନିକଟକୁ ଫେରିବା ପରେ ସେ ଦୁରାରୋଗ୍ୟ ବ୍ୟାଧିର ଉପସର୍ଗ ଦେଖିବାକୁ ପାଇଥିଲେ ।
- ପିତା ଭାଗବତ ପ୍ରସାଦ ତାଙ୍କ ଚିକିତ୍ସାର ସମସ୍ତ ପ୍ରଯତ୍ନ କରିଥିଲେ ମଧ୍ୟ ସେ ଶାରୀରିକ ସ୍ତରରେ ବିକଳାଙ୍ଗ ହୋଇଗଲେ ।
- କୁଳଗୁରୁ ବାବାଜୀ ରାମଦାସଙ୍କଠାରୁ ଦୀକ୍ଷା ଗ୍ରହଣ ପରେ କୁଳଦେବତା ଗୋପିନାଥଙ୍କୁ ସମର୍ପିତ ହୋଇ ଭଜନ କୀର୍ତ୍ତନରେ ଆସକ୍ତ ହେଲେ ।
- ପିତାଙ୍କ ଇଷ୍ଟଦେବ ଗୋପୀନାଥଙ୍କ ନାମରେ ଥିବା ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ରୂପେ ଦାୟିତ୍ୱ ଦେବାରୁ ଭାଇଆଳିଆ ସ୍ତରରୁ ନାନାଦି ଇର୍ଷା ଓ ମାଲିମୋକଦ୍ଦମାର ସମ୍ମୁଖୀନ ହେଲେ ।
- ଏଭଳି ସମୟରେ ସାହିତ୍ୟ, ସଂଗୀତ, ସଂକୀର୍ତ୍ତନ ଚର୍ଚ୍ଚା, ଇଷ୍ଟପୂଜା , ଗୁରୁବାଣୀ ପାଳନ ଥିଲା ଲକ୍ଷ୍ମୀକାନ୍ତଙ୍କ ପାଇଁ ସାନ୍ତ୍ୱନାର ଔଷଧି ।
- ଉକ୍ତ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଓ ସମ୍ବେଦନଶିଳ ।

<u>ସରଳାର୍ଥ</u>

୨. ଅଧିକାଂଶ ରଚନା ପ୍ରାଣଧର୍ମରେ ହାସ୍ୟ କୌତୁକ ଓ ବ୍ୟଙ୍ଗ ବିନ୍ଦୁପଧର୍ମୀ ।

"ଅଧିକାଂଶ . . . . . ବିନ୍ଦୁପଧର୍ମୀ ।"

ଉକ୍ତ ଗଦ୍ୟାଂଶଟି 'କାନ୍ତୁକବି ଲକ୍ଷ୍ମୀକାନ୍ତ ମହାପାତ୍ର' ଶୀର୍ଷକ ଗଦ୍ୟରୁ ପରିମାର୍ଜିତ ସମ୍ପାଦନା ମଣ୍ଡଳୀ ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଏଥିରେ ଲକ୍ଷ୍ମୀକାନ୍ତଙ୍କ ରଚନା ଗୁଡ଼ିକ ହାସ୍ୟ ରସାତ୍ମକ ଓ ବ୍ୟଙ୍ଗାତ୍ମକ ବୋଲି ବର୍ଣ୍ଣନା କରାଯାଇଛି ।

* ଓଡ଼ିଆ ସାହିତ୍ୟ ଜଗତର ଗଦ୍ୟ ଓ ପଦ୍ୟ ବିଭାଗକୁ ବହୁସଂଖ୍ୟକ ରଚନାଦ୍ୱାରା ପରିପୁଷ୍ଟ କରିଛନ୍ତି କାନ୍ତୁକବି ଲକ୍ଷ୍ମୀକାନ୍ତ ମହାପାତ୍ର ।

* ତାଙ୍କ ରଚିତ ଉପନ୍ୟାସ, ଗଳ୍ପ ସଂକଳନ, ସଂଗୀତ, ଲାଳିକା , ପ୍ରବନ୍ଧ, ପୌରାଣିକ କାହାଣୀ, ଶିଶୁ ସାହିତ୍ୟ, ପ୍ରହସନ ରଚନା, ନାଟକ, କବିତା, ବ୍ୟଙ୍ଗାତ୍ମକ ରଚନା ଅଟେ ।

* ଅଧିକାଂଶ ରଚନା ପ୍ରାଣଧର୍ମ ରେ ହାସ୍ୟ କୌତୁକ ଓ ବ୍ୟଙ୍ଗ ବିନ୍ଦୁପଧର୍ମୀ ।

* ପାଠକ ପଠନ ମାତ୍ରକେ ଅନୁଭବ କରନ୍ତି, 'ସତେ ଯେପରି ହସିବା ଓ ଅନ୍ୟମାନଙ୍କୁ ନିଜ ଲେଖା ଜରିଆରେ ହସାଇବାର ଅଦ୍ଭୁତ ଶକ୍ତି ନେଇ ଜନ୍ମଗ୍ରହଣ କରିଛନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ର ।

* ପ୍ରସଙ୍ଗଟି ବାସ୍ତବ ଏବଂ ସତ୍ୟ ଆଧାରିତ।

ଜନ୍ମଭୂମି

ପ୍ରାବନ୍ଧିକ ପରିଚୟ:- କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

• ଜନ୍ମ - ୧୯୦୯ .

• ଜନ୍ମ ସ୍ଥାନ - ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ

• ମୂଳ ପ୍ରବନ୍ଧ - ପ୍ରବନ୍ଧ ମାନସ

• ଲେଖକଙ୍କ ଅନ୍ୟାନ୍ୟ ସୃଷ୍ଟି : ଇତିହାସ ଓ କିମ୍ବଦନ୍ତୀ, ପ୍ରବନ୍ଧ ମାନସ, ମୋ ସମୟର ଓଡ଼ିଶା, ସାରଳା ସାହିତ୍ୟର ଐତିହାସିକ ଚିତ୍ର ଇତ୍ୟାଦି ।

ପ୍ରବନ୍ଧ ର ପୃଷ୍ଠଭୂମି :-

• ଲେଖକ ପ୍ରଥମେ ଜନ୍ମଭୂମିର ସ୍ଥାନ ନିର୍ଧାରଣ କରିବାକୁ ଯାଇ ବ୍ୟାପକ ଅର୍ଥରେ ଏସିଆ ମହାଦେଶ, ଭାରତବର୍ଷ, ଓଡ଼ିଶା ପ୍ରଦେଶ ଓ ପଲ୍ଲୀଗ୍ରାମକୁ ଗ୍ରହଣ କରିଛନ୍ତି ।

• ଲେଖକଙ୍କ ମତରେ ପଲ୍ଲୀ ହିଁ ତାଙ୍କର ଜନ୍ମଭୂମି । ସେହି ତାଙ୍କର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ।

ଧର୍ମାନ୍ତର ଗ୍ରହଣ କରିଥିବା ବ୍ୟକ୍ତି ପରି ଶିକ୍ଷିତ ମଣିଷର ଶିକ୍ଷା ସମାପ୍ତି ପରେ ପୁନର୍ଜନ୍ମ ଘଟିଥିବାର ପରି ଲକ୍ଷିତ ହୋଇଥାଏ ।

• ଲେଖକଙ୍କ ମତରେ ମନୁଷ୍ୟ କେବଳ ଯୁକ୍ତିବାଦୀ ଜୀବ ନୁହେଁ ସେ ଗତାନୁଗତିକତାର ଦାସ ।

ସ୍ୱାଭାବିକ ପନ୍ଥା ଛାଡି ଯେଉଁମାନେ ପ୍ରବଞ୍ଚନା କରନ୍ତି ଲେଖକ ସେମାନଙ୍କୁ ନିନ୍ଦା କରିବା ସହିତ ମହାନୁଭବମାନଙ୍କୁ ଚିର ନମସ୍ୟ ବୋଲି ବିଚାର କରିଛନ୍ତି ।

ବହୁ ବିକଳ୍ପ ପ୍ରଶ୍ନ ଓ ଉତ୍ତର

୧) ସମୟ ସ୍ରୋତରେ ଲେଖକ କାହାପରି ଭାସି ଚାଲିଥିବା କହିଛନ୍ତି ?

A) କାଠଖଣ୍ଡ (B) ଶୁଖିଲା ପତ୍ର C) ଶୁଷ୍କତୃଣ D) ଡ଼ଙ୍ଗା

• Ans: C) ଶୁଷ୍କତୃଣ

୨) ଲେଖକ କାହାକୁ ତାଙ୍କର ଜନ୍ମ ଭୂମି ବୋଲି କହିଛନ୍ତି ?

A) ପୃଥିବୀ କୁ B) ଭାରତ କୁ C) ଓଡିଶା କୁ D) ପଲ୍ଲୀ କୁ

• Ans: D) ପଲ୍ଲୀକୁ

୩.କେଉଁମାନେ ପ୍ରଚଳିତ ଶିକ୍ଷା ପାଖରେ ମାନବିକତାକୁ ଉତ୍ସର୍ଗ କରିଛନ୍ତି ବୋଲି ପ୍ରବନ୍ଧରେ କୁହ ଯାଇଛି ?
* A) ଯୁବକ B) ଶିକ୍ଷିତ C) ଅଶିକ୍ଷିତ D) ଗ୍ରାମବାସୀ
* Ans- ଶିକ୍ଷିତ
୪) କୃଷି କ୍ଷେତ୍ରରେ ଧାନ ଋତୁରେ ସୁନା ରଙ୍ଗ ଧାରଣ କରେ ?
* A) ବର୍ଷା B) ଗ୍ରୀଷ୍ମ C) ଶରତ D) ହେମନ୍ତ
* Ans- ହେମନ୍ତ

୫) କେଉଁ ଗ୍ରୀସୀୟ ଦେବତା ବିଶ୍ୱର ଭାର ବହନ କରି କୁଜା ହୋଇଛନ୍ତି ?

* A) ହେର୍କୁଲେସ B) ଏଟଲାସ C) ପିଥାଗୋରାସ D) ଯୀଶୁଖ୍ରୀଷ୍ଟ
* Ans- * B) ଏଟଲାସ
୬) ସାର ମାଉସୀ କେଉଁଠି ବସେ ?

* A) ଗଛମୂଳେ B) ଗାଁ ଦାଣ୍ଡରେ C) ମନ୍ଦିର ନିକଟରେ D) ତାର ଛୋଟ ପିଣ୍ଡାରେ
* Ans- D) ତାର ଛୋଟ ପିଣ୍ଡାରେ

୭) ଗୋବିନ୍ଦ ଭାଇ କେଉଁ ପ୍ରକାର ଲୋକ ?

* A) କର୍ମଠ B) ଆଜୀବନ ଅକର୍ମା C) ଧର୍ମକୁ D) ପରୋପକାରୀ
* Ans- B) ଆଜୀବନ ଅକର୍ମା

୮) ପଠିତ ଜନ୍ମଭୂମି ପ୍ରବନ୍ଧଟି କେଉଁ ପ୍ରବନ୍ଧ ସଂକଳନରୁ ସଂଗୃହିତ ?

* A) ଅନେକ ଓ ଅନନ୍ୟ B) ପ୍ରବନ୍ଧ ସୁଧାକର C) ବିଶ୍ୱ ଓ ବିଶ୍ୱାସ D) ପ୍ରବନ୍ଧ ମାନସ
* Ans- D) ପ୍ରବନ୍ଧ ମାନସ

୯) ଧର୍ମାନ୍ତର ଦୀକ୍ଷିତ ବ୍ୟକ୍ତି ଧର୍ମ ପାଖରେ କଣ ଉତ୍ସର୍ଗ କରିଥାନ୍ତି?
* A) ନିଜର ଜନ୍ମଭୂମି B) ସମସ୍ତ ମାନବିକତା C) ସମସ୍ତ ସ୍ୱାର୍ଥ D) ଆପଣା ସଂସାର
* Ans- B) ସମସ୍ତ ମାନବିକତା

୧୦) ମନୁଷ୍ୟ ବହୁ ପରିମାଣରେ କାହାର ଦାସ ?

* A) ସ୍ୱାର୍ଥର B) ଗତାନୁଗତିକତାର C) ଆତ୍ମୀୟସ୍ୱଜନର D) ପରିବାର ପ୍ରିୟତାର
* Ans-B) ଗତାନୁଗତିକତାର
୧୧. ଜନ୍ମଭୂମିକୁ ଫେରିଯିବା ପାଇଁ ଲେଖକଙ୍କର କ'ଣ ଅଭାବ ରହିଛି?

* (A) ନୈତିକ ସାହସ (B) ମାନସିକ ବଳ (C) ଭୌତିକ ଶକ୍ତି (D) ଶାରୀରିକ ବଳ
* ଉତ୍ତର: (A) ନୈତିକ ସାହସ

୧୨. ଶିକ୍ଷିତ ମାନଙ୍କ ପକ୍ଷେ କ'ଣ ଛାଡ଼ିବା ସମ୍ଭବ ହୋଇନଥାଏ ?

* (A) ଆଭିଜାତ୍ୟ (B) ଶାରୀରିକ ଶ୍ରମ (C) ନେକଟାଇ (D) ଜୀବନ ଯୁଦ୍ଧ
* ଉତ୍ତର: (A) ଆଭିଜାତ୍ୟ

୧୩. ମନୁଷ୍ୟକୁ ସବୁବେଳେ କେଉଁ ଜୀବ ବୋଲି କହିବା ଠିକ୍ ନୁହେଁ?

* (A) ଶ୍ରେଷ୍ଠ ଜୀବ (B) ଯୁକ୍ତିବାଦୀ ଜୀବ (C) ସ୍ୱାର୍ଥପର ଜୀବ (D) ଅବିଶ୍ୱାସୀ ଜୀବ
* ଉତ୍ତର: (B) ଯୁକ୍ତିବାଦୀ ଜୀବ

୧୪. କେଉଁମାନଙ୍କର ମାନସିକ ପରିବର୍ତ୍ତନ ହୋଇଛି ବୋଲି ପ୍ରାବନ୍ଧିକ କହିଛନ୍ତି?

* (A) ନବଯୁବକମାନଙ୍କର (B) ବୃଦ୍ଧମାନଙ୍କର (C) ବୃଦ୍ଧାମାନଙ୍କର (D) ଶିଶୁମାନଙ୍କର
* ଉତ୍ତର: (A) ନବଯୁବକମାନଙ୍କର
୧୫. ପ୍ରାବନ୍ଧିକ ଆୟୁକୁ ନିମ୍ନୋକ୍ତ କାହା ସହିତ ତୁଳନା କରିଛନ୍ତି?

* (A) ସୂର୍ଯ୍ୟଙ୍କ ସହ (B) ଚନ୍ଦ୍ରଙ୍କ ସହ (C) ଶିବଙ୍କ ସହ (D) ବୃହସ୍ପତିଙ୍କ ସହ
* ଉତ୍ତର: (A) ସୂର୍ଯ୍ୟଙ୍କ ସହ

୧୬. ଗ୍ରାମଟି ଯାକ କେଉଁଥିରେ ପରିପୂର୍ଣ ହୋଇ ଗଲାଣି ବୋଲି ପ୍ରାବନ୍ଧିକ କହିଛନ୍ତି?

* (A) ସ୍ୱର୍ଣ୍ଣଶୀର୍ଷ ଧାନ୍ୟ ରେ (B) ନବାଗତ ଅତିଥିରେ (C) ବୃକ୍ଷରାଜିରେ (D) ଲତାଗୁଳ୍ମରେ
* ଉତ୍ତର: (B) ନବାଗତ ଅତିଥିରେ

୧୭. ବେକାର ଯୁବଗୋଷ୍ଠୀ ପୁଷ୍ପିତ ପଳାଶ ବନରେ କ'ଣ ଦେଖନ୍ତି?

* (A) ଆହବର ରକ୍ତ (B) ରକ୍ତ କେତନ (C) ବିଦ୍ରୋହର ବହ୍ନି (D) ଲାଲ ଝଣ୍ଡା
* ଉତ୍ତର: (C) ବିଦ୍ରୋହର ବହ୍ନି

୧୮. ଆଟ୍ଲାସ କେଉଁ ଦେଶର ଦେବତା ଅଟନ୍ତି?

* (A) ଭାରତୀୟ (B) ମିଶରୀୟ (C) ଗ୍ରୀସୀୟ (D) ଇଉରୋପୀୟ
* ଉତ୍ତର: (C) ଗ୍ରୀସୀୟ

୧୯. ଗ୍ରାମର କେଉଁଥିରେ ଲେଖକଙ୍କର ସ୍ଥାନ ନଥିବା କଥା ସେ କହିଛନ୍ତି?

* (A) ଶୃଙ୍ଖଳିତ ସାଂସ୍କୃତିକ ଜୀବନ (B) ଶୃଙ୍ଖଳିତ ଜୀବନ ଚର୍ଯ୍ୟା (C) ଶୃଙ୍ଖଳିତ କର୍ମ ଯୋଜନା (D) ଶୃଙ୍ଖଳିତ ସାମାଜିକ ଜୀବନ
* ଉତ୍ତର: (C) ଶୃଙ୍ଖଳିତ କର୍ମ ଯୋଜନା

ସଂପ୍ରସଙ୍ଗ ସରଳାର୍ଥ

1. " ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି । "
" ସମୟ ..... ଚାଲିଛି "।
ଶଂସିତ ଗଦ୍ୟାଂଶଟି ପ୍ରାବନ୍ଧିକ ଡ଼ଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚିତ 'ଜନ୍ମଭୂମୀ' ଶୀର୍ଷକ ପ୍ରବନ୍ଧ ରୁ ଆନିତ।
ଉକ୍ତ ପ୍ରସଙ୍ଗରେ ପ୍ରାବନ୍ଧିକ ନିଜର ଅସହାୟତାବୋଧ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ।

ପ୍ରାବନ୍ଧିକ ନିଜ ଜନ୍ମ ଭୂମି ଠାରୁ ଦୂରରେ ରହି ମାନସିକ ଗ୍ଲାନିର ଶିକାର ହୋଇଛନ୍ତି । ଏହି ନୈରାଶ୍ୟ ତଥା ଅସହାୟତା ପ୍ରାବନ୍ଧିକଙ୍କର ନୈତିକ ସାହସକୁ କ୍ଷୀଣ କରିଦେଇଥିବା ସମ୍ପର୍କରେ ପ୍ରାବନ୍ଧିକ ସୂଚନା ପ୍ରଦାନ କରିଛନ୍ତି । ଯେଉଁ ଜନ୍ମଭୂମିରେ ସେ ଜନ୍ମ ଗ୍ରହଣ କରିଛନ୍ତି , ଯାହାର ସ୍ନେହରେ ସେ ବଢ଼ିଛନ୍ତି,ଯେଉଁଠାରେ ରୂପ ,ରସ,ଗନ୍ଧ ଓ ସ୍ପର୍ଶର ପ୍ରଥମ ପରିଚୟ ସେ ପାଇଛନ୍ତି,ଯେଉଁଠାରୁ ଆହାର ପାନୀୟ ନେଇ ଶିଶୁ ପ୍ରାଣକୁ ପରିପୃଷ୍ଟ କରିଛନ୍ତି , କ୍ରମେ ବୟସ ବୃଦ୍ଧି ହେବା ସହିତ କର୍ତ୍ତବ୍ୟର ଆହ୍ୱାନରେ ସେ ଦୁରେଇ ଆସିଛନ୍ତି ,ସେହି ଜନ୍ମଭୂମି ତାଙ୍କୁ ଅପରିସୀମ ଦୁଃଖ ଓ ନୈରାଶ୍ୟ ଏବଂ ମାନସିକ ଦୁଃଖ ଦେଇଛି । ସେ ସେଥିପାଇଁ ସମୟ ସ୍ରୋତରେ ନିଜକୁ ନିହାତି ନିଃସହାୟ ମନେ କରିଛନ୍ତି ।

ପ୍ରସଂଗଟି ଏକାନ୍ତ ମର୍ମସ୍ପର୍ଶୀ ।

2. ଏମାନେ ପୁଷ୍ପିତ ପଳାସ ବନରେ ଦେଖନ୍ତି ବିଦ୍ରୋହର ବହ୍ନି , ସ୍ଥଳପଦ୍ମରେ ଦେଖନ୍ତି ଆହୋବର ରକ୍ତ ଓ ଆନତ କୃଷ୍ଣଚୁଡାରେ ଦେଖନ୍ତି ଅନାଗତ ଯୁଗର ରକ୍ତ କେତନ ।
"ଏମାନେ .....କେତନ "

ସଂସିତ ଗଦ୍ୟାଂଶ ଟି ଜନ୍ମ ଭୂମି ଶୀର୍ଷକ ପ୍ରବନ୍ଧ ରୁ ଆନିତ ।
ଆଲୋଚ୍ୟ ପ୍ରସଙ୍ଗରେ ପ୍ରାବନ୍ଧିକ ଡ୍ର କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ଗ୍ରାମର ଯୁବକ ମାନଙ୍କର ମାନସିକତା ସମ୍ପକରେ ବର୍ଣନା କରିଛନ୍ତି ।

କର୍ତ୍ତବ୍ୟ ପାଇଁ ଜନ୍ମ ଭୂମି ଠାରୁ ଦୂରେଇ , ଜନ୍ମ ଭୂମିର ସ୍ନେହ ରୁ ବଂଚିତ ହେବା କାରଣରୁ ଲେଖକ ଦୁଃଖ ପ୍ରକାଶ କରିଛନ୍ତି।ପରିସ୍ଥିତି ଦୃଷ୍ଟି ରୁ ମଧ୍ୟ ସେ ଗ୍ରାମ୍ୟ ଜୀବନ ସହିତ ନିଜକୁ ସାମିଲ କରିପାରି ନାହାଁନ୍ତି। ଗ୍ରାମରେ ଥିବା ଯୁବକ ମାନଙ୍କ ସହିତ ପଲ୍ଲୀ ପ୍ରକୃତି କୁ ଉପଭୋଗ କରିବା କିମ୍ବା ସାହିତ୍ୟ ଚର୍ଚ୍ଚା କରିବା ସମ୍ଭବ ନୁହେଁ ବୋଲି ସେ ଅନୁଭବ କରିଛନ୍ତି । କାରଣ ସେମାନେ ମାନସିକ ସ୍ତରରେ ପରିବର୍ତ୍ତିତ ହୋଇ ପୁଷ୍ପିତ ପଳାସ ବନରେ ବିଦ୍ରୋହର ବହ୍ନି ଦେଖନ୍ତି, ସ୍ଥଳ ପଦ୍ମରେ ଆହବର ରକ୍ତ ଦେଖନ୍ତି ଏବଂ ଆନତ କୃଷ୍ଣ ଚୂଡ଼ାରେ ଅନାଗତ ଯୁଗର ରକ୍ତ କେତନ ଦେଖନ୍ତି।

ପ୍ରସଙ୍ଗ ଟି ଶିକ୍ଷା ମୂଳକ

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ଉତ୍ତର

1. ପଲ୍ଲୀ କୂଳକୁ ଫେରି ଯିବାର ନୈତିକ ସାହସ ମୋର ନାହିଁ ବୋଲି ଲେଖକ କାହିଁକି କହିଛନ୍ତି?

ଜନ୍ମ ଭୂମି ପ୍ରବନ୍ଧରେ ଲେଖକ ପଲ୍ଲୀବିମୁଖ ଶିକ୍ଷିତ ସମ୍ପ୍ରଦାୟର ମାନସିକ ଭାବାବେଗ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ।

ପଲ୍ଲୀ ଗ୍ରାମର କୋଳ ମଣ୍ଡନ କରି ଜନ୍ମ ନେଉଥିବା ଶିଶୁ ଟି ପାଇଁ ପଲ୍ଲୀ ଗ୍ରାମ ହେଉଛି ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ। ପଲ୍ଲୀବାସୀ ତାର ଆତ୍ମୀୟ ସ୍ୱଜନ , ସେମାନଂକର ଆଶା ଓ ଭରସା ରୂପେ ସେହି ଶିଶୁ ଟି ଏକ ସ୍ୱତନ୍ତ୍ର

କେନ୍ଦ୍ର ବିନ୍ଦୁ ହୋଇଥାଏ, ମାତ୍ର ବାଲ୍ୟ ଶିକ୍ଷଣ ରେ ଶିଶୁ ଟି ଆପଣା ର ବୟସ ବୃଦ୍ଧି ସହ ଉଚ୍ଚ ଶିକ୍ଷା ପାଇଁ ସହର କୁ ଯାଇଥାଏ । କ୍ରମେ ସେ ଜୀବିକାର୍ଜନ ଦାୟରେ କିମ୍ବା ଅନ୍ୟାନ୍ୟ ଆଳରେ ପଲ୍ଲୀ ଜୀବନ କୁ ଭୁଲିଯାଏ। ସେ ଜନ୍ମଭୂମିର ଋଣ ପରିଶୋଧ କରିପାରେ ନାହିଁ। ନିଜର ଜନ୍ମଭୂମି ପବିତ୍ର କୂଳକୁ ଫେରିବାକୁ ସେ ଘୋର ଅସୁବିଧାର ସମ୍ମୁଖୀନ ହୁଏ। ଗାଁ ରୁ ଦୁରେଇ ସହରୀ ପାଣି ପବନ ରେ ଚଳିବା ପରେ ପଲ୍ଲୀ ଜୀବନକୁ ଆପଣେଇ ବାକୁ ଭୌତିକ ସାମର୍ଥ୍ୟ ଥିଲେ ମଧ୍ୟ ନୈତିକ ସାହସର ଘୋର ଅଭାବ ଘଟେ । ପ୍ରାବନ୍ଧିକ ନିଜେ ଏସବୁ ଅଙ୍ଗେ ନିଭାଇଛନ୍ତି।

ଲେଖକ ଅନୁଭବ କରିଛନ୍ତି ଯେ ତାଙ୍କର ପ୍ରିୟ ଜନ୍ମଭୂମି ପଲ୍ଲୀ ଗ୍ରାମର ଶିକ୍ଷିତ, ଅଶିକ୍ଷିତ ବା ଅର୍ଧଶିକ୍ଷିତ ବେକାର ଯୁବଗୋଷ୍ଠୀ ରାଜନୀତି ରେ ଜଡ଼ିତ ହୋଇ ବିଭିନ୍ନ ଦଳରେ ବିଭକ୍ତ ହୋଇଛନ୍ତି।ତେଣୁ ସେମାନଙ୍କର ମନର ଗତି ସହିତ ତାଳ ଦେଇ ପଲ୍ଲୀ ଭୂଇଁ ରେ ଚଳିବା ସମ୍ଭବ ନୁହେଁ।

ପ୍ରାବନ୍ଧିକଙ୍କ ମତରେ ସାରା ବର୍ଷ ଲାଗିଥାଏ ।ନାନାଦି ଶୃଙ୍ଖଳିତ କର୍ମ ଯୋଜନା ସେଥିରେ ମଧ୍ୟ ମୋର ସ୍ଥାନ ନାହିଁ। ଗ୍ରୀଷ୍ମ ର ଝାଞ୍ଜି ରେ ,ବର୍ଷା ର ଝଡ଼ରେ ବା ହେମନ୍ତ ର ଶୀତରେ ଏହି କର୍ମ ଯୋଜନା ରେ କୌଣସି ସ୍ଥାନରେ ଅଂଶ ନେବା ପାଇଁ ଭୌତିକ ଶକ୍ତି ର ଅଭାବ ନଥିଲେ ମଧ୍ୟ ନୈତିକ ଶକ୍ତି ର ଅଭାବ ରହିଛି। ଏଣୁ ମୁଁ ମୋର ଜନ୍ମ ଭୂମି କୁ ଖାଲି ମନରୁ ନୁହଁ କର୍ମରୁ ମଧ୍ୟ ବିଚ୍ୟୁତ ହୋଇପଡିଛି।

ଉପରୋକ୍ତ ସମୀକ୍ଷା ଅନୁଯାୟୀ ପଲ୍ଲୀ କୂଳକୁ ଫେରି ଯିବାର ନୈତିକ ସାହସ ନାହିଁ ବୋଲି ଲେଖକ କହିଛନ୍ତି।

2. ମନୁଷ୍ୟକୁ ବହୁ ପରିମାଣରେ ପରମ୍ପରା ର ଦାସ ବୋଲି କହିବାର ଯଥାର୍ଥତା କଣ?

ଜନ୍ମଭୂମି ପ୍ରବନ୍ଧ ଟି ପ୍ରାବନ୍ଧିକ ଙ୍କ ପ୍ରବନ୍ଧ ମାନସରୁ ଗୃହୀତ। ଉକ୍ତ ପ୍ରବନ୍ଧରେ ସେ ମନୁଷ୍ୟ କୁ ବହୁ ପରିମାଣରେ ପରମ୍ପରା ର ଦାସ ବୋଲି ବର୍ଣ୍ଣନା କରିଛନ୍ତି ।

ପ୍ରାବନ୍ଧିକ ନିଜକୁ ଆଧୁନିକ ଶିକ୍ଷିତ ଗୋଷ୍ଠିର ଜଣେ ପ୍ରତିନିଧି ରୂପେ ଚିତ୍ରଣ କରିଛନ୍ତି।
ସେ ଅନୁଭବ କରିଛନ୍ତି ଯେ ଆଜିକାଲି ର ଶିକ୍ଷିତ ଗୋଷ୍ଠୀ ନାନାଦି କାରଣରୁ ସହର ରୁ ପଲ୍ଲୀ ଭୂମି କୁ ଫେରି ଯିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଗ୍ରାମ ବାସୀ ମାନଙ୍କର ସେମାନଙ୍କ ଉପରେ ଥିବା ଆଶା ଓ ଭରସା କୁ ସାମ୍ନା କରିବା ପାଇଁ ସେମାନଙ୍କର ନୈତିକ ସାହସ ନାହିଁ । ଗ୍ରାମର ସୁଖ ଦୁଃଖ ହସ କାନ୍ଦ ଓ ନାନା ବିଧ କର୍ମ ଯୋଜନା ରୁ ସେମାନେ ଦୂରରେ। ତେବେ ସେମାନେ ଭୁଲିଯିବା ଉଚିତ ନୁହେଁ ଯେ ମନୁଷ୍ୟ ଗତାନୁଗତିକତାର ଦାସ।

ପ୍ରକୃତରେ ମନୁଷ୍ୟ କେବଳ ଯୁକ୍ତି ବାଦୀ ଜୀବନୁହେ ,ସେ ବହୁ ପରିମାଣରେ ପରମ୍ପରାର ଦାସ। ସେ କିନ୍ତୁ ଆଭିଜାତ୍ୟର ଚିହ୍ନ ବୋଲି ବିବେଚନା କରି ନିରର୍ଥକ ନେକଟାଇ କୁ ଛାଡେ ନାହିଁ । କାୟକ୍ଲେଶ ନ ସହିବା ମଧ୍ୟ ଆଭିଜାତ୍ୟର ଚିହ୍ନ ବୋଲି ସେ ବିଚାର କରେ । ତେଣୁ କାୟକ୍ଲେଶ ସହିବାର କ୍ଷମତା ଥିଲେ ମଧ୍ୟ ସେ ଶିକ୍ଷିତ ମଣିଷ ସହ୍ୟ କରିପାରି ନଥାଏ। ସେ ପରମ୍ପରା କୁ ସମ୍ମାନ ଦେବା ଏକାନ୍ତ ଜରୁରୀ ବିଚାର କରିବା ଆବଶ୍ୟକ। କାରଣ ପରମ୍ପରା କୁ ବାଦ ଦେଇ ସେ କେବେ ଅଗ୍ରଗାମୀ ହୋଇ ନ ପାରେ । ସେ ଯେଉଁ ଆଭିଜାତ୍ୟର ମୋହର ମାରି ନିଜକୁ ବଡ ବୋଲି ବିଚାର କରେ ସେହି ଆଭିଜାତ୍ୟ ହିଁ ପରମ୍ପରା ର ଆଭିଜାତ୍ୟକୁ ଛାଡିବା ଯେଭଳି ସମ୍ଭବ ନୁହେଁ ପରମ୍ପରା କୁ ଛାଡିବା ମଧ୍ୟ ସମ୍ଭବ ନୁହେଁ।

ମଣିଷର ପରମ୍ପରା ରେ ସମ୍ମାନ ରହିଛି , ନୀତି ରହିଛି , ନୈତିକତା ରହିଛି ।ଧର୍ମ ଧାରଣା ରହିଛି। ସାମାଜିକ ସତ୍ୟ କୁ ଅସ୍ୱୀକାର କରିବା ଅର୍ଥ ପରମ୍ପରା କୁ ଅସ୍ୱୀକାର କରିବା। ଏଥିପାଇଁ ଶିକ୍ଷିତ ମାନବ ତାର ସାମାଜିକ ନୀତି ରୀତି ଓ ପରମ୍ପରା କୁ ମଧ୍ୟ ସମ୍ମାନ ଦେଖାଇବା ସମୀଚିନ ବୋଧ ହୋଇଥାଏ ଅର୍ଥାତ ମନୁଷ୍ୟ ହିଁ ପରମ୍ପରା ର ଦାସ।

ସଭ୍ୟତା ଓ ବିଜ୍ଞାନ

Q1:- 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
* (A) ଉତ୍କଳ ଭାରତୀ
* (B) ଉତ୍କଳ ସାହିତ୍ୟ
* (C) ଉତ୍କଳ ପ୍ରଭା
* (D) ବୋଧଦାୟିନୀ
Q2:- ମିଶର ସଭ୍ୟତାର ଆଦର୍ଶ _____ ଥିଲା ।
* (A) ଆତ୍ମସଂଯମ
* (B) ଭୋଗ ✅
* (C) ତ୍ୟାଗ
* (D) ବୈଷୟିକ ଉନ୍ନତି
Q3:- କେଉଁ ସାଧନ ପାଇଁ ଶାରୀରିକ ମାନସିକ ଉନ୍ନତି ସର୍ବଦା କରଣୀୟ ?
* (A) ଯୋଗ
* (B) ବେଦାଧ୍ୟୟନ
* (C) ବ୍ରହ୍ମଚର୍ଯ୍ୟ ✅
* (D) ଗୁରୁଭକ୍ତି
Q4:- ଆଧୁନିକ ସଭ୍ୟତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଆମେମାନେ..... କୁ ହିଁ ଅବଲମ୍ବନ କରି ଥାଇଁ ?
* (A) ସାହିତ୍ୟ
* (B) ସାମାଜିକ ବିଜ୍ଞାନ
* (C) ବିଜ୍ଞାନ ✅
* (D) ପ୍ରଯୁକ୍ତିବିଦ୍ୟା
Q5:- କଳାବିଦ୍ୟା, ଦର୍ଶନ, ମନସ୍ତତ୍ତ୍ୱ, ଇତିହାସ କୁ କେଉଁ ଲୋକେ ବିଜ୍ଞାନ ବୋଲି ଭାବନ୍ତି ନାହିଁ ?
* (A) ବିଜ୍ଞାନ ଯୁଗ ଲୋକେ
* (B) ବିଦେଶର ଲୋକେ
* (C) ଆଧୁନିକ ଯୁଗର ଲୋକେ ✅
* (D) ସାଧାରଣ ଲୋକେ
Q6:- ଜଡ଼ ବିଜ୍ଞାନରେ କେଉଁ ଶାସ୍ତ୍ର ନିହିତ ଅଛି ?
* (A) ବିଜ୍ଞାନ
* (B) ଗଣିତ ✅
* (C) ସାମାଜିକ
* (D) ଅର୍ଥ
Q7:- ପଦାର୍ଥ ବିଜ୍ଞାନରେ କେଉଁ ତତ୍ତ୍ୱ ନିହିତ ରହିଛି ?
* (A) ଶବ୍ଦ ✅
* (B) ପ୍ରତିଘାତ
* (C) ଆକର୍ଷଣ
* (D) ଗତି

Q8:- ଗେଙ୍ଗୁଟି ପଥରରେ ପାଣି ଢାଳିଲେ କେଉଁ ବାଷ୍ପ ନିର୍ଗତ ହୁଏ ?
* (A) ଅମ୍ଳଜାନ
* (B) ଯବକ୍ଷାରଯାନ
* (C) ଅଙ୍ଗାର କାମ୍ଳ ✅
* (D) ନିଟ୍ରୋଜେନ

Q9:- କେଉଁ ସଭ୍ୟତାର ଆଦର୍ଶ ପ୍ରତ୍ୟେକ ଜାଣିଲେ ମୈତ୍ରୀର ଧ୍ୱଜା ଉଡ଼ିବ ?

* (A) ପୁରାତନ
* (B) ଆଦିମ
* (C) ଆଧୁନିକ ✅
* (D) ସବୁଜ

Q10:- ବିଜ୍ଞାନ ବିଷୟରେ ସର୍ବାଙ୍ଗୀନ ଉନ୍ନତି ଓ ଜ୍ଞାନ ଲାଭ କରିବ ଏକ .....ସଭ୍ୟତାର ଅଧିକାରୀ ହୋଇପାରିବା ?
* (A) ଆଧୁନିକ
* (B) ଲୌକିକ
* (C) ଅଲୌକିକ ✅
* (D) ଅତ୍ୟାଧୁନିକ
*
11 . ଭାରତୀୟ ସଭ୍ୟତାର ଆଦର୍ଶ କ'ଣ ଥିଲା ?
* (A) ଭୋଗ ଓ ଐଶ୍ୱର୍ଯ୍ୟ
* (B) ତ୍ୟାଗ ଓ ଆତ୍ମସଂଯମ
* (C) ଯାଗଯଜ୍ଞ କରଣ
* (D) ରାଗ ଓ ରାଗିଣୀ ସୃଷ୍ଟି
* ଉତ୍ତର: (B) ତ୍ୟାଗ ଓ ଆତ୍ମସଂଯମ

12 . ଭାରତର ବୈଶିଷ୍ଟ୍ୟ କ'ଣ ?
* (A) ତା'ର ସଭ୍ୟତା
* (B) ତା'ର ଧର୍ମ
* (C) ତା'ର ଆଧ୍ୟାତ୍ମିକତା
* (D) ତା'ର ବୈଷୟିକ ଉନ୍ନତି
* ଉତ୍ତର: (C) ତା'ର ଆଧ୍ୟାତ୍ମିକତା

13 . ତ୍ୟାଗ ଓ ଆତ୍ମସଂଯମ କେଉଁ ସଭ୍ୟତାର ଆଦର୍ଶ ଥିଲା ?
* (A) ଗ୍ରୀସୀୟ
* (B) ରୋମୀୟ
* (C) ଭାରତୀୟ
* (D) ମିଶରୀୟ
* ଉତ୍ତର: (C) ଭାରତୀୟ

14 . ଭାରତର ବୈଜ୍ଞାନିକ ଉନ୍ନତିର ନିଦର୍ଶନ କ'ଣ ଥିଲା ?
* (A) ଇଚ୍ଛାକୃତ
* (B) ସ୍ୱେଚ୍ଛାକୃତ
* (C) ଅନିଚ୍ଛାକୃତ
* (D)ବାଞ୍ଛିତ
* ଉତ୍ତର: (C) ଅନିଚ୍ଛାକୃତ

15 . ଯେକୌଣସି ବିଷୟରେ ସମ୍ୟକ ଜ୍ଞାନକୁ କଣ କୁହାଯାଏ ?
* (A) ସାଧାରଣ ଜ୍ଞାନ
* (B) ବିଜ୍ଞାନ
* (C) ଅଜ୍ଞାନ
* (D) ସର୍ବଜ୍ଞାନ
* ଉତ୍ତର: (B) ବିଜ୍ଞାନ

16 . ବୈଜ୍ଞାନିକ ମାନେ କ'ଣ ଉଦ୍ଭାବନ କରି ମାନବକୁ ଧ୍ୱଂସପଥର ପଥିକ କରୁଛନ୍ତି ?
* (A) ମାରାତ୍ମକ ଗ୍ୟାସ ଓ ବିସ୍ଫୋରକ
* (B) ବିଭିନ୍ନ ଉପକରଣ
* (C) ବିଦ୍ୟୁତ ଶକ୍ତି
* (D) ଉପଗ୍ରହ
* ଉତ୍ତର: (A) ମାରାତ୍ମକ ଗ୍ୟାସ ଓ ବିସ୍ଫୋରକ
17 . ସାଧାରଣ ଲୋକେ କାହାକୁ ବିଜ୍ଞାନ ବୋଲି ଭାବି ନ ଥାନ୍ତି?
• (A) ଗଣିତକୁ
• (B) କଳା ବିଦ୍ୟାକୁ
• (C) ପଦାର୍ଥ ବିଦ୍ୟାକୁ
• (D) ଶରୀର ଜ୍ଞାନକୁ
• ଉତ୍ତର: (B) କଳା ବିଦ୍ୟାକୁ

18 . କଶିକ୍ଷା, ସଂଯମ ଓ ବ୍ରହ୍ମଚର୍ଯ୍ୟ ପାଳନ କରିବା ପାଇଁ କାହାର ଆବଶ୍ୟକତା ଥାଏ?
• (A) କଠୋର ସାଧନା
• (B)କଠୋର ଉପାସନା
• (C) କଠୋର ନିଷ୍ଠା
• (D) କଠୋର ପରିଶ୍ରମ
• ଉତ୍ତର: (A) କଠୋର ସାଧନା

19 . ଆଧୁନିକ ସଭ୍ୟତାରେ ସର୍ବତ୍ର କାହାର ଅଭାବ ପରିଲକ୍ଷିତ ହେଉଛି?
• (A) ଜ୍ଞାନର
• (B) ବିଜ୍ଞାନର

• (C) ଶିକ୍ଷାର
• (D) ସଂଯମର
• ଉତ୍ତର: (D) ସଂଯମର

20. ସୃଷ୍ଟି ରହସ୍ୟ ଭେଦ କରିବା କାହାର ପଦବାଚ୍ୟ?
• (A) ବିଜ୍ଞାନ
• (B) ଧର୍ମ
• (C) ଜ୍ଞାନ
• (D) ବୁଦ୍ଧି
• ଉତ୍ତର: (B) ଧର୍ମ

1. "ତ୍ୟାଗ ମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ସେ ବିଷୟର ମାଲିକ ହୁଏ ସେତେବେଳେ ଭୋଗମାର୍ଗଗାମୀ ଜାତି ଠାରୁ ତା'ର ପଥ ସଂପୂର୍ଣ୍ଣ ପୃଥକ ହୋଇଯାଏ।"

ଉତ୍ତର :- ତ୍ୟାଗ ମାର୍ଗରେ ..... ସଂପୂର୍ଣ୍ଣ ପୃଥକ ହୋଇଯାଏ।
ଉ- ଉକ୍ତ ଗଦ୍ୟାଂଶଟି ପଢା ଯାଉଥିବା ସାହିତ୍ୟ ବହିର ସଭ୍ୟତା ଓ ବିଜ୍ଞାନରୁ ଆସିଛି
• ଲେଖକ: ବଂଶୀଧର ସାମନ୍ତରାୟ।

- ଏଠାରେ ଭାରତୀୟ ଦର୍ଶନ ଶାସ୍ତ୍ରରେ ଥିବା ତ୍ୟାଗ ମାର୍ଗ ଓ ଭୋଗ ମାର୍ଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଛି।
- ସଭ୍ୟତାର ପ୍ରକୃତ ଅର୍ଥ ବୁଝିବାକୁ ହେଲେ ବିଜ୍ଞାନ ହିଁ ପଥ ପ୍ରଦର୍ଶକ ଅଟେ।
- ଭାରତ ହେଉଛି ମୁନି-ଋଷିଙ୍କ ଦେଶ। ବେଦ, ବେଦାନ୍ତ ଦର୍ଶନ ଶାସ୍ତ୍ର ର ମୂଳ ଆଧାର।
- ଭାରତ ଏକ ପୁଣ୍ୟ ଆଧ୍ୟାତ୍ମିକ ଦେଶ ବୋଲି ସମସ୍ତେ ଜାଣନ୍ତି।
- ଭାରତୀୟ ଦର୍ଶନରେ ଦୁଇଟି ମୁଖ୍ୟ ମାର୍ଗ ରହିଛି: .
- ଗୋଟିଏ ତ୍ୟାଗ ଅର୍ଥ କାମ, କ୍ରୋଧ, ଲୋଭ, ମୋହ, ଗର୍ବ ଓ ଈର୍ଷା ଜାଣି ସଂସାର ଭୋଗ ପଦାର୍ଥ କୁ ଛାଡ଼ିଦେବା। ରୂପ ,ରସ, ଗନ୍ଧ, ଶବ୍ଦ, ସ୍ପର୍ଶ କୁ ବୁଝି ଛାଡିବା ।ଭୋଗ ମାର୍ଗ : ରୋମ , ମିଶର , ଗ୍ରୀକ ଆଦି ସଂସାର ଭଙ୍ଗୁର ଭାବି ଭୋଗମାର୍ଗକୁ ବୁଝିନେବା।
- ତ୍ୟାଗ ମାର୍ଗର ମାଲିକ ହେଲେ ଭୋଗ ମାର୍ଗ ଛୁଇଁପାରେ ନାହିଁ। ଭୋଗ ମାର୍ଗ ଠାରୁ ଅଲଗା ହୁଏ।
- ଫଳସ୍ୱରୂପ ତ୍ୟାଗରେ ସ୍ୱର୍ଗଗାମୀ ଓ ଭୋଗରେ ନର୍କଗାମୀ ହୁଏ।

2 - ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ବୁଝିବେ, ସେତେବେଳେ ମୈତ୍ରୀ ଧ୍ୱଜା ଉଡିବ ।

ଉ:– ଯେତେବେଳେ - - - - - - - ମୈତ୍ରୀର ଧ୍ୱଜା ଉଡିବ ।
* ଉକ୍ତ ଗଦ୍ୟାଂଶଟି 'ସଭ୍ୟତା ଓ ବିଜ୍ଞାନ' ରୁ ଆସି ଅଛି ।
* 'ବଂଶୀଧର ସାମନ୍ତରାୟ' ଏହାର ଲେଖକ ।
* ସଭ୍ୟତାର ଆଦର୍ଶ ଓ ଆଧୁନିକ ସଭ୍ୟତାର ଆଦର୍ଶକୁ ବୁଝିବା ।
* ବୈଷୟିକ, ଶାରୀରିକ, ମାନସିକ, ଓ ନୈତିକ ଉନ୍ନତି ସହ ଜ୍ଞାନ ସାଧନ କରିବା ହିଁ ସଭ୍ୟତା ।
* ବୈଷୟିକ କହିଲେ- ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଷ କୁ ଜାଣିବା ଓ ସଂଜମ ହେବା ।
* ଶାରୀରିକ କହିଲେ- ଶରୀର ସମ୍ବନ୍ଧିତ ଜ୍ଞାନ, (ପଞ୍ଚଜ୍ଞାନ ଇନ୍ଦ୍ରିୟ ଓ ପଞ୍ଚ କର୍ମ ଇନ୍ଦ୍ରିୟ) ଜାଣି ଅପବ୍ୟବହାରରୁ ସଂଯମ ରଖିବା ।
* ମାନସିକ - ମନ ସଂପର୍କିତ (ମନ, ବୁଦ୍ଧି, ଚିତ୍ତ, ଅହଂକାର) କାର୍ଯ୍ୟ ଜାଣି ସଂଯମ ହେବା ।
* ନୈତିକ - ବେଦ ଶାସ୍ତ୍ରରେ ସୂଚନା ଥିବା ନୀତି ଗତ ଆଚରଣ, ପ୍ରଣାମ, ଭକ୍ତି, ସେବା (କାୟିକ, ବାଚନିକ, ମାନସିକ) ପିତୃଦେବ

ଭବ, ମାତୃଦେବ ଭବ, ଅତିଥିଦେବ ଭବ, ଆଚାର୍ଯ୍ୟଦେବ ଭବ ଆଦି ପ୍ରାପ୍ତ ଦେବା ।
* ବିଶ୍ୱ ମାନବିକତା ଓ ବିରାଟ ସୃଷ୍ଟି ମୂଳରେ ମହାଶକ୍ତି ଲୁଚି ରହିଥିବା ବିଜ୍ଞାନ ଦ୍ୱାରା ନିରୂପଣ ହେବା ।
* ବିଜ୍ଞାନର ଅନ୍ୱେଷଣ ଶେଷ ଉନ୍ନତି ନହେବା ପର୍ଯ୍ୟନ୍ତ ସଭ୍ୟତାର ଶେଷ ଉନ୍ନତିରେ ପହଞ୍ଚିବା ଅସମ୍ଭବ ।
* ବିଜ୍ଞାନ ବଳରେ ସକଳ ଉନ୍ନତି ସାଧିତ ହୋଇଥିଲେ ମଧ୍ୟ ବିପକ୍ଷବାଦୀ ଏହାର ବିନାଶର ରାସ୍ତା ଖୋଜୁଛନ୍ତି ।
* ଯେଉଁ ମାନେ ବିନାଶ କରୁଛନ୍ତି ସେମାନେ ସଭ୍ୟତାର ଆଦର୍ଶ ବୁଝି ନାହାନ୍ତି ,
* ଯେତେବେଳେ ସମସ୍ତେ ସଭ୍ୟତାର ଆଦର୍ଶ ତାଙ୍କର ମନରୁ ଭୁଲ୍ ଧାରଣା ଦୂର ହେବ ।
ଫଳସ୍ୱରୂପ- ବିଶ୍ୱବାସୀଙ୍କର ମଙ୍ଗଳ ହେବ, ମୈତ୍ରୀ ପ୍ରତିଷ୍ଠା ହେବ, ମୈତ୍ରୀର ଧ୍ୱଜା ଉଡିବ ।

୧. ଦୀର୍ଘ ମୂଳକ ପ୍ରଶ୍ନୋତ୍ତର

Q. ଭାରତୀୟ ସଭ୍ୟତା ଓ ପାଶ୍ଚାତ୍ୟ ସଭ୍ୟତା ମଧ୍ୟରେ ଥିବା ପାର୍ଥକ୍ୟକୁ ପଠିତ ପ୍ରବନ୍ଧ କୁ ପାଥେୟ କରି ଆଲୋଚନା କର ।
ଉତ୍ତର:
* ସଭ୍ୟତା ଓ ବିଜ୍ଞାନ ଏକ ତୁଳନାତ୍ମକ ପ୍ରବନ୍ଧ ।
* 'ବଂଶୀଧର ସାମନ୍ତରାୟ' ଏହାର ଲେଖକ ।
* ଦରିଆପାରିର ସୁନା ଓ ଶିଶୁର ବୀଣା ତାଙ୍କ ରଚନା ।
* ଭାରତୀୟ ସଭ୍ୟତା ଓ ପାଶ୍ଚାତ୍ୟ ସଭ୍ୟତା କଣ ତାହା ଉଭୟଙ୍କ ମଧ୍ୟରେ ତୁଳନା କରିଛନ୍ତି।
* 'ସଭ୍ୟତା' ଅନୁସନ୍ଧାନ କରି ପ୍ରାଚୀନ, ଆଦିମ , ଓ ନିଗ୍ରୋ ପର୍ବତ୍ୟ ଜନଜାତି ଆଦି ବିଷୟରେ ସୂଚନା ଦେଇଛନ୍ତି।
*ଆଦିମ ମନୁଷ୍ୟ ସଭ୍ୟତା ଯାହା ପାର୍ବତ୍ୟ ବନ୍ୟ ଜାତିଙ୍କ ସଭ୍ୟତା ସମାନ ।
* ପ୍ରାଚୀନ, ରୋମ, ଗ୍ରୀସ୍ ଆଦି ସଭ୍ୟତା ବୈଷୟିକ ଉନ୍ନତି ।
* ଭୋଗ ବିଳାସରେ ଲାଗି ରହିବା ତାଙ୍କ ସଭ୍ୟତାର ଆଦର୍ଶ ଯେହେତୁ ସଂସାର ନଷ୍ଟଶିଳ ବା କ୍ଷଣଭଙ୍ଗୁର ।
* ଭାରତୀୟ ସଭ୍ୟତା ସମ୍ପୂର୍ଣ୍ଣ ଅଲଗା ।
* ଏହାର ଆଦର୍ଶ, ତ୍ୟାଗ, ଆତ୍ମସଂଯମ ଓ ଆଧ୍ୟାତ୍ମିକବାଦୀ ।
* ଭାରତୀୟମାନେ ଭାବନ୍ତି (କାମକ୍ରୋଧ, ଲୋଭ, ମୋହ, ଗର୍ବ , ଇର୍ଷା ଓ ରୂପ ରସ, ଗନ୍ଧ , ଶବ୍ଦ, ସ୍ପର୍ଶ)ଆଦି ବିଷୟକୁ ଜଞ୍ଜାଳର ବିପଦ ଭାବନ୍ତି ସବୁ ଜଞ୍ଜାଳକୁ ତଡିଦେଇ ନିସ୍ୱାର୍ଥ ମାର୍ଗ ର ବାଟୋଇ ହେଲେ ସେ ବିଷୟରେ ମାଲିକ ହୁଏ ।
* ଫଳତଃ ଭୋଗ ମାର୍ଗ ଠାରୁ ଅଲଗା ହୋଇ ପୁଣ୍ୟ ମାର୍ଗର ପଥିକ ହୋଇ ସ୍ୱର୍ଗଗାମୀ ହୁଅନ୍ତି। ବିପରୀତ ଗତି କରୁଥିବା ନର୍କଗାମୀ ହୁଅନ୍ତି।
*ପାଶ୍ଚାତ୍ୟ ସଭ୍ୟତାର ଆଦର୍ଶ ଇଚ୍ଛା କୃତ କିନ୍ତୁ ଭାରତର ବୈଷୟିକ ଉନ୍ନତି ତ୍ୟାଗ ମାର୍ଗର ଫଳ ସ୍ୱତସମ୍ଭୂତ ।
* ଭାରତର ସଭ୍ୟତା ଆଧ୍ୟାତ୍ମିକ ଓ ସଂଯମତାର ପ୍ରତୀକ କିନ୍ତୁ ପାଶ୍ଚାତ୍ୟ ଧ୍ୱଂସ ବିଷୟ ଉପୋଭାଗ ର ପ୍ରତୀକ।

୨. ଦୀର୍ଘ ସୂଚକ ପ୍ରଶ୍ନୋତ୍ତର (ପୃଷ୍ଠା ସଂଖ୍ୟା: ୨୬)

Q- ଆଧୁନିକ ସଭ୍ୟତାର ବିପକ୍ଷବାଦୀ ରୂପେ ଲେଖକ କେଉଁମାନଙ୍କୁ ଅଭିହିତ କରିଛନ୍ତି ?
ଉ.ବଂଶୀଧର ସାମନ୍ତରାୟ ଙ୍କର 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି ଏକ ତୁଳନାତ୍ମକ ସାହିତ୍ୟ ଅଟେ ।
ଉକ୍ତ ପ୍ରବନ୍ଧରେ 'ସଭ୍ୟତା ଓ ବିଜ୍ଞାନ' ର ସକାରାତ୍ମକ ଓ ନକାରାତ୍ମକ ଦିଗ ଗୁଡିକୁ ଆଲୋଚନା କରିଛନ୍ତି ।
* ସଭ୍ୟତାର ଅନୁସନ୍ଧାନକାରୀ ହିଁ ବିଜ୍ଞାନ ଅଟେ ।

* 'ସଭ୍ୟତା'ର ଆମୂଳଚୂଳ ବିଜ୍ଞାନ ତନ୍ନତନ୍ନ ବିଶ୍ଳେଷଣ କରି ଅନେକ ତଥ୍ୟ ସକରାତ୍ମକ ଦିଗକୁ ଚିହ୍ନେଇଛନ୍ତି।
* ଭାରତୀୟଙ୍କ ର ତ୍ୟାଗ ବିଷୟ୍ ସମ୍ପର୍କ ଓ ଆତ୍ମସଞ୍ଜୀମ ତଥା ଆଧାତ୍ମିକ ବିଷୟକ କୁ ବିଜ୍ଞାନ ଉପଲବ୍ଧ କରେ ,
* ବିଜ୍ଞାନ ବଳରେ ବଳୀୟାନ ହୋଇଥିବା ବିପକ୍ଷବାଦୀ ମାନେ ମତ ରଖନ୍ତି ଯଥା ମାନବ ସଭ୍ୟତା ର ଈଶ୍ୱର ବିଶ୍ୱାସ କମେଇ ଦେଇଛି ଓ ବିପଥଗାମୀ କରିଛି। ହେତୁବାଦୀ ମାନଙ୍କର ନକରାତ୍ମକ ଚିନ୍ତା
* ସବୁଠି ଆତ୍ମସଞ୍ଜୀମର ଅଭାବ ଦେଖାଯାଉଛି ।
* ମନୁଷ୍ୟ ମନୁଷ୍ୟ ମଧ୍ୟରେ ସ୍ନେହ, ଭକ୍ତିଭାବ , ଦେବପୂଜନ, ଅବକ୍ଷୟ ହେଉଛି ।
* ମାରାତ୍ମକ ଗ୍ୟାସ୍ ବିଶ୍ୱରକ ଉଦ୍ଭାବନ କରି ମାନବ ସମାଜ କୁ ଧ୍ୱଂସଭିମୂଖୀ କରିବା।
* ଧର୍ମ ବିଶ୍ୱାସ , ଈଶ୍ୱର ବିଶ୍ୱାସକୁ କମ୍ କରିଦେଇଛି।
* ଈଶ୍ୱର ସର୍ବତ୍ର ବିଦ୍ୟମାନ ଏ ଜ୍ଞାନକୁ ନକାରାତ୍ମକ ଯୁକ୍ତି କରୁଛି।
* ଜଡ଼ ଶକ୍ତି ଓ ଜୀବନ୍ତ ଶକ୍ତି କୁ ସମାନ ବୋଲି ଭାବୁଛି।



କାଠ

ଗଳ୍ପ - କାଠ

ବସନ୍ତ କୁମାର ଶତପଥୀ

ଲେଖକଙ୍କ ପରିଚୟ :

* ଲେଖକ - ବସନ୍ତ କୁମାର ଶତପଥୀ

* ଜନ୍ମସ୍ଥାନ - ବାରିପଦା ଗ୍ରାମ ମୟୂରଭଞ୍ଜ ଜିଲ୍ଲା

* ମସିହା - ୨୬ ଜୁନ୍, ୧୯୧୩

* କୃତି - ଗଳ୍ପ ସଂକଳନ (ଆଣ୍ଟିରୋମାଣ୍ଟିକ)

(ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର)

* ଗଳ୍ପ ପୁସ୍ତକ - ଗୋଟାଏ ଆଳୁ, ଆକାଶୀଫୁଲ, ଅଜାଗା ଘାଆ ଇତ୍ୟାଦି

* ମୃତ୍ୟୁ - ୧୯୯୪ ମସିହା

<u>ଗଳ୍ପର ପୃଷ୍ଠଭୂମି :</u>

* ଏହି ଗଳ୍ପରେ ଲେଖକ ଆଧୁନିକ ମଣିଷର ସ୍ୱାର୍ଥ ଓ ଶଠତାର ଚିତ୍ର , ସାନ୍ତାଳ ଆଦିବାସୀ ସମାଜର ସରଳତା ଓ ସ୍ୱାଭିମାନ ବିଷୟରେ ବର୍ଣ୍ଣନା କରିଛନ୍ତି ।

<u>ଗଳ୍ପର ଚରିତ୍ର :</u>

* ଲେଖକ - ବସନ୍ତ କୁମାର ଶତପଥୀ

* ଲେଖକଙ୍କ କଲେଜ ପଢୁଆ ପୁଅ

* କାଠୁରିଆ - ଦରବୁଢ଼ା ଲୋକ

* ଚାକର - ଚୈତନ୍ୟ

* କୁକୁର - ମୋତି

<u>ଗଳ୍ପର ସାରାଂଶ :</u>

* ଏହି ଗଳ୍ପରେ ଲେଖକ ନିଜ ଘର ପାଇଁ ଭାରତ କାଠ ଗୋଦାମରୁ ଦୁଇ କୁଇଣ୍ଟାଲ୍ ଧଅ ଗଣ୍ଡିକାଠ ଆଣିଥିଲେ । ସାନ୍ତାଳ ଆଦିବାସୀମାନଙ୍କ ପର୍ବ ହେତୁ କାଠ ଚିରିବା ପାଇଁ ଲୋକ ମିଳୁ ନଥିଲେ ।

* ସପ୍ତାହ ପରେ ରବିବାର ଦିନ ହଠାତ୍ ଜଣେ ଦରବୁଢ଼ା ଲୋକ କାଠ କାଟିବା ପାଇଁ ଆସିଲା ।

* କାଠ ଗଣ୍ଡିକୁ ଚିରିବା ପାଇଁ ୪ ଟଙ୍କା ମାଗିଲା ।

* ଗାଲ୍ଫିକ ଓ ତାଙ୍କର ପୁଅ ମିଶି ଚାରି ଅଣା କମାଇ କାମ କରାଇଲେ ।

* କାଠ ବାଙ୍ଗୁଆ ଓ ଗଣ୍ଠିଆ ହୋଇଥିବାରୁ ବୁଢା ବହୁ ପରିଶ୍ରମ କରି କାଠ କାଟିଲା ।

* ବୁଢ଼ା କାଠ ଚିରିସାରି ପାଉଣା ମାଗିଲା ।

* ଲେଖକ ୪ ଟଙ୍କା ବୁଢ଼ାକୁ ଦେଇ ଚାରି ଅଣା ଫେରେଇବାକୁ କହିଲେ ।

* ବୁଢ଼ା ପାଖରେ ଖୁଚୁରା ନଥିବାରୁ ଚାରଣା ଆଗାମୀ କାମରେ କଟାଇ ଦେବାକୁ କହିଲା ।

• ଲେଖକ କହିଲେ - ତୁ ଆସିବୁ, ନ ଆସିବୁ ତୋତେ କି ବିଶ୍ୱାସ ?

• ଏ କଥା ଶୁଣିବା ମାତ୍ରେ, ବୁଢ଼ା ରାଗରେ ଟଙ୍କା ସବୁ ଲେଖକଙ୍କ ଆଗରେ ଫିଙ୍ଗି ଦେଲା ।

• ହାଣ୍ଡିଆ ଖାଇବା ପରି ଆଖୁକୁ ଲାଲ କରି କହିଲା, ମୁଁ ତୋର ସବୁ କାମ କଲି, ଆଉ ଏବେ କହୁଛୁ କି ବିଶ୍ୱାସ !

• ଏହା କହି ବୁଢ଼ା ଏକ ମୁହାଣ ହୋଇ ମନ ଦୁଃଖରେ ଚାଲିଗଲା।

• ବୁଢ଼ାର ଭୟଙ୍କର ରୂପ ଦେଖି ଲେଖକ ଡ଼ରିଗଲେ।

• ସେ ଚାକର ଚୈତନ ହାତରେ ଦୁଇଟା ଦୁଇ ଟଙ୍କା ଦେଇ ବୁଢ଼ା ପାଖକୁ ପଠାଇଲେ ।

• ତାପରେ ଘରର କବାଟ ବନ୍ଦ କରି ଭୟରେ ବସିରହିଲେ ।

• ତାଙ୍କର ପୁରା ଶରୀର ଝାଳରେ ବୁଡ଼ିଗଲା ।

<u>ବହୁବିକଳ୍ପ ପ୍ରଶ୍ନୋତ୍ତର</u>

୧ - 'କାଠ' ଗଳ୍ପରେ ଆଧୁନିକ ମଣିଷର କେଉଁ ଚିତ୍ର ପ୍ରକଟିତ ହୋଇଛି?

(କ) ଗର୍ବ ଓ ଅହଂକାର (ଖ) ସ୍ୱାର୍ଥ ଓ ଶଠତା (ଗ) ତ୍ୟାଗ (ଘ) ପରୋପକାର

ଉ - (ଖ) ସ୍ୱାର୍ଥ ଓ ଶଠତା

୨ - ଗୋଦାମରୁ କେଉଁ କାଠ କିଣିବା ଲାଭଜନକ ହେବ ବୋଲି ଗଳ୍ପରେ କୁହାଯାଇଛି?

(କ) ଚିରା କାଠ (ଖ) ଟୁକୁରା କାଠ (ଗ) ଗଣ୍ଠିଆ କାଠ (ଘ) ଗଡ଼ ବା ମୁଣ୍ଡା କାଠ

• ଉ - (ଘ) ଗଡ଼ ବା ମୁଣ୍ଡା କାଠ

୩ - ଲେଖକ କେତେ ପରିମାଣରେ ଗଣ୍ଠି କାଠ ଗୋଦାମରୁ କିଣିଲେ?

(କ) ଚାରି କୁଇଣ୍ଟାଲ୍ (ଖ) ଦୁଇ କୁଇଣ୍ଟାଲ୍ (ଗ) ଗୋଟିଏ କୁଇଣ୍ଟାଲ୍ (ଘ) ପାଞ୍ଚ କୁଇଣ୍ଟାଲ୍

ଉ -(ଖ) ଦୁଇ କୁଇଣ୍ଟାଲ୍

୪ - ଲେଖକ ନିଜକୁ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି?

(କ) ଓଡ଼ିଶା (ଖ) ଜଙ୍ଗଲ ରାଜ୍ୟ (ଗ) ଆନ୍ଧ୍ର (ଘ) ବିହାର

• ଉ - (ଖ) ଜଙ୍ଗଲ ରାଜ୍ୟ

୫ - କାଠ ଚିରାଳି ସକାଳୁ କ'ଣ ପିଇ ଆସିଥିବା ଲେଖକଙ୍କୁ କହିଥିଲା?

(କ) ଚା' (ଖ) ତୋରାଣି (ଗ) ହାଣ୍ଡିଆ (ଘ) ପାଣି

ଉ - (ଖ) ତୋରାଣି

୬ - କାଠୁରିଆ କ'ଣ ଘୋଡ଼ି ହୋଇ ଆସିଥିଲା?

(କ) ନାଲି ଧଡ଼ିର ଶାଢ଼ୀ (ଖ) ଚାଦର (ଗ) ଗଦି (ଘ) କମ୍ବଳ

ଉ - (କ) ନାଲି ଧଡ଼ିର ଶାଢ଼ୀ

୭ - ଲେଖକ କାଠୁରିଆକୁ "ଚେନାଚେପାରା ସବୁ ଭଲ କରି ଗୋଟାଇଦେ" ବୋଲି କାହିଁକି କହିଲେ ?

(କ) ନିଜେ ଗୋଟାଇ ପାରିବେ ନାହିଁ ବୋଲି (ଖ) କାଠ ନଷ୍ଟ ହୋଇଯିବ ବୋଲି (ଗ) କୁକୁର ପାଦରେ ପଶିଯିବ ବୋଲି (ଘ) ସ୍ଥାନ ଟି ଅସନା ଦିଶୁଛି ବୋଲି

ଉ- (ଗ) କୁକୁର ପାଦରେ ପଶିଯିବ ବୋଲି

୮ - ଗଳ୍ପରେ ବର୍ଣ୍ଣିତ କାଠୁରିଆର ଘର କେଉଁଠି ?

(କ) ରାଇରଙ୍ଗପୁର (ଖ) ବେତନଟୀ (ଗ) ଠାକୁରମୁଣ୍ଡା (ଘ) ବାରିପଦା

ଉ. -(ଖ) ବେତନଟୀ

୯ - କାଠୁରିଆର ଭାବମୂର୍ତ୍ତି (ରୁଦ୍ରମୂର୍ତ୍ତି) ଦେଖି ଲେଖକ କଣ କଲେ ?

(କ) କ୍ରୋଧିତ ହେଲେ (ଖ) ଦୁଃଖ କଲେ (ଗ) ତାକୁ ଅଧିକ ଟଙ୍କା ଦେଲେ (ଘ) ଭୟଭୀତ ହେଲେ

ଉ - (ଘ) ଭୟଭୀତ ହେଲେ

୧୦ - କାଠୁରିଆର ଜମି ଜାଗା କିଏ ନେଇଯାଇଥିଲା ?

(କ) ସରକାର (ଖ) ମହାଜନ (ଗ) ସାହୁକାର (ଘ) ହାଟୁଆ

ଉ -(ଘ) ହାଟୁଆ

୧୧ . ଗୋଦାମରୁ ଲେଖକ କେଉଁ କାଠ କିଣିଥିଲେ ?

(କ) ଶାଳ (ଖ) ଚାକୁଣ୍ଡା (ଗ)ଝାଉଁ (ଘ) ଧଅ

ଉ- (ଘ) ଧଅ

୧୨ . କାଠୁରିଆ କ'ଣ ଚୋବାଇଲା ପରି ରୁଟି ଦୁଇଟା ଚୋବାଇଲା ?

(କ) ପାମ୍ପଡ଼ (ଖ) ମୁଢ଼ି (ଗ) ଗୋଡ଼ି (ଘ) ଖଡ଼ି

ଉ : (କ) ପାମ୍ପଡ଼

୧୩ . ଗଳ୍ପରେ , 'ଏକ ବାଗିଆ ମୂର୍ଖ' ବୋଲି କାହାକୁ କୁହାଯାଇଛି ?

(କ) ଲେଖକ (ଖ) କାଠ କଟାଳି (ଗ) ଚାକର ପିଲା ଚୈତନ (ଘ) ଲେଖକଙ୍କ କଲେଜ ପଢୁଆ ପୁଅ

ଉ : (B) କାଠ କଟାଳି

୧୪. 'କାଠ କାଟିବୁ ବାବୁ ' ? - ଏହା କାହାର ଉକ୍ତି ?

(A) କାଠୁରିଆ (B) ଲେଖକ (C) ଚୈତନ୍ୟ (D) ଲେଖକଙ୍କ ପଢୁଆ ପୁଅ

ଉ : (A) କାଠୁରିଆ

୧୫. କାଠ କଟାଳି ର ପ୍ରଥମ ଚୋଟରେ କୁରାଢ଼ୀ ଟି କେତେ ଗଭୀରକୁ ଭେଦିଥିଲା ?

(A) ଦୁଇ ଇଂଚ (B) ଏକ ଇଂଚ (C) ତିନି ଇଂଚ (D) ଦେଢ଼ ଇଂଚ

ଉ :(A) ଦୁଇ ଇଞ୍ଚ

୧୬. "ତୁ ଆସିବୁ ନ ଆସିବୁ କି ବିଶ୍ୱାସ ! " - ଏ ଉକ୍ତି ଟି କାହାର ଥିଲା?

(A) ଚୈତନ୍ୟ (B) କାଠୁରିଆ (C) ଲେଖକ (D) ଲେଖକଙ୍କ ପୁଅର

ଉ :(C) ଲେଖକ

୧୭. "ପଇସା ତୋତେ ଶସ୍ତା ହୋଇଛି ।" - ଏ କଥା କିଏ କହିଛନ୍ତି ?

(A) ଲେଖକ (B) କାଠୁରିଆ (C) ଲେଖକଙ୍କ ପୁଅ (D) ଚୈତନ୍ୟ

ଉ- (A) ଲେଖକ

୧୮. "ହେଲା ହେଲା ଚୁପ କର, ଆଉ ଚାରି ଅଣା ନବୁ " । ଏ କଥା କିଏ କହିଛନ୍ତି ?

(A) ଚୈତନ୍ୟ (B) କାଠୁରିଆ (C) ଲେଖକଙ୍କ କଲେଜ ପଢୁଆ ପୁଅ D) ଲେଖକ

ଉ- (C) ଲେଖକଙ୍କ କଲେଜ ପଢୁଆ ପୁଅ

୧୯. ବାବୁଙ୍କ ଚାକର ର ନାମ କଣ ଥିଲା ?

(A) ଚୈତନ (B) ଅଜୟ (C) ବିନୟ (D) ରାମୁ

ଉ- (A) ଚୈତନ

ଗଳ୍ପ - କାଳର କପୋଳ ତଳେ

ନନ୍ଦିନୀ ଶତପଥୀ

ଗାଳ୍ପିକାଙ୍କ ପରିଚୟ

* ଗାଳ୍ପିକା - ନନ୍ଦିନୀ ଶତପଥୀ
* ଜନ୍ମସ୍ଥାନ - ବିଶ୍ୱନାଥପୁର, ପୁରୀ
* ମସିହା - ୧୯୩୧ ମସିହା
* ବୃତ୍ତି - ଓଡ଼ିଶାର ମୁଖ୍ୟମନ୍ତ୍ରୀ
* ସୃଷ୍ଟି ସମ୍ପଦ - କ୍ଷୁଦ୍ରଗଳ୍ପ - 'କେତୋଟି କଥା', ସପ୍ତଦଶୀ
* ସମ୍ମାନ - 'ଗାନ୍ଧୀ କଥାମୃତ' ନିମିତ୍ତ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।
* ୧୯୯୮ ମସିହାରେ 'ସାହିତ୍ୟ ଭାରତୀ' ସମ୍ମାନରେ ସମ୍ମାନିତ ହୋଇଥିଲେ ।
* ତିରୋଧାନ - ୨୦୦୬ ମସିହାରେ

ଗଳ୍ପର ପୃଷ୍ଠଭୂମି

ଏହି ଗଳ୍ପରେ କିମ୍ବଦନ୍ତୀ ଓ ଇତିହାସ ଆଧାରରେ କଳିଙ୍ଗର ଜାତୀୟତାବୋଧ, ନାରୀର ସ୍ୱାଭିମାନ, ବୀରତ୍ୱ ଓ ଦେଶପାଇଁ, ଆତ୍ମବଳିଦାନ, ହିଂସାପ୍ରମତ୍ତ ଯୁଦ୍ଧଖୋର ମଣିଷର ପରିବର୍ତ୍ତନ ଆଦି ବର୍ଣ୍ଣନା କରାଯାଇଛି ।

ଗଳ୍ପର ଚରିତ୍ର -

* ଅଙ୍ଗଦ ଚୌଧୁରୀ
* ଇତିହାସ ପୁରୁଷ / ଦୀର୍ଘଦେହୀ ପୁରୁଷ
* ମହାରାଣୀ କୁରୁବକୀ
* ରାଜଜେମା ରାଜେଶ୍ୱରୀ
* ମଗଧ ସମ୍ରାଟ ଅଶୋକ

ଗଳ୍ପର ସାରାଂଶ

* ମନରେ ଅନେକ ସ୍ଥାନରେ କାଳର କପୋଳ ତଳେ ଗାଳ୍ପିକା ଧାଡ଼ି କ୍ରମେ ବସେଇଛନ୍ତି ।
* କୁହୁକିଆ ପୁରୁଷ / ଦୀର୍ଘଦେହୀ ପୁରୁଷ ଆକାଶକୁ ଚାହିଁ ଲମ୍ବାଇଛନ୍ତି କଳିଙ୍ଗର ରାଜପ୍ରାସାଦକୁ ।
* ଶୀତଳ ରାତି ଶାନ୍ତାକାରରେ ଗଳ୍ପଟି ଦେଖୁଛନ୍ତି ଓ ଶୁଣୁଛନ୍ତି ବିଭିନ୍ନ ଆଲୋଚନାରେ ।
* ମହାରାଣୀ କୁମାରଦେବୀ ଜଣାଇଲେ ଯେ, ମହାରାଜା ଚାଲିଗଲେ ଓ ରାଜଜେମା ରାଜେଶ୍ୱରୀ ରାଜ୍ୟର ଦାୟିତ୍ୱ ନେବେ ।
* ରାଜଜେମା ରାଜେଶ୍ୱରୀଙ୍କୁ ସ୍ୱାଗତ କରିବା ପରେ ମହାମନ୍ତ୍ରୀ ଓ ସେନାପତିମାନେ ସହ ଆଲୋଚନା କରିଛନ୍ତି ।
* ରାଜ୍ୟରେ ସାଧାରଣ ଅବସ୍ଥା ନାହିଁ; ମଗଧ ସମ୍ରାଟ ଅଶୋକ ବିପୁଳ ସୈନ୍ୟବାହିନୀ ଧରି କଳିଙ୍ଗ ଆକ୍ରମଣ କରିଛନ୍ତି ।
* ରାଜଜେମା ୧୨ ଜଣ ଯୋଦ୍ଧାଙ୍କୁ କହିବାପରେ ସେମାନଙ୍କ ରଣକୌଶଳ ବୁଝାଇଛନ୍ତି ।
* ଆଗେଇ ପୁଣି ଦୀର୍ଘଦେହୀ ପୁରୁଷ ସହ ଗପିଥିଲେ କଳିଙ୍ଗ ଯୁଦ୍ଧ ସ୍ଥାନରେ ।
* ପଙ୍ଗପାଳ ପରି ଧାଇଁ ଛନ୍ତି । ଯୁଦ୍ଧରେ ଆହତ ସୈନିକଙ୍କ ଆର୍ତ୍ତଚିତ୍କାର ଶୁଣାଯାଉଛି, ନିହତ ଓ ରକ୍ତପାତ ମଧ୍ୟରେ ରକ୍ତର ନଦୀ ଜମା ହୋଇଛି ।
* ମଗଧର ରାଜା ଅଶୋକ ଓ ମହାମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି କଳିଙ୍ଗ ଜୟ ପାଇଁ । ସୁଗଠିତ ତଥାପି ସମାନ ହେଲା । ଯୁଦ୍ଧ କିଏ ଲୋଡୁଛି ବୋଲି ପ୍ରଶ୍ନ କରିଛନ୍ତି ସମ୍ରାଟଙ୍କ ମନରେ ।
* ମଗଧ ସମ୍ରାଟ ଯୁଦ୍ଧର ବିଭୀଷିକା, ନରହତ୍ୟା ଦେଖି ମର୍ମାହତ ହେବା ସହ ଯୁଦ୍ଧ ବନ୍ଦ ଡାକରା ଦେଲେ ।
* ମଗଧ ସେନାପତିଙ୍କ ସହ ପ୍ରତ୍ୟକ୍ଷ ଯୁଦ୍ଧ କରି ରାଜେଶ୍ୱରୀ ମୃତ୍ୟୁବରଣ କରିଛନ୍ତି ।
* ଲେଖକ ଦୀର୍ଘଦେହୀଙ୍କୁ ପ୍ରଶ୍ନ କରିଛନ୍ତି ରାଜଜେମା ଓ ମହାରାଣୀଙ୍କ ନାମ କାହିଁକି ଇତିହାସରେ ନାହିଁ ।
* ଲେଖକଙ୍କ ପ୍ରଶ୍ନର ଉତ୍ତର ଦେଇ ଦୀର୍ଘଦେହୀ କହିଛନ୍ତି ଯେ, ସାମ୍ରାଜ୍ୟ ରକ୍ଷା କରିବା ପାଇଁ ଅଥବା ବିସ୍ତାର କରିବା ପାଇଁ

ଇତିହାସର ସୃଷ୍ଟି।

<u>ଗଳ୍ପର ସାରାଂଶ</u>

* ମନରେ ଅନେକ ପ୍ରଶ୍ନ ନେଇ ଅଙ୍ଗଦ ଚୌଧୁରୀ ଧଉଳି ପାହାଡ଼ ପଥର ଉପରେ ବସିଛନ୍ତି।
* ଇତିହାସ ପୁରୁଷ/ ଦୀର୍ଘଦେହି ପୁରୁଷ ଅଙ୍ଗଦକୁ ନେଇ ଯାଇଛନ୍ତି କଳିଙ୍ଗର ରାଜପ୍ରାସାଦକୁ ।
* ଅଙ୍ଗଦ ରାଜ ପ୍ରାସାଦରେ ପହଁଚି ଦେଖିଛନ୍ତି ଓ ଶୁଣିଛନ୍ତି ବିଭିନ୍ନ ଆଲୋଚନା ।
* ମହାରାଣୀ କୁରୁବକୀ ଜଣାଇଲେ ଯେ, ମହାରାଜା ଅସୁସ୍ଥ ଓ ରାଜ ଜେମା ରାଜେଶ୍ୱରୀ ରାଜ୍ୟର ଦାୟିତ୍ୱ ନେବେ ।
* ରାଜଜେମା ରାଜସିଂହାସନ ଅଳଙ୍କୃତ କରିବା ପରେ ମହାମନ୍ତ୍ରୀ ଓ ସଭା ସହ ମାନଙ୍କ ଆଲୋଚନା କରିଛନ୍ତି ।
* ରାଜ୍ୟରେ ସାଧାରଣ ଅବସ୍ଥା ନାହିଁ; ମଗଧ ସମ୍ରାଟ ଅଶୋକ ବିପୁଳ ସୈନ୍ୟବାହିନୀ ଧରି କଳିଙ୍ଗ ଆକ୍ରମଣ କରିଛନ୍ତି ।
* ରାଜଜେମା ୧୨ ଜଣ ଯୋଦ୍ଧା ସ୍ଥିର କହିବାପରେ ସେମାନଙ୍କ ରଣକୌଶଳ ବୁଝାଇଲେ।
* ଅଙ୍ଗଦ ପୁଣି ଦୀର୍ଘଦେହୀ ପୁରୁଷ ପହଁଚିଲେ କଳିଙ୍ଗ ଯୁଦ୍ଧ ସ୍ଥଳିରେ ।
* ଧଉଳି ଅଞ୍ଚଳ ଥରି ଉଠୁଛି। ଶୁଭୁଛି ଆହତ ସୈନିକଙ୍କ ଆର୍ତ୍ତଚିତ୍କାର ଆହାତ , ନିହିତ ଓ ରକ୍ତପାତ ମଧ୍ୟରେ ରକ୍ତର ସୁଅ ଜାନ ହୋଇଛି ।
* ମଗଧର ରାଜା ଅଶୋକ ଓ ମହାମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି କଳିଙ୍ଗ ମହାରାଜା ରୁଗଣ ତଥାପି ୪ ମାସ ହେଲା । ଯୁଦ୍ଧ କିଏ ଚଳାଉଛି ବୋଲି ପ୍ରଶ୍ନ ଉଠିଛି ସମ୍ରାଟଙ୍କ ମନରେ ।
* ମଗଧ ସମ୍ରାଟ ଯୁଦ୍ଧର ବିଭୀଷିକା, ନରହତ୍ୟା ଦେଖି ମର୍ମାହତ ତେଣୁ ଯୁଦ୍ଧ ବନ୍ଦ ଡାକରା ଦେଲେ ।
* ମଗଧ ସେନାପତିଙ୍କ ସହ ପ୍ରଚଣ୍ଡ କରି ରାଜେଶ୍ୱରୀ ମୃତ୍ୟୁବରଣ କରିଛନ୍ତି ।
* ଅଙ୍ଗଦ ଦୀର୍ଘଦେହୀଙ୍କୁ ପ୍ରଶ୍ନ କରିଛନ୍ତି ରାଜଜେମା ଓ ମହାରାଜାଙ୍କ ନାମ କାହିଁକି ଇତିହାସରେ ନାହିଁ ।
* ଅଙ୍ଗଦ ଙ୍କ ପ୍ରଶ୍ନର ଉତ୍ତର ଦେଇ ଦୀର୍ଘଦେହୀ କହିଛନ୍ତି ଯେ, ସାମ୍ରାଜ୍ୟ ରକ୍ଷା କରିବା ପାଇଁ ଅଥବା ବିସ୍ତାର କରିବା ପାଇଁ ଷଡ଼ଯନ୍ତ୍ର ର ବ୍ରହ୍ମାସ୍ତ୍ର

ବ୍ୟବହାର କରିବାକୁ ପଡ଼ିଥାଏ ଯାହାକି କଳିଙ୍ଗର ମହାରାଜା ଓ ତାଙ୍କ କନ୍ୟା କରିପାରି ନାହାନ୍ତି ।

*** ଶେଷରେ ଦୀର୍ଘଦେହୀ ସେଠାରୁ ଚାଲିଗଲେ ଓ ଅଙ୍ଗଦଙ୍କ ଆଖି ଚାଲିଗଲା ।**

<u>ବହୁବିକଳ୍ପ ପ୍ରଶ୍ନୋତ୍ତର</u>

(୧) ମଗଧ ସେନାବାହିନୀକୁ ପରାସ୍ତ କରିବାକୁ ହେଲେ କେଉଁ ନୀତି ଆପଣେଇବାକୁ ହେବ ବୋଲି ରାଜେଶ୍ୱରୀ କହିଥିଲେ ?

(A) **ସମ୍ମୁଖ ସମର**

(B) **ପ୍ରଚଣ୍ଡ ଆକ୍ରମଣ**

(C) **ସୈନ୍ୟସଂଖ୍ୟା ବୃଦ୍ଧି**

(D) **ଦୀର୍ଘଦିନ ଯୁଦ୍ଧ ଲଢିବା**

ଉ - (D) **ଦୀର୍ଘଦିନ ଯୁଦ୍ଧ ଚଳାଇବା**

(୨) ରାଜେଶ୍ୱରୀ ସମ୍ମୁଖ ସମରକୁ ତାଙ୍କ ସହିତ ଯିବା ପାଇଁ କେତେ ଜଣଙ୍କୁ ବାଛିଥିଲେ ?

(A) **ଛଅ**

(B) **ତିନି**

(C) **ଆଠ**

(D) **ବାର**

ଉ - (D) **ବାର**

(୩) ରାଜନୀତିର ବ୍ରହ୍ମାସ୍ତ୍ର କାହାକୁ କୁହାଯାଏ ?

(A) ବିଦ୍ରୋହକୁ
(B) ଷଡ଼ଯନ୍ତ୍ରକୁ
(C) ଅର୍ଥବଳକୁ
(D) ବାହୁବଳକୁ
ଉ - (B) ଷଡ଼ଯନ୍ତ୍ରକୁ
(୪) ଅଶୋକଙ୍କ ଶିଳାଲେଖରେ କେଉଁ ବିଷୟରେ କିଛି ଉଲ୍ଲେଖ ନାହିଁ ?
(A) କଳିଙ୍ଗର ରନ୍ଧନଶାଳ
(B) ରନ୍ଧନଶାଲା ବ୍ୟବହୃତ ମୟୂରର ସଂଖ୍ୟା
(C) ରାଜା ମାନଙ୍କର ଶାସନ ପ୍ରଣାଳୀ
(D) କଳିଙ୍ଗର ରାଜାଙ୍କ କଥା
ଉ - (D) କଳିଙ୍ଗର ରାଜାଙ୍କ କଥା
(୫) କଳିଙ୍ଗର ମହାରାଜା ଯୁଦ୍ଧ କରିବାକୁ ଅକ୍ଷମ ଥିଲେ କାହିଁକି ?
(A) ବୃଦ୍ଧ ହେତୁ
(B) ରୁଗଣ ହେତୁ
(C) ଦୁର୍ବଳ ଯୋଗୁଁ
(D) କାପୁରୁଷ ଯୋଗୁଁ
ଉ - (B) ରୁଗଣ ହେତୁ
(୬) ରାଜେଶ୍ୱରୀ କାହା ସହ ପ୍ରଚଣ୍ଡ ଯୁଦ୍ଧ କରି ମୃତ୍ୟୁ ବରଣ କରିଥିଲେ ?
(A) ମଗଧ ସେନାପତିଙ୍କ ସହ
(B) ଅଶୋକଙ୍କ ସହ
(C) ସୈନ୍ୟମାନଙ୍କ ସହ
(D) ମନ୍ତ୍ରୀଙ୍କ ସହ
ଉ - (A) ମଗଧ ସେନାପତିଙ୍କ ସହ
(୭) କଳିଙ୍ଗ ଯୁଦ୍ଧରେ ଅଶୋକ ସବୁଦିନ ପାଇଁ କ'ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ?
(A) ସାମ୍ରାଜ୍ୟ ରକ୍ଷା
(B) ସାମ୍ରାଜ୍ୟ ବିସ୍ତାର
(C) ନରହତ୍ୟା
(D) ମୃତ୍ୟୁଦଣ୍ଡ
ଉ - (C) ନରହତ୍ୟା
(୮) କଳିଙ୍ଗ ଯୁଦ୍ଧରେ କେବଳ ସୈନ୍ୟ ନୁହନ୍ତି ——— ମଧ୍ୟ ଯୁଦ୍ଧ କରିବାକୁ ଆଗେଇ ଆସୁଥିଲେ ।
(A) ବୀରମାନେ
(B) ନାରୀମାନେ
(C) ବୁଦ୍ଧିମାନେ
(D) ପ୍ରଜାମାନେ
ଉ - (D) ପ୍ରଜାମାନେ
(୯) ମଗଧ ସେନାବାହିନୀ କେଉଁ ଅସ୍ତ୍ରଶସ୍ତ୍ର ରେ ସଜ୍ଜିତ ଥିଲେ ?
(A) ପ୍ରାଚୀନ ନାଟ୍ୟଶାଳାରେ
(B) ଆଧୁନିକ ନାଟ୍ୟଶାଳାରେ

(C) ଧନୁତୀରରେ
(D) ଖଡ଼ଗ ଓ ହାଳରେ
ଉ - ଆଧୁନିକ ଅସ୍ତ୍ରଶସ୍ତ୍ର ରେ
(୧୦) ଦୀର୍ଘ ଦେହୀ ଉଜ୍ଜ୍ୱଳ ପୁରୁଷ ଜଣକ କିଏ ଥିଲେ ?
(A) କଳିଙ୍ଗର ମହାରାଜା
(B) କଳିଙ୍ଗର ମହାମନ୍ତ୍ରୀ
(C) ଇତିହାସ ପୁରୁଷ
(D) ଜନୈକ ରାଜବଂଶର ଲୋକ
ଉ - ଇତିହାସ ପୁରୁଷ
(୧୧) ଅଙ୍ଗଦ ଚୌଧୁରୀ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ ?
(A) ତକ୍ଷଶିଳା
(B) ନାଳନ୍ଦା
(C) ଉତ୍କଳ
(D) କଳିଙ୍ଗ
ଉ : (B) ନାଳନ୍ଦା
(୧୨) ରାଜେଶ୍ୱରୀ ଦରବାର କକ୍ଷକୁ କାହା ସହିତ ଆସିଥିଲେ ?
(A) ପତିଙ୍କ ସହିତ
(B) ଦାସୀମାନଙ୍କ ସହିତ
(C) ମହାରାଣୀଙ୍କ ସହିତ
(D) ମହାମନ୍ତ୍ରୀଙ୍କ ସହିତ
ଉ : (A) ପତିଙ୍କ ସହିତ
(୧୩) 'ଆପଣ କ'ଣ ଇତିହାସ ପୁରୁଷ?' - ଏ କଥା କିଏ କହିଥିଲେ ?
(A) ଅଶୋକ
(B) ଅଙ୍ଗଦ
(C) କଳିଙ୍ଗ ସେନା
(D) ରାଜେଶ୍ୱରୀ
ଉ - (B) ଅଙ୍ଗଦ
(୧୪) ଦୀର୍ଘଦେହୀ ପୁରୁଷ ବେଶପୋଷାକକୁ କାହାପରି ମନେ ହେଉଥିଲେ ?
(A) ରାଜବଂଶର ଲୋକ
(B) ସନ୍ନ୍ୟାସୀ
(C) ପୂଜକ
(D) ଭିକ୍ଷୁ
ଉ : (A) ରାଜବଂଶର ଲୋକ
(୧୫) ଅଶୋକଙ୍କ ଶିଳାଲେଖରେ କେଉଁ ବିଷୟରେ ଲେଖା ଯାଇନାହିଁ ?
(A) ଅହିଂସା
(B) ଦୟା
(C) କ୍ଷମା
(D) କଳିଙ୍ଗ ରାଜାଙ୍କ

ଉ - (D) କଳିଙ୍ଗ ରାଜାଙ୍କ

୧୬. କଳିଙ୍ଗ ଯୁଦ୍ଧରେ ଅଶୋକ ସବୁଦିନ ପାଇଁ କ'ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ?

(A) ସାମ୍ରାଜ୍ୟ ରକ୍ଷା

(B) ସାମ୍ରାଜ୍ୟ ବିସ୍ତାର

(C) ନରହତ୍ୟା

(D) ମୃତ୍ୟୁଦଣ୍ଡ

ଉ: (C) ନରହତ୍ୟା

୧୭. ଅଙ୍ଗଦ କାହା ଉପରେ ଉଜ୍ଜ୍ୱଳ ତାରାଟିଏ ଦେଖିଲେ ?

(A) ଦୟାନଦୀ ଉପରେ

(B) ଧଉଳି ଉପରେ

(C) ଶାନ୍ତିସ୍ତୂପ ଉପରେ

(D) ଜଙ୍ଗଲ ଉପରେ

ଉ - (C) ଶାନ୍ତିସ୍ତୂପ ଉପରେ

୧୮. 'ମୁଁ ତ ଯୁଦ୍ଧ ଶେଷ ହେବାର କୌଣସି ଲକ୍ଷଣ ଦେଖୁ ନାହିଁ ।' - ଏ କଥା କିଏ କହିଛନ୍ତି ?

(A) ସମ୍ରାଟ ଅଶୋକ

(B) ମହାମନ୍ତ୍ରୀ

(C) ଅଙ୍ଗଦ ଚୌଧୁରୀ

(D) ମହାରାଣୀ

ଉ : (A) ସମ୍ରାଟ ଅଶୋକ

୧୯. ଅଙ୍ଗଦ ଚୌଧୁରୀ ଙ୍କ ଚକ୍ଷୁ ସାମ୍ନାରେ ଦୟାନଦୀ ପାଣିର ରଙ୍ଗ ବଦଳିଯାଇ କ'ଣ ହେଲା ?

(A) ହଳଦିଆ

(B) କଳା

(C) ଲାଲ୍

(D) ଗୋଳିଆ

ଉ : (C) ଲାଲ୍

୨୦. କଳିଙ୍ଗ ଯୁଦ୍ଧର ବିଭୀଷିକା ଦେଖି କିଏ ମର୍ମାହତ ହୋଇଥିଲେ ?

(A) କଳିଙ୍ଗ ରାଜା

(B) କଳିଙ୍ଗର ମହାମନ୍ତ୍ରୀ

(C) କୁରୁ ବଳୀ

(D) ସମ୍ରାଟ ଅଶୋକ

ଉ : (D) ସମ୍ରାଟ ଅଶୋକ

ଏକାଙ୍କିକା

ଫଲଗୁ

* ଲେଖକ :- ମନୋରଞ୍ଜନ ଦାସ
* ଶିକ୍ଷଣିୟ ବିନ୍ଦୁ :- ଆର୍ଥିକ ଅଭାବ ଯେ ଗୋଟେ ମଧ୍ୟବିତ ପରିବାର ର ହସ ଖୁସି ଓ ବ୍ୟକ୍ତିର ସର୍ଜନଶୀଳତା କୁ ମ୍ଲାନ କରିପାରେ ନାହିଁ ଏହି ଏକାଙ୍କିକା ରେ ତାହା ସୁନ୍ଦର ଭାବେ ଉପସ୍ଥାପିତ ହୋଇଛି।

କେତେକ ମନେ ରଖିବା କଥା ।

* ଫଲଗୁ ଗୋଟିଏ ମଧ୍ୟବିତ ପରିବାର ର କଥା । ଅଧ୍ୟାପକ ଶୁଭ୍ରତ ପଟନାୟକ ଙ୍କ ପରିବାରରେ ସ୍ତ୍ରୀ ପ୍ରୀତି ଓ ଦୁଇ ସନ୍ତାନ ରହୁଥିଲେ । ଆର୍ଥିକ ଅଭାବ ମଧ୍ୟରେ ଜୀବନ କାଟୁଥିଲେ । ଦିନକର ଘଟଣା ଶୁଭ୍ରତ କଲେଜ ରୁ ଫେରି ଚାଉଳ ଭଜା ଖାଇ ଭୋକ ମେଣ୍ଟାଇ ଥିଲେ। ଏହି ସମୟରେ କାର୍ଗୁ ଓହ୍ଲାଇ କ୍ୟାପ୍ଟନ ମହାପାତ୍ର ଶୁଭ୍ରତ ଙ୍କୁ ପୂରବି ର ସ୍ୱାମୀ ବୋଲି ପରିଚୟ ଦେଲେ। ସାଙ୍ଗରେ ନଅ ବର୍ଷର ଝିଅ ବେବି ଓ ଭଉଣୀ ଆସିଥିଲେ। ସେମାନେ ଚୌଦ୍ୱାର ଗେଷ୍ଟ ହାଉସ୍ ରେ ରହିବାର ବ୍ୟବସ୍ଥା ଥିଲା କିନ୍ତୁ ସୁବ୍ରତ ଙ୍କୁ ଭେଟିବା ପାଇଁ ତାଙ୍କ ଘରକୁ ଆସିଥିଲେ। ଅତିଥି ଅକସ୍ମାତ ଆଗମନ ରେ ସୁବ୍ରତ ଓ ପ୍ରୀତି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେମାନଙ୍କ ଚର୍ଚ୍ଚା ପାଇଁ ଘରେ କୌଣସି ଖାଦ୍ୟ ପେୟ ମଧ୍ୟ ନଥିଲା। କିନ୍ତୁ ପରିବାର ଚଳାଇ ବାରେ ନିପୁଣ ପ୍ରୀତି ସେମାନଙ୍କୁ କଫି, ଫଳ, କ୍ଷୀର ଅଣ୍ଡା ଇତ୍ୟାଦି ଖାଇବାକୁ ଦେଇ ପତିବେଶକୁ ହସ ଖୁସିରେ ଭରି ଦେଇଥିଲା। ମହାପାତ୍ର ବାବୁ ସୁବ୍ରତ ଙ୍କ ଘରେ ଅଳ୍ପ ସମୟ ରହଣି ମଧ୍ୟରେ ଏକ ହୃଦୟ ବିଦାରକ କଥା କହିଛନ୍ତି। ତାହା ହେଲା - ମାଡ୍ରାସ୍ ର ଏକ କାର୍ ଆକସିଡେଣ୍ଟ ରେ ପୂରବି ମୃତ୍ୟୁ ବରଣ କରିଛନ୍ତି। ଏବଂ ଅନ୍ୟ କଥା ଟି ହେଲା ମୃତ୍ୟୁ ପୂର୍ବରୁ ତାଙ୍କର ସ୍ୱାମୀ, ମହାପାତ୍ରଙ୍କୁ ଅନୁରୋଧ କରିଥିଲେ । ଖବର ଟି ହେଲା - ବିବାହ ପୂର୍ବରୁ ଯେଉଁ ପ୍ୟାକେଟ ଟି ସେ ସୁବ୍ରତ ଙ୍କ ପାଖକୁ ପଠାଇଥିଲେ ତାର ଯେପରି ଅସମ୍ମାନ ସେ ନକରନ୍ତି। ପ୍ରୀତି ସୁବ୍ରତ ଙ୍କୁ ପୂରବି ଙ୍କ ବିଷୟରେ ପଚାରିବାରୁ ପୂରବି ତାଙ୍କର ସହ ପାଠୀନି , ସଙ୍ଗିନୀ- ମାନସୀ ଓ ବାନ୍ଧବୀ ବୋଲି କହିଥିଲେ। ପରସ୍ପର ମଧ୍ୟ ରେ ନିବିଡ ଭଲ ପାଇବା ଥିଲା । ପୂରବି ବାହା ହେବା ପାଇଁ ସୁବ୍ରତ ଙ୍କୁ ବାଧ କରିଥିଲେ କିନ୍ତୁ ଜୀବନ ର ବସ୍ତାବତାକୁ ସମ୍ମୁଖୀନ ହୋଇ ନ ପାରି ପୂରବି ଙ୍କ ବିବାହ ପ୍ରସ୍ତାବ କୁ ଗ୍ରହଣ କରି ପାରି ନଥିଲେ।ବିବାହ ପୂର୍ବରୁ ସ୍ମୃତି ରୂପେ ଗାଢ଼ ନେଳି ରଙ୍ଗର ଏକ କଲମ ସୁବ୍ରତ ଙ୍କୁ ପୂରବି ଉପହାର ଦେଇଥିଲେ(ପ୍ୟାକେଟ ମଧ୍ୟରେ)। ଏବଂ ବରାବର ଲେଖିବାକୁ ଅନୁରୋଧ କରିଥିଲେ।
ସ୍ୱାମୀ ସୁବ୍ରତଙ୍କ କଥା ନ ସରୁଣୁ ପତ୍ନୀ ପ୍ରୀତି କଇଁ କଇଁ ହୋଇ କାନ୍ଦି ଉଠିଲେ । କାରଣ ପ୍ରୀତି ସେହି ସ୍ମୃତିରୁ କଲମଟିକୁ ପଡ଼ୋଶୀ ଘରେ ରହୁଥିବା ଘନଶ୍ୟାମଙ୍କ ସ୍ତ୍ରୀଙ୍କୁ ବିକ୍ରି କରି ସେଦିନର ଅତିଥିଚର୍ଚ୍ଚା ପାଇଁ କଫି , ଫଳ, କ୍ଷୀର , ଅଣ୍ଡା ଇତିଆଦି ଆଣିଥିଲେ। ପରବର୍ତ୍ତି ସମୟରେ ସୁବ୍ରତ ପ୍ରୀତିଙ୍କୁ କ୍ଷମା କରି ଦେଇଛନ୍ତି।

ଶିକ୍ଷଣିୟ ବାର୍ତ୍ତା:- ପ୍ରକୃତରେ ଆର୍ଥିକ ଅଭାବ ସୁବ୍ରତ ଓ ତାଙ୍କ ସ୍ତ୍ରୀ ପୂରବୀ ର ପରିବାରକୁ ହସ - ଖୁସି ଓ ବ୍ୟକ୍ତିର ସର୍ଜନଶିଳତା କୁ ମ୍ଲାନ କରି ପାରେ ନାହିଁ
ଏକାଙ୍କିକା ରେ ଥିବା ବିଭିନ୍ନ ଚରିତ୍ର :
* ସୁବ୍ରତ - ଅଧ୍ୟାପକ , ପ୍ରୀତିର ସ୍ୱାମୀ
* ପ୍ରୀତି - ସୁବ୍ରତଙ୍କ ସ୍ତ୍ରୀ
* ପୂରବୀ- ସୁବ୍ରତଙ୍କ ସହପାଠିନୀ , ମହାପାତ୍ରଙ୍କ ସ୍ତ୍ରୀ
* ମହାପାତ୍ର - କ୍ୟାପଟେନ , ପୂରବୀଙ୍କ ସ୍ୱାମୀ
ବେବି - ମହାପାତ୍ରଙ୍କ ଝିଅ
* ଘନଶ୍ୟାମ - ପୋଡ଼ଶୀ (ସୁବ୍ରତ ଘର)

ପରୀକ୍ଷା ସଂପର୍କିତ ପ୍ରଶ୍ନ :-

୦୧. ସୁବ୍ରତ କି ଚାକିରୀ କରୁଥିଲେ - ଅଧ୍ୟାପକ
୦୨. ସୁବ୍ରତ ଙ୍କ ସ୍ତ୍ରୀ ଙ୍କ ନାମ କଣ - ପ୍ରୀତି
୦୩. କାର ରୁ କିଏ ଓଲ୍ଲାଇ ସୁବ୍ରଙ୍କ ଘର ଆଡକୁ ଆସିଲେ - ମହାପାତ୍ର ବାବୁ

୦୪. ମହାପାତ୍ର ଙ୍କ ସ୍ତ୍ରୀ ଙ୍କ ନାମ କଣ - ପୂରବୀ
୦୫. ମହାପାତ୍ରଙ୍କ ଝିଅଙ୍କ ନାମ କଣ - ବେବି
୦୬. ମହାପାତ୍ର କେଉଁଠାରୁ କାର୍ ଡ୍ରାଇଭିଂ କରି ଆସୁଥିଲେ - ମାଡ୍ରାସ
୦୭. ପୂରବୀ କାହା ଆଗରେ ବହି ଟିକୁ ଟିକି ନିକି କରି ପଢ଼ିଛନ୍ତି - ମହାପାତ୍ର
୦୮. ପୂରବୀ କିପରି ମୃତ୍ୟୁ ବରଣ କରିଥିଲେ - କାର ଆକ୍ସିଡେଣ୍ଟ ରେ
୦୯. ସୁବ୍ରତ କେଉଁ ରଙ୍ଗର କଲମ ରେ ଲେଖୁଥିଲେ - ଗାଢ଼ ନେଳୀ ରଙ୍ଗ
୧୦. କଲମଟି ବିକି ଦେଇଥିବାରୁ କିଏ କାନ୍ଦି ଉଠିଲେ - ପ୍ରୀତି

ଏହା କାହାର ଉକ୍ତି :-

୦୧. " ପୂରବୀ ମୋର ସହପାଠିନୀ "- ସୁବ୍ରତ
୦୨. ଭାରି କ୍ଷଣରାଗି ! ଠିକ ତା ବୋଉପରି - ମହାପାତ୍ର
୦୩. ମୁଢି ନୁହେଁ ଚାଉଳ ଦି ତା ଭାଜି ଦେଇଛି - ପ୍ରୀତି
୦୪. ଆପଣ କ୍ୟାପଟେନ ମହାପାତ୍ର !- ସୁବ୍ରତ
୦୫. ରାକ୍ଷସ ତ ଆପଣ ଆଉ ନୁହନ୍ତି - ପ୍ରୀତି
୦୬. ତିନି ବର୍ଷ ହେଲା ପୁରବୀ ଆମ ସମସ୍ତଙ୍କୁ ଛାଡି ଚାଲିଯାଇଛି - ମହାପାତ୍ର
୦୭. ସେହି ଗାଢ଼ ନେଳୀ ରଙ୍ଗର କଲମ- ସୁବ୍ରତ
୦୮. ବାପା ପିଉସୀ ଗାଡ଼ିରୁ ମୋଟେ ଉଠୁନାହିଁ - ବେବି

ବହୁ ବିକଳ୍ପ ପ୍ରଶ୍ନ ଉତ୍ତର :

୦୧. ମନୋରଞ୍ଜନ ଦାସ କେଉଁଠାରେ କାର୍ଯ୍ୟ କରୁଥିଲେ?
(A) ଦୂରଦର୍ଶନରେ (B) ଆକାଶବାଣୀରେ (C) ସଙ୍ଗୀତ ନାଟକ ଏକାଡେମୀରେ
(D) ଯାତ୍ରା ପାର୍ଟିରେ
ଉ: (B) ଆକାଶବାଣୀରେ
୦୨. କେଉଁ ଜିନିଷ ଭିତରେ ରଖିଦେଇ ଆସେ ବୋଲି ପ୍ରୀତି ସୁବ୍ରତଙ୍କୁ କହିଲେ?
(A) ବୁତଭାଜ (B) ପାମ୍ପଡ଼ ଭଜା (C) ଚାଉଳ ଭଜା (D) ଚୁଡାଭଜା
ଉ: (D) ଚୁଡାଭଜା
୦୩. ପ୍ରୀତି ଓ ସୁବ୍ରତଙ୍କ ବିବାହ କେତେ ବର୍ଷ ପୂର୍ବରୁ ହୋଇଥିଲା?
(A) ଛଅ ବର୍ଷ (B) ଆଠବର୍ଷ (C) ଦଶବର୍ଷ (D) ସାତବର୍ଷ
ଉ: (B) ଆଠବର୍ଷ
୦୪. ସୁବ୍ରତଙ୍କ ଘରର ଝରକା ପାଖକୁ କେଉଁ ଶବ୍ଦ ଭାସି ଆସୁଥିଲା?
(A) ବଂଶୀ ସ୍ୱନ (B) ହାରମୋନିୟମ (C) ବୀଣା (D) ଗୀଟାର
ଉ: (A) ବଂଶୀ ସ୍ୱନ
୦୫. କେଉଁ କାରଣରୁ ପୂରବୀ ଙ୍କର ମୃତ୍ୟୁ ହୋଇଥିଲା?
(A) କ୍ୟାନସର (B) ଆକସିଡେଣ୍ଟ (C) ଜ୍ୱର (D) ବ୍ରେନ୍ ମ୍ୟାଲେରିଆ
ଉ: (B) ଆକସିଡେଣ୍ଟ

ବ୍ୟାକରଣ

ବାକ୍ୟ ବିଚାର

୧. ଆଜି କି ଖରା ହୋଇଛି ! — ଏହା କି ପ୍ରକାର ବାକ୍ୟ ?

* କ) ପ୍ରଶ୍ନ ସୂଚକ

* ଖ) ବିବୃତି ସୂଚକ

* ଗ) ବିସ୍ମୟ ସୂଚକ

* ଘ) ନାସ୍ତି ସୂଚକ

* ଉତ୍ତର: ଗ) ବିସ୍ମୟ ସୂଚକ

୨. ଅପ୍ରଧାନ ବାକ୍ୟ ସହିତ ପ୍ରଧାନ ବାକ୍ୟ ମିଶିଲେ କ'ଣ ହୁଏ ?

* କ) ମିଶ୍ର ବାକ୍ୟ

* ଖ) ଜଟିଳ ବାକ୍ୟ

* ଗ) ଯୌଗିକ ବାକ୍ୟ

* ଘ) ସରଳ ବାକ୍ୟ

* ଉତ୍ତର: ଖ) ଜଟିଳ ବାକ୍ୟ

୩. 'ସ୍ୱାମୀ ଓ ସ୍ତ୍ରୀ' ଗୁରୁଜନମାନଙ୍କ ଆଶିଷ ନେବେ । ଏହାକୁ ସଂକ୍ଷେପରେ ପ୍ରକାଶ କଲେ ହେବ — 'ଦମ୍ପତି' ଆଶିଷ ନେବେ । ଏହି ସଂକ୍ଷେପରେ କିଏ ସହାୟତା କରିଛି ?

* କ) ସନ୍ଧି

* ଖ) ସମାସ

* ଗ) କୃଦନ୍ତ

* ଘ) ତଦ୍ଧିତ

* ଉତ୍ତର: ଖ) ସମାସ

୪. ଗୋଟିଏ ମାତ୍ର ସମାପିକା କ୍ରିୟା ଥିବା ବାକ୍ୟ କେଉଁ ପ୍ରକାର ବାକ୍ୟ ?

* କ) ମିଶ୍ର

* ଖ) ଜଟିଳ

* ଗ) ଯୌଗିକ

* ଘ) ସରଳ

* ଉତ୍ତର: ଘ) ସରଳ

୫. ବାକ୍ୟାଂଶ କାହାକୁ କୁହାଯାଏ?

(କ) ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶକୁ

(ଖ) ବାକ୍ୟର ପଦ ଯୋଜନାକୁ

(ଗ) ବାକ୍ୟରେ ବୁଝାପଡୁଥିବା ନିର୍ଦ୍ଦିଷ୍ଟ ଅଂଶ

(ଘ) ବାକ୍ୟରେ ବ୍ୟବହୃତ ପଦ ଗୁଡିକରେ ପାରସ୍ପରିକ ସମ୍ବନ୍ଧକୁ

* ଉତ୍ତର: (ଗ) ବାକ୍ୟରେ ବୁଝାପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ

୬) 'ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ।' ଏହା କେଉଁ ପ୍ରକାର ବାକ୍ୟ

କ) ବିବୃତି ସୂଚକ ଖ) ଆଦେଶ ସୂଚକ ଗ) ପ୍ରଶ୍ନ ସୂଚକ ଘ) ନାସ୍ତି ସୂଚକ

ଉ- କ- ବିବୃତି ସୂଚକ।

୭) ପ୍ରଣବ ଜଣେ ଶିଳ୍ପୀ । - ଏହି ବାକ୍ୟରେ କେଉଁଟି ସମାପିକା କ୍ରିୟା ।

କ) ପ୍ରଣବ ଖ) ଜଣେ ଗ) ଶିଳ୍ପୀ ଘ) ଉହ୍ୟ ଥିବା 'ଅଟନ୍ତି'

ଉ- ଘ- ଉହ୍ୟ ଥିବା ଅଟନ୍ତି

୮) 'ବାଳକଟି ଉଡୁଅଛି ' - ଏହା ବାକ୍ୟ ନୁହେଁ କାହିଁକି

କ) ଆକାଂକ୍ଷା ରହୁଥିବାରୁ ଖ) ଯୋଗ୍ୟତା ର ଅଭାବ ଯୋଗୁଁ ଗ) ଆସତ୍ତି ନଥିବାରୁ

ଘ) ଖଣ୍ଡ ବାକ୍ୟ ହୋଇଥିବାରୁ

ଉ- ଖ- ଯୋଗ୍ୟତାର ଅଭାବ ଯୋଗୁଁ

୯) ସମ୍ପ୍ରଦାନ କାରକର ପଦ ବାକ୍ୟରେ କେଉଁଠି ବ୍ୟବହୃତ ହୁଏ।

କ) କର୍ମ ପରେ ଖ) କର୍ମ ପରେ ବା ପୂର୍ବରୁ ଗ) କର୍ତ୍ତା ପରେ ଘ) କର୍ତ୍ତା ପୂର୍ବରୁ

ଉ- ଖ- କର୍ମ ପରେ ବା ପୂର୍ବରୁ

୧୦) ମିଶ୍ରବାକ୍ୟ କାହାକୁ କୁହାଯାଏ?

କ- ସରଳ ବାକ୍ୟର ସମନ୍ୱିତ ରୂପକୁ

ଖ- ଯେ କୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ

ଗ- ଜଟିଳ ବାକ୍ୟ ସମନ୍ୱିତ ରୂପକୁ

ଘ- ଯୌଗିକ ବାକ୍ୟର ସମନ୍ୱିତ ରୂପକୁ

ଉ- ଖ- ଯେ କୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ

୧୧: ରମେଶ ଙ୍କ ବିନା ଏ କାର୍ଯ୍ୟ ହୋଇ ପାରିବ ନାହିଁ ? – ଏଠାରେ 'ବିନା' – କି ପଦ ?

ଉ: ଅବ୍ୟୟ

୧୨: ପରସ୍ପର ନିର୍ଭରଶୀଳ ଦୁଇ ବା ତତୋଧିକ ସରଳ ବାକ୍ୟର ସମାହାର ଯୋଗେ ଗଠିତ ବାକ୍ୟକୁ କି ବାକ୍ୟ କୁହାଯାଏ ?

ଉ: ଯୌଗିକ

୧୩: ପ୍ରକାର୍ଯ୍ୟମୂକ ରୂପ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ?

ଉ : ପାଞ୍ଚ (ବିବୃତିସୂଚକ, ଆଦେଶ ବା ଅନୁରୋଧସୂଚକ, ପ୍ରଶ୍ନସୂଚକ, ବିସ୍ମୟସୂଚକ ଓ ନାସ୍ତିସୂଚକ)

୧୪: କବି ମାନଙ୍କ ମଧ୍ୟରେ ସାରଳା ଦାସ ଆଦିକବି ଅଟନ୍ତି । – ଏହା କି ପ୍ରକାର ବାକ୍ୟ ?

ଉ : ବିବୃତି ସୂଚକ

୧୫: ସତରେ ତୁମେ ଆସିଛ ? — ଏହା କେଉଁ ପ୍ରକାର ବାକ୍ୟ ?

ଉ: ପ୍ରଶ୍ନ ସୂଚକ

୧୬: "ପୂଜା ବିଦ୍ୟାଳୟକୁ ଗଲା , ମାତ୍ର ଶ୍ରେଣୀରେ ବସି ପାରିଲା ନାହିଁ ।" ଗଠନ ଦୃଷ୍ଟିରୁ ଏହା କି ପ୍ରକାର ବାକ୍ୟ ?

ଉ: ଯୌଗିକ ବାକ୍ୟ

‘ଣତ୍ୱ’ ବିଧି ‘ଷତ୍ୱ’ ବିଧି ଓ ସାଧାରଣ ଅଶୁଦ୍ଧି

‘ଣତ୍ୱ’ ବିଧି - ପଦ ମଧ୍ୟରେ 'ନ୍' ସ୍ଥାନରେ 'ଣ୍' ହେବାକୁ 'ଣତ୍ୱ' ବିଧି କୁହାଯାଏ।

‘ଣତ୍ୱ’ ବିଧିର ନିୟମ ('ନ୍' ର 'ଣ୍' ହୁଏ)
* 'ଯ୍', 'ୟ୍' 'ୱ୍' 'ହ୍' ବ୍ୟବଧାନ ଥିଲେ 'ନ୍' ର 'ଣ୍' ହେବ।
* ‘କ’ ବର୍ଗ ଓ 'ପ' ବର୍ଗ ପରେ 'ନ୍' ର 'ଣ୍' ହେବ।
* ଋ , ର୍ , ଷ୍ ପରେ 'ନ୍' ଥିଲେ 'ଣ୍' ହୁଏ।
* ସ୍ୱାଭାବିକ ଭାବରେ 'ଣ୍' ହୋଇଥାଏ।
* ଅନୁସ୍ୱାର (ଂ) ବ୍ୟବଧାନ ଥିଲେ 'ନ୍' ର 'ଣ୍' ହୁଏ।

‘ଣତ୍ୱ’ ବିଧିର ନିୟମ ('ନ୍' ର 'ଣ୍' ହେବ ନାହିଁ)
* 'ଋ', 'ର', 'ଷ୍' ପରେ ଅନ୍ୟ ବର୍ଣ୍ଣର ବ୍ୟବଧାନ ଥିଲେ
* ଅ, ଆ, ଇ, ଈ, ଉ, ଊ, ଏ, ଐ ଆଦି ସ୍ୱରବର୍ଣ୍ଣ ପରେ

‘ଷତ୍ୱ’ ବିଧି - ପଦ ମଧ୍ୟରେ 'ସ' ସ୍ଥାନରେ 'ଷ' ହେବାକୁ 'ଷତ୍ୱ' ବିଧି କୁହାଯାଏ।

ଷତ୍ୱ ବିଧିର ନିୟମ

* ବିସର୍ଗ ସନ୍ଧିଜାତ 'ସ', 'ଷ' ହୁଏ।
* 'କ' ବର୍ଗ ଏବଂ 'ର୍' କାର ପରବର୍ତ୍ତୀ 'ସ', 'ଷ' ହୁଏ।
* ଦେଶଜ ଓ ବୈଦେଶିକ ଶବ୍ଦରେ 'ସ' 'ଷ' ହୁଏ ନାହିଁ।
* 'ଅ' ଓ 'ଆ' ପରେ 'ସ' ଥିଲେ ସ ର ପରିବର୍ତ୍ତନ ହୁଏ ନାହିଁ।
* 'ସାତ୍' ପ୍ରତ୍ୟୟ ଯୁକ୍ତ ହେଲେ 'ସ' 'ଷ' ହୁଏ ନାହିଁ।
* କେତେକ ଶବ୍ଦରେ ସ୍ୱାଭାବିକ ଭାବରେ 'ଷ' ବ୍ୟବହୃତ ହୋଇଥାଏ।

ବହୁବିକଳ୍ପ ପ୍ରଶ୍ନ ଓ ଉତ୍ତର

୧) 'ଆବିଷ୍କାର' ଏଠାରେ ବିସର୍ଗ (ଃ) ର କ'ଣ ହୋଇଛି?
କ) 'ସ'
ଖ) 'ଷ୍'
ଗ) 'ଷ୍କ'
ଘ) 'ଷ୍କା'
ଉ – ଖ) 'ଷ୍'
୨) 'ନୋଟିସ୍' - ଏହି ଶବ୍ଦରେ 'ଷ୍' କାହିଁକି ହୋଇନାହିଁ?
କ) ପଦ ଶେଷରେ ଥିବାରୁ
ଖ) ବୈଦେଶିକ ଶବ୍ଦ ହୋଇଥିବାରୁ
ଗ) ଦେଶଜ ଶବ୍ଦ ହୋଇଥିବାରୁ
ଘ) 'ଇ' ପରେ ଥିବାରୁ

ଉ – ଖ) ବୈଦେଶିକ ଶବ୍ଦ ହୋଇଥିବାରୁ

୩) କେଉଁଠି 'ଋ', 'ର୍', 'ଷ୍' ପରେ 'ନ' ର 'ଣ' ହୁଏ?

କ) ଏକ ପଦ ମଧ୍ୟରେ
ଖ) ଏକ ବାକ୍ୟ ମଧ୍ୟରେ
ଗ) ଖଣ୍ଡବାକ୍ୟ ମଧ୍ୟରେ
ଘ) ବାକ୍ୟାଂଶ ମଧ୍ୟରେ

ଉ – କ) ଏକ ପଦ ମଧ୍ୟରେ

୪) କେଉଁ ଶବ୍ଦରେ ସ୍ୱଭାବିକ ଭାବେ 'ଣ' ରହିଛି?
କ) ଅନ୍ୱେଷଣ
ଖ) ଦର୍ପଣ
ଗ) ତୃଣ
ଘ) କଣିକା
ଉ – କ) ଅନ୍ୱେଷଣ

୫) 'ଧୂଳିସାତ୍' - ଏଠାରେ 'ସ' ର 'ଷ' ହୋଇନାହିଁ; କାରଣ -
କ) 'ସାତ୍' ପ୍ରତ୍ୟୟ ହେତୁ
ଖ) 'ଇ' କାର ପରେ ଥିବାରୁ
ଗ) 'ଳ' ବର୍ଣ୍ଣ ପରେ ଥିବାରୁ
ଘ) 'ସା' ଥିବାରୁ

ଉ - କ) 'ସାତ୍' ପ୍ରତ୍ୟୟ ହେତୁ

୬) ' ଅନୁସନ୍ଧାନ ' - ଏଠାରେ 'ସ' ର 'ଷ' ହୋଇନାହିଁ; କାହିଁକି?
କ) 'ଉ' କାର ପରେ ଥିବାରୁ
ଖ) 'ନ' ବର୍ଣ୍ଣ ପରେ ଥିବାରୁ
ଗ) 'ଅନ' ପ୍ରତ୍ୟୟ ହେତୁ
ଘ) 'ଷତ୍ୱ' ବିଧି ନିୟମର ବ୍ୟତିକ୍ରମ ହେତୁ

ଉ – (ଘ) 'ଷତ୍ୱ' ବିଧି ନିୟମର ବ୍ୟତିକ୍ରମ ହେତୁ

୭) ଦର୍ପଣ - ଏଠାରେ 'ର' ଓ 'ନ' ମଧ୍ୟରେ କେଉଁ ବର୍ଣ୍ଣର ବ୍ୟବଧାନ ଅଛି?
କ) 'ଦ' ବର୍ଣ୍ଣ
ଖ) 'ପ' ବର୍ଣ୍ଣ
ଗ) 'ର' ବର୍ଣ୍ଣ
ଘ) 'ଅ' କାର

ଉ – (ଖ) 'ପ' ବର୍ଣ୍ଣ

୮) (ପ୍ ର୍ ଅ ସ୍ ଉ ନ୍ ନ ଅ) - ଏହି ବର୍ଣ୍ଣରୂପର ଶବ୍ଦରୂପ କ'ଣ ହେବ?
କ) ପ୍ରସୂନ
ଖ) ପ୍ରସୋନ
ଗ) ପ୍ରସୁନ
ଘ) ପରସୁଣ

ଉ – କ) ପ୍ରସୂନ

୯) 'ନ' ସ୍ଥାନରେ 'ଣ' ହୋଇ ନ ଥିବା ଶବ୍ଦଟିକୁ ବାଛ?
କ) ମାର୍ଗଣ
ଖ) ଅନ୍ୱେଷଣ
ଗ) ପୂର୍ବାହ୍ଣ
ଘ) ମଣିଷ

ଉ – (ଘ) ମଣିଷ

୧୦) 'ବିଦୀର୍ଣ୍ଣ' - ଏହି ଶବ୍ଦରେ କେଉଁ ବର୍ଣ୍ଣ ପରେ 'ଣ' ଅଛି?
କ) 'ଈ' କାର ପରେ
ଖ) 'ର' ପରେ
ଗ) 'ଦ' ପରେ
ଘ) 'ବ' ପରେ

ଉ – (ଖ) 'ର' ପରେ

ସାଧାରଣ ଅଶୁଦ୍ଧି

ଆମ ଭାଷାରେ ବ୍ୟବହୃତ ଅନେକ ଶବ୍ଦର ଠିକ୍ ରୂପ ଆମେ ଜାଣି ନାହୁଁ । ଠିକ୍ ରୂପ ନ ଲେଖିଲେ ଭାଷା ଅଶୁଦ୍ଧ ହୋଇଥାଏ । ଆମ ଓଡ଼ିଆ ଭାଷା ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଆଦି ଶବ୍ଦ ସମ୍ଭାରରେ ସୃଷ୍ଟି ।

ସାଧାରଣ ଅଶୁଦ୍ଧିର ପ୍ରକାର

* ବଚନଗତ ଅଶୁଦ୍ଧି
* ଲିଙ୍ଗଗତ ଅଶୁଦ୍ଧି
* ବିଶେଷ୍ୟ, ବିଶେଷଣଗତ ଅଶୁଦ୍ଧି
* 'ଣ'ତ୍ୱ ବିଧିଗତ ଅଶୁଦ୍ଧି
* ସନ୍ଧିଗତ ଅଶୁଦ୍ଧି
* 'ଷ'ତ୍ୱ ବିଧିଗତ ଅଶୁଦ୍ଧି
* ସମାସଗତ ଅଶୁଦ୍ଧି
* କୃଦନ୍ତଗତ ଅଶୁଦ୍ଧି
* ତଦ୍ଧିତଗତ ଅଶୁଦ୍ଧି
* ବନାନଗତ ଅଶୁଦ୍ଧି

ବହୁବିକଳ୍ପ ପ୍ରଶ୍ନ ଓ ଉତ୍ତର

୧) ସବୁଛାତ୍ରମାନେ – ଏହା କି ପ୍ରକାର ଅଶୁଦ୍ଧି ଅଟେ?
କ) ଲିଙ୍ଗଗତ
ଖ) ବିଶେଷ୍ୟଗତ
ଗ) ବନାନଗତ
ଘ) ବଚନଗତ

ଉ – (ଘ) ବଚନଗତ

୨) କେଉଁ ସମାସ ନାମରେ ବନାନଗତ ଅଶୁଦ୍ଧି ରହିଛି?
କ) ବହୁବ୍ରୀହି
ଖ) ଦ୍ୱନ୍ଦ
ଗ) କର୍ମଧାରଣ
ଘ) ତତପୁରୁଷ
ଉ – (ଖ) ଦ୍ୱନ୍ଦ
୩) 'ଦାଶରଥୀ' ଶବ୍ଦରେ କେଉଁ ପ୍ରକାର ଅଶୁଦ୍ଧି ରହିଛି?
କ) ତଦ୍ଧିତ ଗତଖ) କୃଦନ୍ତଗତ
ଗ) ବନାନଗତ
ଘ) ସମାସଗତ
ଉ – କ) ତଦ୍ଧିତଗତ

୪) କୃଷ୍ଣ – ଏହା କି ପ୍ରକାର ଅଶୁଦ୍ଧି ଅଟେ?
କ) 'ଷତ୍ୱ' ବିଧିଗତ
ଖ) 'ଣତ୍ୱ' ବିଧିଗତ
ଗ) ଲିଙ୍ଗଗତ
ଘ) କୃଦନ୍ତଗତ

ଉ – କ) 'ଣ'ତ୍ୱ ବିଧିଗତ

୫) ବିସମ – ଏହା କି ପ୍ରକାର ଅଶୁଦ୍ଧି ଅଟେ?
କ) ବନାନଗତ
ଖ) 'ଷତ୍ୱ' ବିଧିଗତ
ଗ) 'ଣତ୍ୱ' ବିଧିଗତ
ଘ) ତଦ୍ଧିତଗତ

ଉ – ଗ) 'ଣତ୍ୱ' ବିଧିଗତ

୬) ସୂର୍ଯ୍ୟପରାଗ – ଏହା କି ପ୍ରକାର ଅଶୁଦ୍ଧି ଅଟେ?
କ) ସନ୍ଧିଗତ
ଖ) ସମାସଗତ
ଗ) ତଦ୍ଧିତଗତ
ଘ) 'ଣତ୍ୱ' ବିଧିଗତ
ଉ – କ) ସନ୍ଧିଗତ

୭) ସୁକେଶିନୀ – ଏହା କି ପ୍ରକାର ଅଶୁଦ୍ଧି ଅଟେ?
କ) ବଚନଗତ
ଖ) 'ଣତ୍ୱ' ବିଧିଗତ
ଗ) ଲିଙ୍ଗଗତ
ଘ) 'ଷତ୍ୱ' ବିଧିଗତ
ଉ – ଗ) ଲିଙ୍ଗଗତ
୮) କାର୍ପଣ୍ୟତା - ଏହା କି ପ୍ରକାର ଅଶୁଦ୍ଧି ଅଟେ?
କ) ବିଶେଷଣଗତ
ଖ) ଲିଙ୍ଗଗତ
ଗ) 'ଣତ୍ୱ' ବିଧିଗତ
ଘ) ସମାସଗତ

ଉ – କ) ବିଶେଷଣଗତ

୯) ଶୁଦ୍ଧ ଶବ୍ଦଟିକୁ ଚିହ୍ନଅ
କ) ବିସମ
ଖ) ଗଣେଷ
ଗ) ଭୌଗୋଳିକ
ଘ) ନିର୍ଦ୍ଧନ

ଉ – (ଘ) ନିର୍ଦ୍ଧନ

୧୦) 'ଗୃହୀତ ' – ଏହି ଶବ୍ଦରେ କେଉଁ ପ୍ରକାର ଅଶୁଦ୍ଧି ରହିଛି?
କ) କୃଦନ୍ତଗତ
ଖ) ତଦ୍ଧିତଗତ
ଗ) ବନାନଗତ
ଘ) ବଚନଗତ

ଉ – କ) କୃଦନ୍ତଗତ

୧୧) ପଦ ମଧ୍ୟରେ 'ସ' ସ୍ଥାନରେ 'ଷ' ହେବାକୁ କ'ଣ କୁହାଯାଏ?
କ)'ଷତ୍ୱ' ବିଧି
ଖ) 'ଣତ୍ୱ' ବିଧି
ଗ) ସନ୍ଧି
ଘ) ବର୍ଣ୍ଣରୂପ

ଉ – (ଖ)'ଷତ୍ୱ' ବିଧି

୧୨) ପୁଲିସ୍ – ଏହା କେଉଁ ପ୍ରକାର ଶବ୍ଦ?
କ) ଦେଶଜ
ଖ) ବୈଦେଶିକ
ଗ) ତଦଭବ
ଘ) ତତ୍ସମ

ଉ – (ଖ) ବୈଦେଶିକ

୧୩) 'ଦାଶରଥୀ' ଶବ୍ଦରେ କେଉଁ ପ୍ରକାର ଅଶୁଦ୍ଧି ରହିଛି?
କ) ତଦ୍ଧିତଗତ
ଖ) କୃଦନ୍ତଗତ
ଗ) ବନାନଗତ
ଘ) ସମାସଗତ

ଉ – କ) ତଦ୍ଧିତଗତ

୧୪. ଶୁଦ୍ଧ ଶବ୍ଦଟିକୁ ବାଛ ।
କ) ଶୀକ୍ଷୟିତ୍ରୀ
ଖ) ଶିକ୍ଷୟିତ୍ରୀ
ଗ) ଶିଷ୍ୟୟିତ୍ରୀ
ଘ) ଶିକ୍ଷୟୀତ୍ରୀ

ଉ :(ଖ) ଶିକ୍ଷୟିତ୍ରୀ

୧୫. 'ଆଧୃକ୍ୟତା ' - ଶବ୍ଦଟିର ଶୁଦ୍ଧରୂପ ଲେଖ ।
କ) ଅଧୃକ୍ୟତା
ଖ) ଅଧୃକ୍ୟ
ଗ) ଆଧୃକ୍ୟ
ଘ) ଆଧୀକ୍ୟ

ଉ : (ଖ) ଆଧୃକ୍ୟ

୧୬. 'ଯାତାୟତ ' - ଶବ୍ଦଟିର ଶୁଦ୍ଧରୂପ ଲେଖ ।
କ) ଯାତାୟତ
ଖ) ଯତାୟତ
ଗ) ଯାତୟାତ
ଘ) ଯାତାୟାତ

ଉ - (ଘ) ଯାତାୟାତ

୧୭. ଦିଗାମ୍ବର - କି ପ୍ରକାର ଅଶୁଦ୍ଧି ଚିହ୍ନାଅ ।
କ) ଲିଙ୍ଗଗତ ଅଶୁଦ୍ଧି
ଖ) ସନ୍ଧିଗତ ଅଶୁଦ୍ଧି
ଗ) ତଦ୍ଧିତଗତ ଅଶୁଦ୍ଧି
ଘ) ସମାସ ଗତ ଅଶୁଦ୍ଧି

ଉ : (ଖ) ସନ୍ଧିଗତ ଅଶୁଦ୍ଧି

୧୮. ଦୂରାବସ୍ତା - ଶବ୍ଦର ଶୁଦ୍ଧରୂପ କେଉଁଟି?

କ) ଦୁରାବସ୍ଥା
ଖ) ଦୂରାବସ୍ଥା
ଗ) ଦୂରବସ୍ତା
ଘ)ଦୁରବସ୍ଥା

ରଚନା

ତୁମ ପ୍ରିୟ ଶିକ୍ଷକ

୧. ମୋର ପ୍ରିୟ ଶିକ୍ଷକ ହେଉଛନ୍ତି [ଶିକ୍ଷକଙ୍କ ନାମ]।

୨. ସେ ଆମକୁ ସାହିତ୍ୟ ପଢ଼ାନ୍ତି।

୩. ସେ ଜଣେ ଅତ୍ୟନ୍ତ ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ଶିକ୍ଷକ।

୪. ସେ ପ୍ରତ୍ୟେକ ବିଷୟକୁ ଅତି ସରଳ ଭାବରେ ଆମକୁ ବୁଝାଇ ଦିଅନ୍ତି।

୫. ସେ ସର୍ବଦା ଆମକୁ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦିଅନ୍ତି।

୬. ବିଦ୍ୟାଳୟର ବଗିଚା କାମ କରିବା ସମୟରେ ମଧ୍ୟ ସେ ଆମ ସହିତ ମିଶି କାମ କରନ୍ତି।

୭. ସେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ଭାବରେ ଭଲ ପାଆନ୍ତି।

୮. ସେ ଆମକୁ ଶିକ୍ଷା ସହିତ ଉତ୍ତମ ଶିଷ୍ଟାଚାର ଶିଖାନ୍ତି।

୯. ତାଙ୍କ ଶିକ୍ଷା ଓ ଉପଦେଶ ମୋ ପାଇଁ ପ୍ରେରଣାର ସ୍ରୋତ।

୧୦. ମୁଁ ଭବିଷ୍ୟତରେ ତାଙ୍କ ଶିକ୍ଷାକୁ ଉପଯୋଗ କରି ଭଲ ମଣିଷ ଟିଏ ହେବାର ଲକ୍ଷ୍ୟ ରଖିଛି।

୧୧. ସେ କେବେହେଲେ ଆମ ଉପରେ ଅଯଥାରେ ବିରକ୍ତ ହୁଅନ୍ତି ନାହିଁ।

୧୨. ଆମେ ସମସ୍ତେ ତାଙ୍କୁ ଖୁବ୍ ଭକ୍ତି ଓ ସମ୍ମାନ କରୁ।

୧୩. ସେ ଏକାଧାରରେ ଅନେକ ପ୍ରତିଭାର ଅଧିକାରୀ।

୧୪. ସେ ଜଣେ ଆଦର୍ଶ ତଥା ନୀତିବାନ ଶିକ୍ଷକ।

୧୫. ସେ ଖୁବ୍ ଶାନ୍ତ ଓ ସରଳ ସ୍ୱଭାବର ।

୧୬. ତାଙ୍କୁ ସୁଆଶିଷ ଆମ ଜୀବନକୁ ନିଶ୍ଚିତ ଭାବେ ମହତ କରିବ।

ପରିବେଶ ପ୍ରଦୂଷଣ

(ଉପକ୍ରମ): ୦୧. ପରିବେଶ ସ୍ୱଚ୍ଛ ଓ ନିର୍ମଳ ରହିଲେ ଆମେ ମଧ୍ୟ ସୁସ୍ଥ ଓ ନିରୋଗ ଭାବେ ଜୀବନ ଯାପନ କରିପାରିବା।

୦୨: ତେଣୁ ପରିବେଶର ସୁରକ୍ଷା ଓ ସ୍ୱଚ୍ଛତା ଆମ ଜୀବନ ପାଇଁ ଏକାନ୍ତ ଆବଶ୍ୟକ।

୦୩ : ପରିବେଶ ପ୍ରଦୂଷଣ କାରଣ- ବର୍ଦ୍ଧିତ ଜନସଂଖ୍ୟା, ଯାନବାହନ ଚଳାଚଳ ବୃଦ୍ଧି, ସହରୀକରଣ ତଥା କଳକାରଖାନାରୁ ନିର୍ଗତ କ୍ଷତିକାରକ ଗ୍ୟାସ ଓ ରାସାୟନିକ ପଦାର୍ଥ ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ଅଟେ।

୦୪: ପ୍ରଭାବ- ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ରହିଛି।

୦୫: ପରିବେଶ ପ୍ରଦୂଷଣ ଦ୍ୱାରା ପୃଥିବୀ ପୃଷ୍ଠର ପ୍ରାଣୀ ଓ ଉଦ୍ଭିଦ ଜଗତ ଘୋର ସଙ୍କଟର ସମ୍ମୁଖୀନ ହେଉଛନ୍ତି।

୦୬: ମାନବର କାର୍ଯ୍ୟକଳାପ ପରିବେଶ ପ୍ରଦୂଷଣ ପାଇଁ ମୁଖ୍ୟତଃ ଦାୟୀ।

୦୭: ପରିବେଶ ସୁରକ୍ଷା - ପରିବେଷ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଜଙ୍ଗଲ ସୁରକ୍ଷା, ଅବାଧ ବୃକ୍ଷ କଟାକୁ ରୋକିବା ତଥା ମାନବ ଜଗତର ସଚେତନତାର ନିହାତି ଆବଶ୍ୟକତା ରହିଛି।

୦୮- ଉପସଂହାର - ପ୍ରଦୂଷଣ ଏକ ଜାତୀୟ ନୁହେଁ, ବରଂ ଏହା ଏକ ବିଶ୍ୱ ସ୍ତରୀୟ ସମସ୍ୟା।

୦୯: ପରିବେଶ ପ୍ରଦୂଷଣ ହେଲେ ସମଗ୍ର ଜୀବଜଗତ ଧ୍ୱଂସ ପାଇଯିବ।

୧୦: ତେଣୁ କଥାରେ ଅଛି "ପରିବେଶ ସୁରକ୍ଷା ଜୀବନ ରକ୍ଷା"।

ରଚନା

ଶୀତ କାଳୀନ ପଲ୍ଲୀର ଦୃଶ୍ୟ

ଉପକ୍ରମ:

1. ଭାରତ ଏକ ଋତୁ ପରିବର୍ତ୍ତନଶୀଳ ଦେଶ। ଏଠାରେ ବର୍ଷରେ ଛଅଟି ଋତୁ ଆସେ। ଏମାନଙ୍କ ମଧ୍ୟରେ ଶୀତ ଋତୁ ହେଉଛି ଏକ ଆନନ୍ଦମୟ ଓ ଶାନ୍ତ ଋତୁ।

2. ପଲ୍ଲୀର ପ୍ରଭାତ ସମୟରେ ଦୃଶ୍ୟ: କୁହୁଡ଼ି, ଶିଶିର ବିନ୍ଦୁ, ଲୋକମାନେ ନିଆଁ ଲଗାଇ ବସନ୍ତି।

3. ଚାଷ ଜମିର ଦୃଶ୍ୟ: ଏହି ସମୟରେ ମାଟି ଶୀତଳ ଓ ଉର୍ବର ରୁହେ।

4. ଜୀବଜନ୍ତୁ ଓ ପକ୍ଷୀମାନଙ୍କ ଜୀବନ : ସୂର୍ଯ୍ୟଙ୍କ କିରଣ ପାଇଁ ଶୀତରୁ ରକ୍ଷା ପାଆନ୍ତି।

5. ସନ୍ଧ୍ୟା ଓ ରାତିର ଦୃଶ୍ୟ: ଶୀଘ୍ର ଅନ୍ଧାର ହୁଏ ଓ ଲୋକମାନେ ଖାଇ ପିଇ ଶୋଇ ପଡନ୍ତି।

6. ଉତ୍ସବ ଓ ଆନନ୍ଦର ସମୟ: ଅନେକ ପର୍ବପର୍ବାଣି ହୋଇଥାଏ।

7. ପ୍ରକୃତିର ସୁନ୍ଦରତା ଏହି ଋତୁରେ ଅଧିକ ଅନୁଭୂତ ହୁଏ।

8. ଉପସଂହାର: ଶୀତ ଋତୁ ଆନନ୍ଦଦାୟକ।

9. ଏହି ଋତୁରେ ସମସ୍ତେ ବଣଭୋଜି କରିବାକୁ ଭଲ ପାଆନ୍ତି।

10. ଶୀତ ଋତୁକୁ ଆମେ ବହୁତ ଭଲ ପାଉ।

ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ

୦୧: ଉଚ୍ଚଳ ର ରୂପ ପ୍ରାକୃତିକ ସୁଷମାରେ ପରିପୂର୍ଣ୍ଣ।

୦୨: ବନ୍ୟା ବାତ୍ୟା ମରୁଡ଼ି ଓ ମହାବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସବୁ ଏହା ମୁହଁରୁ ହସ ଲିଭାଇ ଦେଉଛି।

୦୩: ଏହି ପ୍ରାକୃତିକ ନିପତ୍ତି ନିମିତ୍ତ ଏହା ହତଶ୍ରୀ ଓ ଭାଗ୍ୟହୀନ।

୦୪: ବନ୍ୟା - ଉଚ୍ଚଳରେ ପ୍ରବାହିତ ନଦୀ ସମୂହ ଏବେ ବନ୍ୟା ବିପ୍ଲାତ ରେ ଉଚ୍ଚଳ ଭୂମିକୁ ନିଃଶ୍ୱ ଓ ସର୍ବସ୍ୱାନ୍ତ କରି ଦେଉଛନ୍ତି।

୦୫: ବାତ୍ୟା - ଉଚ୍ଚଳ ପାଇଁ ଆଉ ଏକ ପ୍ରକୃତିକ ବିପର୍ଯ୍ୟୟ ହେଉଛି ବାତ୍ୟା।

୦୬: ସମୁଦ୍ର ରେ ଲଘୁଚାପ ଘୂର୍ଣ୍ଣିବାତ୍ୟାର ଭୈରବ ରୂପ ଧାରଣ କରି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳକୁ ଉଜାଡ଼ି ଦିଏ।

୦୭: ୧୯୬୮, ୧୯୭୨, ୧୯୮୨, ୧୯୮୩, ୧୯୯୯, ୨୦୧୩, ୨୦୧୪, ତଥା ୨୦୧୯ ମସିହାରେ ସଂଘଟିତ ମହାବାତ୍ୟା ଓଡ଼ିଶାର ଜନତାଙ୍କ ପାଇଁ ଅବିସ୍ମରଣୀୟ।

୦୮: ମରୁଡ଼ି- ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଏକ ଭୟାବହ ଘଟଣା।

୦୯: ୧୯୬୭, ୧୯୮୨, ୧୯୮୫ ମସିହାର ମରୁଡ଼ି ରାଜ୍ୟରେ ସୃଷ୍ଟି କରିଥିଲା ଘୋର ଆତଙ୍କ।

୧୦: ପ୍ରତିକାର ବ୍ୟବସ୍ଥା- ବିଭିନ୍ନ ନଦୀବନ୍ଧ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ବନ୍ୟା ବିପ୍ଲଚଳ ନିୟନ୍ତ୍ରଣ କରାଯାଏ।

୧୧: ଘଞ୍ଚ ବନ ଜଙ୍ଗଲ ସୃଷ୍ଟି କରି ଅର୍ଥାତ ବୃକ୍ଷରୋପଣ କରି ବାତ୍ୟାର ପ୍ରକୋପ ଏଡାଇ ଦିଆଯାଇପାରେ।

୧୨: କ୍ଷୁଦ୍ର ମଧ୍ୟମ ଓ ଉଠା ଜଳ ସଚେନ ର ବ୍ୟବସ୍ଥାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱତ କରାଯାଇ ତଥା ଖାଦ୍ୟ ଭଣ୍ଡାର ସ୍ଥାପନ କରାଯାଇ ମରୁଡିର ମୁକାବିଲା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି।

୧୩: ଉପସଂହାର- ଏହି ପ୍ରାକୃତିକ ବିପର୍ଯ୍ୟୟ ଗୁଡିକ ଆମ ରାଜ୍ୟକୁ ଆର୍ଥିକ ଦୁର୍ଗତି ଭିତରକୁ ଟାଣି ନେଇ ପଛୁଆ ରାଜ୍ୟ ଭାବେ ନନ୍ଦିତ କରୁଛି।

ଅନୁଚ୍ଛେଦ

ଆମ ଦେଶରେ ଭାଷା ସମସ୍ୟା କହିବାମାତ୍ରେ ଲୋକେ ବୁଝନ୍ତି ହିନ୍ଦୀ - ଇଂରେଜ ବିବାଦ କଥା। ଆଞ୍ଚଳିକ ଭାଷା କଥା ଟା ବେଶି ମନକୁ ଆସେ ନାହିଁ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଆଞ୍ଚଳିକ ଭାଷା ହେଉଛି ଜନତାର ପ୍ରଥମ ପ୍ରଯୋଜକ, ଅନ୍ନବସ୍ତ୍ର ପରେ ତାର ଦରକାର ନିଜର ଭାଷା। ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ ଯେମିତି ଡାକ ଦେଲେ ।

ଭାଷା କ୍ଷେତ୍ରରେ ସେମିତି ଇଂରେଜ ଛାଡ଼ି ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଘୋଷଣା କଲେ।ତାଙ୍କର ଡାଳ ହେଲା କେନ୍ଦ୍ର ଭାଷା ହେବ ହିନ୍ଦୀ ଓ ବିଭିନ୍ନ ରାଜ୍ୟ ଗୁଡିକର ରାଜ୍ୟ ଭାଷା ହେବ ଆଞ୍ଚଳିକ ଭାଷା ଅର୍ଥାତ୍ ରାଜ୍ୟ ଲୋକ ମାନଙ୍କର ମାତୃଭାଷା ଗାନ୍ଧିଜୀ ମାତୃଭାଷା କୁ ମାତୃ ସୁନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ , ତାକୁ କେବେ ଦେଶଭକ୍ତ କୁହାଯାଇ ପାରେନା।

ଅନୁଚ୍ଛେଦରେ ଥିବା ପ୍ରଶ୍ନ ଓ ଏହାର ଉତ୍ତର

୦୧. ଜନତାର ପ୍ରଥମ ପ୍ରଯୋଜକ କଣ ?

* ଉତ୍ତର: ଜନତାର ପ୍ରଥମ ପ୍ରଯୋଜକ ଆଞ୍ଚଳିକ ଭାଷା ।

୦୨. ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ କ'ଣ କହିଥିଲେ?

* ଉତ୍ତର: ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ।

୦୩- ଗାନ୍ଧିଜୀ କେଉଁ ଭାଷାକୁ ସମୃଦ୍ଧ କରିବାକୁ କହିଥିଲେ?

ଉ:- ଗାନ୍ଧିଜୀ ମାତୃଭାଷାକୁ ସମୃଦ୍ଧ କରିବାକୁ କହିଥିଲେ।

୦୪- କିଏ ମାତୃଭାଷାକୁ ମାତୃ ସ୍ତନ୍ୟ ପର ମୂଲ୍ୟବାନ ମନେ କରୁଥିଲେ?

ଉ:- ଗାନ୍ଧିଜୀ ମାତୃଭାଷାକୁ ମାତୃ ସ୍ତନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ।

୦୫- କାହାକୁ ଦେଶଭକ୍ତ କୁହାଯାଇ ପାରେନା?

ଉ:- ଯେଉଁ ଲୋକର ମାତୃ ଭାଷା ପ୍ରତି ମମତା ନାହିଁ ତାହାକୁ ଦେଶଭକ୍ତ କୁହାଯାଇ ପାରେନା।ଅନୁଚ୍ଛେଦ

କବିବର ରାଧାନାଥ ରାୟ ଜଣେ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ଓଡ଼ିଶାର ସ୍କୁଲ ସମୂହର ପରିଦର୍ଶକ ହୋଇଥିଲେ । ସେ ଥିଲେ ଇଂରାଜୀ, ସଂସ୍କୃତ, ବଙ୍ଗଳା ଆଦିର ସୁପଣ୍ଡିତ । ସେ ପ୍ରଥମେ ବଙ୍ଗଳା ଭାଷାରେ ଲେଖୁଥିଲେ, ପରେ ସେ ଓଡ଼ିଆ ଭାଷାରେ ଲେଖା ଲେଖି କଲେ । ତାଙ୍କ ରଚିତ 'ବିବେକୀ' ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ । ଏହା ପରେ ସେ ରଚନା କଲେ ପ୍ରକୃତ କାବ୍ୟ ଚିଲିକା। ଅମିତାକ୍ଷର ଛନ୍ଦରେ ରଚିତ 'ମହାଯାତ୍ରା' ତାଙ୍କର ଏକ ଅସମ୍ପୂର୍ଣ୍ଣ ମହାକାବ୍ୟ। ଦରବାର ତାଙ୍କର ଏକ ବ୍ୟଙ୍ଗ କାବ୍ୟ । କେଦାର ଗୌରୀ, ଉଷା, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଓ ପାର୍ବତୀ ତାଙ୍କର ପ୍ରଥମ ପାଞ୍ଚଟି ଗାଥା କାବ୍ୟ ।

<u>ଅନୁଚ୍ଛେଦର ପ୍ରଶ୍ନ ଏବଂ ତାହାର ଉତ୍ତର :-</u>

୦୧- ରାଧାନାଥ ରାୟଙ୍କ ଅସମ୍ପୂର୍ଣ୍ଣ ମହାକାବ୍ୟଟିର ନାମ କଣ ?

ଉ- ଅମିତ୍ରାକ୍ଷର ଛନ୍ଦରେ ରଚିତ 'ମହାଯାତ୍ରା' ରାଧାନାଥ ରାୟଙ୍କ ଅସମ୍ପୂର୍ଣ୍ଣ ମହାକାବ୍ୟ ।

୦୨. ରାଧାନାଥ ରାୟଙ୍କ ଦ୍ୱାରା ରଚିତ ବ୍ୟଙ୍ଗ କାବ୍ୟଟି କଣ?

ଉ:- ରାଧାନାଥ ରାୟଙ୍କ ଦ୍ୱାରା ରଚିତ ବ୍ୟଙ୍ଗ କାବ୍ୟ ଟି ହେଲା - 'ଦରବାର' ।

୦୩. ରାଧାନାଥ ରାୟ ପ୍ରଥମେ କେଉଁ ଭାଷାରେ ଲେଖୁଥିଲେ?

ଉ:- ରାଧାନାଥ ରାୟ ପ୍ରଥମେ ବଙ୍ଗଳା ଭାଷାରେ ଲେଖୁଥିଲେ ।

୦୪. ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ କଣ?

ଉ:- ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧଟି ହେଲା - 'ବିବେକୀ' ।

୦୫. ରାଧାନାଥ ରାୟଙ୍କ ପ୍ରଥମ ପାଞ୍ଚୋଟି ଗାଥା କାବ୍ୟ କଣ କଣ?

ଉ:- ରାଧାନାଥ ରାୟଙ୍କ ପ୍ରଥମ ପାଞ୍ଚୋଟି ଗାଥା କାବ୍ୟ ହେଲା :-

୧. କେଦାରଗୌରୀ

୨. ଉଷା

୩. ଚନ୍ଦ୍ରଭାଗା

୪. ନନ୍ଦିକେଶ୍ୱରୀ

୫. ପାର୍ବତୀ

ଅନୁଚ୍ଛେଦ

ନିଜ ଦେଶରେ ମଧ୍ୟ ନିରକ୍ଷର ଲୋକ ଗୋଟିଏ ସାମାଜିକ ବିପଦ । ସେ ଭଲ ମନ୍ଦ ବିଚାର ନକରି ଯେ କୌଣସି ପ୍ରଚାର ଦ୍ୱାରା ଚାଳିତ ହୁଏ । ଆହୁରି ମଧ୍ୟ ଖାଇବାକୁ ଦାନା ,ପିନ୍ଧିବାକୁ କନା ନଥିଲେ କିମ୍ବା ଲୋକଙ୍କର ଚୁଲି - ଚାଳ ନଥିଲେ ସେମାନଙ୍କର ଜୀବନର ଆଦର୍ଶ ରହେ ନାହିଁ । ତେଣୁ ଅନ୍ୟର କୁତ୍ସାର ଟନା କରିବା ଓ ଅନ୍ୟ ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ସେମାନେ କୁଣ୍ଠିତ ହୁଅନ୍ତି ନାହିଁ । ଯାହାର ନିର୍ଦ୍ଦିଷ୍ଟ ନୀତି ନଥାଏ, ସେ ସହଜରେ ବିଭିନ୍ନ ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ । ଏହାଛଡା ଯେଉଁ ଦେଶର ଆଭ୍ୟନ୍ତରୀଣ ଅବସ୍ଥା ଦୀନ ଓ ଶୋଚନୀୟ, ସେ ଦେଶର ନେତାମାନେ ସାଧାରଣତଃ ପଡ଼ୋଶୀ ଦେଶକୁ ଏଥିପାଇଁ ଦାୟୀ ବୋଲି ପ୍ରଚାର କରି ନିଜ ପନ୍ଥା ସହଜ ଓ ସୁଗମ କରି ଦିଅନ୍ତି। ଅନ୍ୟ ଦେଶ ବିରୁଦ୍ଧରେ କଳହ ଲଗାଇ ଦେଇ ଲୋକମାନଙ୍କୁ କାର୍ଯ୍ୟରେ ନିଯୁକ୍ତ କରନ୍ତି । ଦୁଃଖ ଭୋଗ ଫଳରେ ଲୋକଙ୍କର ଯେଉଁ ରାଗ ହୁଏ, ତାହା ସେମାନେ ପଡ଼ୋଶୀ ଦେଶ ବିରୋଧରେ ପ୍ରକାଶ କରନ୍ତି । ନିଜ ଅବସ୍ଥା ବିଶ୍ଳେଷଣ କରି ଉଚିତ୍ ବ୍ୟବସ୍ଥା କରିବାର ଅବସର ଲୋକମାନେ ପାଆନ୍ତି ନାହିଁ । ସବୁବେଳେ ନିଜର ଦୈନ୍ୟ ଏବଂ ଦୁର୍ଦ୍ଦଶା ପାଇଁ ପଡ଼ୋଶୀ ଦେଶ ଉପରେ ଦୋଷାରୋପ କରି ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ସେମାନେ କୁଣ୍ଠିତ ହୁଅନ୍ତି ନାହିଁ ।

★ ଅନୁଚ୍ଛେଦର ପ୍ରଶ୍ନ ଏବଂ ତାହାର ଉତ୍ତର ।

୦୧ -> ନୀରକ୍ଷର ଲୋକେ ସମାଜପାଇଁ ବିପଦ କିପରି ?

ଉ -> ନୀରକ୍ଷର ଲୋକେ ଭଲମନ୍ଦ ବିଚାର କରନ୍ତି ନାହିଁ, ତେଣୁ ସେମାନେ ସମାଜ ପାଇଁ ବିପଦ ଅଟନ୍ତି ।

୦୨ -> ଦେଶର ନେତାମାନେ ନିଜର ବାଟକୁ ସୁଗମ କରନ୍ତି କିପରି ?

ଉ -> ଦେଶର ନେତାମାନେ ପଡ଼ୋଶୀ ଦେଶକୁ ଦାୟୀ ବୋଲି ପ୍ରଚାର କରି ନିଜର ବାଟକୁ ସୁଗମ କରିଥାଆନ୍ତି ।

୦୩ -> ପଡ଼ୋଶୀ ଦେଶ ବିରୋଧରେ ନେତାମାନେ କ'ଣ ପ୍ରକାଶ କରନ୍ତି ?

ଉ -> ପଡ଼ୋଶୀ ଦେଶ ବିରୋଧରେ କଳି ଲଗାଇ ଲୋକଙ୍କୁ ସେଥିରେ ନିଯୁକ୍ତ କରନ୍ତି । ଲୋକ ଦୁଃଖ ପାଇଲେ ନେତାମାନେ ତାହାର କାରଣ ପଡ଼ୋଶୀ ଦେଶ ଉପରେ ଛାଡ଼ି ଦିଅନ୍ତି ।

୦୪ -> ପଡ଼ୋଶୀ ଦେଶ ବିରୋଧରେ ନେତାମାନେ ଯୁଦ୍ଧ ଡାକରା ଦିଅନ୍ତି କାହିଁକି ?

ଉ -> ସର୍ବଦା ନିଜର ଦୈନ୍ୟ ଓ ଦୁର୍ଦ୍ଦଶା ନିମିତ୍ତ ନେତାମାନେ ପଡ଼ୋଶୀ ଦେଶକୁ ଦାୟୀ କରିଥାଆନ୍ତି । ଫଳରେ ତା ବିରୋଧରେ ଯୁଦ୍ଧ ଡାକରା ଦିଅନ୍ତି ।

୦୫ -> କେଉଁ ପରିସ୍ଥିତିରେ ଲୋକଙ୍କର ଜୀବନର ଆଦର୍ଶ ରହେ ନାହିଁ ?

ଉ -> ଲୋକଙ୍କର ଖାଇବାକୁ ଦାନା ଓ ପିନ୍ଧିବାକୁ କନା ନଥିଲେ ସେମାନଙ୍କର ଆଦର୍ଶ ରୁହେ ନାହିଁ ।

== ପତ୍ର ଲିଖନ ==

. ସନ୍ଦେଶ ବା ବାର୍ତ୍ତାକୁ ବହନ କରି ଅନ୍ୟତ୍ର ପ୍ରେରିତ ହେଉଥିବା ଯୋଗାଯୋଗ ରକ୍ଷାକାରୀ କାଗଜକୁ 'ଚିଠି' ବା 'ପତ୍ର' ବୋଲି କୁହାଯାଏ । ପତ୍ର ଲିଖନ ହେଉଛି ସମ୍ବାଦ ପତ୍ର ପ୍ରେରଣର ପ୍ରାଚୀନତମ ମାଧ୍ୟମ । ଏଥିରେ ପ୍ରେରକର ବକ୍ତବ୍ୟ, ଅନୁଭୂତି ଓ ଚିନ୍ତାଧାରା ପ୍ରତିଫଳିତ ହୋଇଥାଏ, ଯାହାକି ଜଣେ ଗ୍ରାହକ ସହୃଦୟରେ ଗ୍ରହଣ କରିଥାଏ ।

. ପତ୍ରଲିଖନର ପ୍ରକାର ଭେଦ

୦୧. ଘରୋଇ ବା ବ୍ୟକ୍ତିଗତ ପତ୍ର
୦୨. ବ୍ୟବସାୟିକ ପତ୍ର
୦୩. ନିମନ୍ତ୍ରଣ ପତ୍ର
୦୪. ସରକାରୀ ପତ୍ର

ପତ୍ରଲିଖନର କୌଶଳ

୦୧. ଆରମ୍ଭ ବା ଶୀର୍ଷ
୦୨. ମଧ୍ୟମ ବା କଳେବର
୦୩. ଶେଷ ବା ପରିସମାପ୍ତି

ଚିଠି ବା ପତ୍ରର ମୌଳିକ ଉପାଦାନ

୦୧. ବାକ୍ୟ ସରଳ ଓ ଛୋଟ
୦୨. ଚଳନ୍ତି ଭାଷାର ବ୍ୟବହାର
୦୩. ବାର୍ତ୍ତା ବା ସନ୍ଦେଶ ସଂକ୍ଷେପରେ
୦୪. ଭାବନା ତଥା ଭାବଧାରା ନିବିଡ଼
୦୫. ନମ୍ରତା ଓ ଶାଳୀନତା ଥିବା ଆବଶ୍ୟକ ।

ପରୀକ୍ଷା ପାଇଁ ନମ୍ବର ବିଭାଜନ

୦୧. ପ୍ରାରମ୍ଭ, ସମ୍ବୋଧନ, ସ୍ଥାନ ଓ ତାରିଖ ପାଇଁ = ୦୧ ମାର୍କ
୦୨. ପ୍ରସଙ୍ଗର ଅବତାରଣା ଓ ଯଥାଯଥ ଉପସ୍ଥାପନ = ୦୩ ମାର୍କ
୦୩. ପରିସମାପ୍ତି ସୂଚକ ଅଂଶ ପାଇଁ = ୧/୨ ମାର୍କ
୦୪. ପିନ୍‌କୋଡ୍ ସହ ଠିକଣା ପାଇଁ = ୧/୨ ମାର୍କ
ସର୍ବମୋଟ = ୦୫ ମାର୍କ

== ପତ୍ରଲିଖନ ==

୦୧. ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରି ସାନଭାଇ ନିକଟକୁ ଏକ ପତ୍ର ଲେଖ ।

କୋଲାବନଗର
ତା. ୧୬ | ୧୧ | ୨୦୨୫ ରିଖ

ସ୍ନେହର ରାଜେଶ,

ମୋର ସ୍ନେହ ଓ ଶୁଭେଚ୍ଛା ନେବୁ । ବାପା ଓ ବୋଉ ଙ୍କୁ ମୋର ପ୍ରଣାମ ଜଣାଇ ଦେବୁ । ଘରୁ ରୁ ଚିଠି ପାଇଲି । ଜାଣିଲି ଯେ, ତୋର ଦେହ ଭଲ ରହୁ ନାହିଁ ।

ପରିଷ୍କାର ଓ ସଫାସୁତରା ରହିବୁ । ସକାଳୁ ଉଠି ବ୍ୟାୟାମ କରିବୁ । ଭଲ ଓ ତଟକା ଖାଦ୍ୟ ଖାଇବୁ । ସବୁବେଳେ ବିଦ୍ୟାଳୟ ସମୟ ପରେ ଖେଳାଖେଳି କରିବୁ । ମନକୁ ଶାନ୍ତ ରଖିବୁ । ଶରୀର ନିରୋଗ ହେଲେ ସବୁକିଛି ସୁନ୍ଦର ଲାଗିବ । ନିତ୍ୟକର୍ମ ଠିକ୍ ସମୟରେ ଶେଷ କରିବୁ ।

ଚିଠି ପାଇ ଚିଠି ନିଶ୍ଚୟ ଦେବୁ । ଘରର ଭଲ ମନ୍ଦ ଲେଖି ଜଣାଇବୁ । ବାପାଙ୍କୁ ସାହାଯ୍ୟ କରିବୁ । ପାଠ ପଢାରେ ମନ ଦେବୁ । ଏତିକି ରେ ରହିଲି ।

|| ଇତି ||

ତୋର ବଡ଼ଭାଇ
ସୁନୀଲ

ଠିକଣା

ପ୍ରେରକ	ପ୍ରାପ୍ତେଷୁ (ଟିକେଟ୍)	ପ୍ରାପକ
| ଶ୍ରୀ ସୁନୀଲ କୁମାର ପାତ୍ର	ଶ୍ରୀ ରାଜେଶ କୁମାର ପାତ୍ର ମାର୍ଫତ - ସନ୍ତୋଷ କୁମାର ପାତ୍ର	
ଗ୍ରାମ – କୋଲାବନଗର	ସା/ପୋ. - ରଘୁନାଥପୁର	
ପୋ. - କୋଲାବନଗର	ଜିଲ୍ଲା - କଟକ	
ଜିଲ୍ଲା - କୋରାପୁଟ	ପିନ୍ - ୭୫୩୦୦୧	
ପିନ୍ - ୭୭୪୦୧୧		

୦୨. ତୁମ ଜନ୍ମଦିନ ପାଳନ ଉତ୍ସବରେ ଯୋଗଦେବାକୁ ଅନୁରୋଧ କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

ପୂଜାରୀପୁଟ, କୋରାପୁଟ

ତା. ୧୬ | ୧୧ | ୨୦୨୫ ରିଖ

ପ୍ରିୟ ରାଜୁ,

ମୋର ଶୁଭେଚ୍ଛା ନେବୁ । ଘରେ ମଉସା ମାଉସୀଙ୍କୁ ପ୍ରଣାମ ଜଣାଇ ଦେବୁ । ଆଶା ଭଲରେ ଥିବୁ । ତୁ ଜାଣିଥିବୁ ପ୍ରତିବର୍ଷ ନଭେମ୍ବର ମାସ ୨୦ ତାରିଖରେ ମୋର ଜନ୍ମଦିନ ପଡ଼େ । ଏବର୍ଷ ମୋତେ ପନ୍ଦର ବର୍ଷ ପୂରି ଯାଉଛି । ଏହି ଉତ୍ସବରେ ତୋର ଉପସ୍ଥିତି ନିଶ୍ଚୟ ଦରକାର ।

ତୁ ନିଶ୍ଚୟ ଆସିବୁ । ମଉସା ମାଉସୀଙ୍କୁ ଧରି ଆସିବୁ । ତୁ ନ' ଆସିଲେ ଜନ୍ମଦିନ ମଜା ଆସିବ ନାହିଁ । ପାଞ୍ଚଦିନ ପୂର୍ବରୁ ଆସିବୁ । ଭଲରେ ଭଲରେ ଜନ୍ମଦିନ ପାଳନ କରିବା । ଅନ୍ୟ ସାଙ୍ଗମାନେ ମଧ୍ୟ ସେହିଦିନ ଘରକୁ ଆସିବେ ।

ଚିଠି ପାଇ ଚିଠି ଦେବୁ । ତୋର ଅପେକ୍ଷାରେ ରହିଲି ।

ତୋର ସାଙ୍ଗ

ରବି

ଠିକଣା

| ପ୍ରେରକ |

ଶ୍ରୀ ରବିନ୍ଦ୍ର ସେନାପତି
ସା/ପୋ- ପୂଜାରୀପୁଟ
ଜିଲ୍ଲା- କୋରାପୁଟ ପିନ୍ - ୭୬୪୦୧୦

ପ୍ରାପ୍ତକ (ଟିକେଟ୍) |

ଶ୍ରୀ ରାଜେଶ ସାହୁ
ମାର୍ଫତ - ସନ୍ତୋଷ ସାହୁ
ସା/ପୋ- ଭୋଗରାଇ
ପିନ୍ - ୭୫୬୦୩୮ | ଜିଲ୍ଲା - ବାଲେଶ୍ୱର

୦୩. ମୋବାଇଲ ଫୋନ ବ୍ୟବହାର ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ।

ମସ୍ତିପୁଟ
କୋରାପୁଟ
ତା - ୦୧. ୦୮. ୨୦୨୬

ପ୍ରିୟ ଥବିର,

ମଉସା ମାଉସୀଙ୍କୁ ମୋର ପ୍ରଣାମ ଜଣାଇଦେବୁ । ଲିପୁନ କୁ ମୋର ସ୍ନେହ ଜଣାଇଦେବୁ । ତୁ ସେଠାରେ ଭଲରେ ଥବୁ ବୋଲି ଆଶା । ଗତକାଲି ତୋର ଚିଠି ପାଇ ଭାରି ଖୁସି ହେଲି ।

ସାଂପ୍ରତିକ ସମୟରେ ମୋବାଇଲ ଫୋନର ବ୍ୟବହାର ର ଯେତିକି ସକାରାତ୍ମକ ପ୍ରଭାବ ରହିଛି, ତା'ଠାରୁ ଅଧିକ ନକାରାତ୍ମକ ପ୍ରଭାବ ରହିଛି। ସହଜରେ ସମ୍ପର୍କୀୟଙ୍କ ସହ ସମ୍ପର୍କ ସ୍ଥାପନ କରିବା ସହିତ ସମସ୍ତ ଡିଜିଟାଲ କାର୍ଯ୍ୟ ସମାପନ ହେଲେ ସୁଦ୍ଧା ଏହାର କୁପ୍ରଭାବ ଶରୀର ଓ ମନ ଉପରେ ପଡୁଛି ।

ମୋବାଇଲ ଫୋନରୁ ନିର୍ଗତ ହେଉଥିବା ନୀଳରଶ୍ମି ଚକ୍ଷୁ ରୋଗ , ହୃଦଘାତ , କ୍ୟାନସର ଆଦି ମାରାତ୍ମକ ରୋଗ ସୃଷ୍ଟି କରୁଛି । ସେଥିପାଇଁ ନିଜ ଆବଶ୍ୟକତା ଅନୁଯାୟୀ ମୋବାଇଲ ଫୋନ ବ୍ୟବହାର କରିବୁ ।

ତେଣୁ ଅଯଥା ମୋବାଇଲ ଫୋନର ବ୍ୟବହାର ନ କରି ନିଜ କାର୍ଯ୍ୟରେ ମନୋନିବେଶ କରିବୁ । ପତ୍ର ପାଇ ପତ୍ର ଦେବୁ ।

ତୋର ସାଙ୍ଗ

ସିକୁନ

ଠିକଣା

ପ୍ରେରକ
ଶ୍ରୀ - ସିକୁନ ସାହୁ ,
ଗ୍ରା/ପୋ – ମସ୍ତିପୁଟ
ଜିଲ୍ଲା – କୋରାପୁଟ
ପିନ - ୭୭୪୦୨୦

ଗ୍ରାହକ
ଶ୍ରୀ - ଥବିର ଦିଶାରୀ
ଗ୍ରା/ପୋ - ପୋଡ଼ା ପଦର
ଜିଲ୍ଲା – ରାୟଗଡ଼ା
ପିନ – ୭୭୫୦୦୨

—= ଅଭ୍ୟାସ ନିମନ୍ତେ, ପତ୍ର ଲିଖନ =—

୦୧. ଏକ ଦର୍ଶନୀୟ ସ୍ଥାନଭ୍ରମଣର ଅନୁଭୂତି ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

୦୨. ତୁମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ କିପରି ପାଳିତ ହେଲା ତାହା ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

୦୩. ଖବର କାଗଜ ପଢ଼ିବାର ଉପକାରିତା ବୁଝାଇ ସାନ ଭଉଣୀ ଙ୍କ ନିକଟକୁ ଗୋଟିଏ ପତ୍ର ଲେଖ ।

୦୪. ଭଲ ମଣିଷ ହେବାକୁ ପରାମର୍ଶ ଦେଇ ସାନ ଭାଇ ନିକଟକୁ ପତ୍ର ଲେଖ ।

୦୫. ତୁମର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ବର୍ଣ୍ଣନା କରି ବାପାଙ୍କ ନିକଟକୁ ପତ୍ର ଲେଖ ।

୦୬. ପ୍ରତିଦିନ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇ ନିଜ ସାଙ୍ଗ ନିକଟକୁ ପତ୍ର ଲେଖ ।

୦୪. ଖେଳିବା ସହିତ ପାଠପଢାରେ ମନ ଦେବାକୁ ସାନଭାଇ ନିକଟକୁ ପତ୍ର ଲେଖ ।

କୋରାପୁଟ

ତା : ୦୧ । ୦୮ । ୨୦୨୬

ସ୍ନେହର ବାବୁଲା,

ମୋର ଶୁଭାଶୀର୍ବାଦ ଗ୍ରହଣ କରିବୁ । ବାପା, ବୋଉ ଓ ଅନ୍ୟାନ୍ୟ ଗୁରୁଜନ ମାନଙ୍କୁ ମୋର ଭୂମିଷ୍ଠ ପ୍ରଣାମ ଜଣାଇ ଦେବୁ । ରାକେଶ ଓ ମାମା କୁ ସ୍ନେହ ଜଣାଇ ଦେବୁ । ଜାଣି ଖୁସି ହେଲି ଯେ ତୁ ତୁମ ସ୍କୁଲରେ ଖେଳ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ସହିତ ରାଜ୍ୟସ୍ତରୀୟ କ୍ରୀଡା ପାଇଁ ମନୋନୀତ ହୋଇଛୁ । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଣୁ ତୁ ମନେ ରଖିବୁ ଯେ ଖେଳ ସହିତ ପାଠପଢାରେ ମନ ଦେବୁ । ଖେଳକୁ ବିଶେଷ ପ୍ରାଧାନ୍ୟ ଦେଇ ପାଠପଢାରେ ଅବହେଳା କଲେ ଭବିଷ୍ୟତ ରେ ବିଶେଷ ଅସୁବିଧା ହେବ । ଠିକ୍ ସମୟରେ ପାଠ୍ୟ ବିଷୟକୁ ଧ୍ୟାନ ଦେଇ ପଢୁଥିବୁ ଏବଂ ଏହାପରେ ଖେଳକୁ ଗୁରୁତ୍ୱ ଦେବୁ ।

ତୁ ସେଠାରେ ଭଲରେ ଥିବୁ । ମୁଁ ଏଠାରେ ଭଲରେ ଅଛି ।

॥ ଇତି ॥

ତୋର ବଡଭାଇ
ଚିଣ୍ଟୁ

-

ଠିକଣା

ପ୍ରେରକ
ଉମେଶ ଚନ୍ଦ୍ର ବେହେରା
କୋରାପୁଟ ହାଇସ୍କୁଲ୍ ଛାତ୍ରାବାସ
ରୁମ୍ ନଂ - ୨୨
କୋରାପୁଟ
ପିନ୍ – ୭୭୪୦୨୦
ଓଡ଼ିଶା

ଗ୍ରାହକ
ସୁରେଶ ଚନ୍ଦ୍ର ବେହେରା
ନୂଆସାହି

ନବରଙ୍ଗପୁର
ପିନ୍ - ୭୭୪୦୨୨
ଓଡ଼ିଶା

ମଙ୍ଗଳେ ଅଇଲା ଉଷା

କବି ପରିଚୟ:

କବି: ସ୍ୱଭାବ କବି ଗଙ୍ଗାଧର ମେହେର ପିତା – ଚୈତନ୍ୟ ମେହେର

ମାତା- ସେବତି ଦେବୀ

ଜନ୍ମ: ୦୯ ଅଗଷ୍ଟ ୧୮୬୨

ଜନ୍ମ ସ୍ଥାନ: ବରଗଡ ଜିଲ୍ଲାର ବରପାଲି

କାବ୍ୟ ପ୍ରତିଭା : ତପସ୍ୱିନୀ , ପ୍ରଣୟ ବଲ୍ଲଭୀ , କୀଚକ ବଧ, ଇନ୍ଦୁମତି, ପଦ୍ମିନୀ ଅଯୋଧ୍ୟା ଦୃଶ୍ୟ, ଉତ୍କଳ ଲକ୍ଷ୍ମୀ

କ୍ଷୁଦ୍ର ଗୀତ ସଂକଳନ: କୃଷକ ସଂଗୀତ, କବିତାମାଳା, କବିତା କଲ୍ଲୋଳ, ଅର୍ଘ୍ୟଥାଳି

ସଂଗୃହିତ କବିତାଂଶ- ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗ

ତିରୋଧାନ: ୦୪ ଏପ୍ରିଲ୧୯୨୪

କବିତାର ଗୁରୁତ୍ୱପୂର୍ଣ୍ଣ

* ଶିଶିର ରୂପକ ସଜ୍ଜା ଉପହାର ସ୍ୱରୂପ ପରି ଉଷା ଙ୍କ ପ୍ରାଙ୍ଗଣ ବାହାରେ ଉପସ୍ଥିତ ହୋଇଛନ୍ତି ।

* ସୀତା ଙ୍କୁ ସ୍ୱାଗତ କରିବାପାଇଁ ଉଷାଙ୍କ ନିର୍ଦ୍ଦେଶରେ ପବନ ଗୀତ ଗାଉଛି ଭ୍ରମର ବୀଣା ବଜାଉଛି କୁଜରୁଆ ଓ କଜଳପାତି ମାନେ ପ୍ରଥାନଉ ରୂପେ ସ୍ତୁତି ଗାନ କରୁଛନ୍ତି।

* ଉଷା ଆଗମନରେ ଆଶ୍ରମ ପରିବେଶ ମୁନି ମାନଙ୍କର ବେଦ ଧୁନିରେ ପୂର୍ଣ୍ଣ ହୋଇ ଉଠିଛି ।

* ସୀତା ଙ୍କୁ ଦର୍ଶନ କରିବା ପାଇଁ ତମସା ନଦୀ ଅନାଇ ରହିଛି ।

* ସୀତା ଅନୁକମ୍ପା ଙ୍କର ତାଦ ବନ୍ଦନା କରିଛନ୍ତି ।

* ରଘୁ ବଂଶର ମଙ୍ଗଳ କାମନା କରି ସୂର୍ଯ୍ୟ ଆଗମନ ର କାରଣ ହେବାପାଇଁ ସୀତା ଉଷାଙ୍କୁ କହିଛନ୍ତ ।

* ସୀତାଙ୍କୁ ସ୍ୱାଗତ କରିବା ପାଇଁ ତମସା ନଦୀ ବିଭିକ୍ତ ଆୟୋଜନ କରିଛି ।

* ସୀତା ତମସା ନଦୀ ଙ୍କୁ ସ୍ନାନ କରିବା ପାଇଁ ଗମନ କରିଛନ୍ତି ଏବଂ ତମସା ନଦୀ ତରଙ୍ଗ ରୂପକ ହାତରେ ସୀତାଙ୍କୁ ଆଲିଙ୍ଗନ କରି ନିଜକୁ ଭାଗ୍ୟବତୀ ମନେ କରିଛି ।

ସୂଚନା

ଅରୁଣ କଷାୟ ବାସ – ଲାଲ ରଙ୍ଗର ପାଟବସ୍ତ୍ର

ତମସା- ବାଲ୍ମୀକି ଆଶ୍ରମ ନିକଟରେ ପ୍ରବାହିତ କ୍ଷୁଦ୍ର ନଦୀ

ଉଟଜ – କୁଡିଆ

ତାପସ – ମୁନି

ବୈକୁଣ୍ଠେ- ବିଷ୍ଣୁ ଙ୍କଧାମରେ

<u>ବହୁ ବିକଳ୍ପ ପ୍ରଶ୍ନ ଓ ଉତ୍ତର :-</u>

୧) "ମଙ୍ଗଳେ ଅଇଲା ଉଷା " ପଦ୍ୟ କେଉଁ ଛନ୍ଦରେ ରଚିତ?

A) ଶଙ୍କରା ଭରଣ B) ମଙ୍ଗଳ ବରାଡି C) ଚୋଖି D) ଗୁଜ୍ଜରୀ

Ans- ଚୋଖି

୨) " ମଙ୍ଗଳେ ଅଇଲା ଉଷା " ପଦ୍ୟ କେଉଁ କାବ୍ୟରୁ ଆସିଅଛି?

A) ଇନ୍ଦୁମତୀ B) ତପସ୍ୱିନୀ C) କୀଚକବଧ D) ପ୍ରଣୟବଲ୍ଲରୀ

Ans- ତପସ୍ୱିନୀ

୩) ସୀତାଙ୍କୁ କିଏ 'ରାଜଲକ୍ଷ୍ମୀ ହୃଦହାର' ବୋଲି କହିଛି?

A) ଅନୁକମ୍ପା B) ତମସା C) ଉଷା D) ମୁନିକନ୍ୟା

Ans- ତମସା

୪) କବି କାହାକୁ ଆଶ୍ରମର ଧାତ୍ରୀ ବୋଲି କହିଛନ୍ତି?

A) ତମସା B) ମୁନିକନ୍ୟା C) ଅନୁକମ୍ପା D) ସୀତା

Ans- A) ତମସା

୫) କିଏ ଭାଟ ହୋଇ ସ୍ତବ ପାଠ କରିଥିଲା ?

A) ସୁରଭି B) କୁହ୍ୟାଟୁଆ C) ଭ୍ରମର D) କଜଳପାତି

Ans- କୁହ୍ୟାଟୁଆ

୬) ସୀତା ଙ୍କୁ ପାଇ କିଏ ନିଜକୁ ଭାଗ୍ୟବତୀ ମନେ କରିଥିଲେ?

A) ଅନୁକମ୍ପା B) ତମସା C) ଅନୁସୂୟା D) ଉଷା

Ans- ତମସା

୭)ଶୁଭ – “ସମ୍ପାଦିନୀ ପୁଅ ରଘୁବଂଶିକେ "- ଏହା କାହା ଉଦ୍ଦେଶ୍ୟରେ କୁହାଯାଇଛି?

A) ରାମଚନ୍ଦ୍ର B) ସୀତାଦେବୀ C) ଉଷା D) ତମସା

Ans- ଉଷା

୮) ପଠିତ କବିତାରେ କାହାକୁ 'ବ୍ରହ୍ମଚାରିଣୀ' କୁହାଯାଇଛି?

A) ଉଷାଙ୍କୁ B) ବୈଦେହୀଙ୍କୁ C) ଅନୁକମ୍ପା ଙ୍କୁ D) ତମସାଙ୍କୁ

୯) “ଅରୁଣ କଷାୟବାସ ” ର ଅର୍ଥ କଣ ?

A) ଅରୁଣଙ୍କ ନିମନ୍ତେ B) ଅରୁଣଙ୍କ କଷାୟ ବସ୍ତ୍ର C) ରଙ୍ଗର କଷାୟ ବସ୍ତ୍ର D) କଷାୟ ରଙ୍ଗର ଅରୁଣ ବସ୍ତ୍ର

Ans - D) କଷାୟ ରଙ୍ଗର ଅରୁଣ ବସ୍ତ୍ର

୧୦)ମୁନି ଙ୍କର ବେଦ ଧ୍ୱନି କୁ କାହା ସହିତ ତୁଳନା କରାଯାଇଛି ?

A) ଓଁକାର ଧ୍ୱନି B) ସମୀର ର ସଙ୍ଗୀତ ଗାନ C) ଭ୍ରମର ର ବୀଣା ବାଦନ D) ସରସ୍ୱତୀ ଙ୍କର ବୀଣା ଝଙ୍କାର

Ans - A) ଓଁକାର ଧ୍ୱନି

୧୧. 'ଦରଶନ ଦିଅ ସତି, ରାତି ପାହିଲା' - ଏ ଉକ୍ତିଟି କାହାର ?

(A) ଅନୁକମ୍ପା (B) କୁମ୍ଭାଟୁଆ (C) ଉଷା (D) ବାଲ୍ମିକୀ

ଉ - (C) ଉଷା

୧୨. 'ତମସା ରହିଛି ଅନାଇ, କୋଳ କରି ଥରେ ସୁଖ ଲଭିବା ପାଇଁ ।' - ଏହା କିଏ କହିଛନ୍ତି ?

(A) ଉଷା (B) ସୀତା (C) ମୁନିକନ୍ୟା (D) ଅନୁକମ୍ପା

ଉ - (D) ଅନୁକମ୍ପା

୧୩. ଉଷାଙ୍କ ନିର୍ଦ୍ଦେଶରେ କିଏ ନର୍ତ୍ତନ କରିଛି ?

(A) କୁମ୍ଭାଟୁଆ (B) ସମୀର (C) ଭ୍ରମର (D) ସୁରଭି

ଉ - (D) ସୁରଭି

୧୪. 'ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କଣ ?'

(A) ବିଶେଷ ଦେହ ଧାରିଣୀ କନ୍ୟା (B) ବିଦେହର କନ୍ୟା (C) ଦେହହୀନା କନ୍ୟା (D) ବିଦେଶିନୀ କନ୍ୟା

ଉ - (B) ବିଦେହର କନ୍ୟା

୧୫. ଅନୁକମ୍ପା କାହାକୁ 'ସୁକୁମାର ଦେହୀ' ବୋଲି କହିଛନ୍ତି ?

(A) ସୀତାଙ୍କୁ (B) ଉଷାଙ୍କୁ (C) ତମସାଙ୍କୁ (D) ଅନୁକମ୍ପାଙ୍କୁ

ଉ - (B) ଉଷାଙ୍କୁ

ସପ୍ରସଙ୍ଗ ସରଳାର୍ଥ

1.“ ଭାଗ୍ୟବତୀ ମୋତେ ସଂସାରେ

ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ ” ।

“ ଭାଗ୍ୟବତି .....ପରଶଂସାରେ। “

ଶଂସିତ ପଦ୍ୟାଂଶଟି “ ମଙ୍ଗଳେ ଅଇଲା ଉଷା “ ଶୀର୍ଷକ କବିତାରୁ ଆନୀତ। ଆଲୋଚ୍ୟ ପ୍ରସଙ୍ଗରେ ସ୍ୱଭାବ କବି ଗଙ୍ଗାଧର ମେହେର ତମସା ନଦୀର ବର୍ଣନା କରିଛନ୍ତି।

କବି ଏଠାରେ ତମସା ନଦୀ କୁ ସ୍ନେହଶୀଳା ନାରୀ ରୂପରେ ବର୍ଣନା କରିଛନ୍ତି । ମୁନି କନ୍ୟାଙ୍କ ଗହନ ରେ ସିତା ତମସା ନଦୀରେ ସ୍ନାନ କରିବା ପାଇଁ ବାହାରିଛନ୍ତି । ସିତା ଙ୍କ ଆଗମନରେ ବାର୍ତ୍ତା ପାଇ ତମସା ମନରେ ଆନନ୍ଦର ଢେଉ ଖେଳି ପାରିଛି । ମଧୁର ସ୍ୱରରେ ସେ କହିଛି ଯେ ଅଯୋଧ୍ୟାର ରାଜ ଲକ୍ଷ୍ମୀ ସିତା ସମସ୍ତ ଭୋଗ ପିପାସା ତ୍ୟାଗ କରି ତା ପଙ୍କରେ ସ୍ନାନ କରିବେ ଏହି ବିଶ୍ୱାସ ତାର ନଥିଲା। ବର୍ତ୍ତମାନ ସେ ସେହି ସୌଭାଗ୍ୟ ପାଇଥିବାରୁ ନିଜକୁ ଭାଗ୍ୟବତୀ ମନେ କରଛି ଏବଂ ସମାଜରେ ପ୍ରଶଂସାର କାରଣ ହେବ ବୋଲି କହିଛି ।

କବିଙ୍କ ବର୍ଣନାରେ ପ୍ରସଙ୍ଗ ଟି ଅତ୍ୟନ୍ତ ହୃଦୟସ୍ପର୍ଶୀ।

2. " ଶୁଭ୍ର ସଭରଉ ରସିକେ

ଶୁଭ –ସମ୍ପାଦିନୀ ହୁଅ ରଘୁ ବଂଶିକେ ।

" ଶୁଭ୍ର .....ବଂଶିକେ

ଶଂସିତ ପଦ୍ୟାଂଶଟି ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ରଚିତ "ମଙ୍ଗଳେ ଅଇଲା ଉଷା " ଶୀର୍ଷକ କବିତାରୁ ଗୃହିତ । ଆଲୋଚ୍ୟ ପ୍ରସଙ୍ଗରେ କବି ଉଷାକୁ ସୀତା କିପରି ଅନୁରୋଧ କରିଛନ୍ତି ତାହା ବର୍ଣନା କରିଛନ୍ତି ଓ ସତୀ ସୀତାଙ୍କର ସ୍ୱାମୀ ଭକ୍ତିର ପରିଚୟ ପ୍ରଦାନ କରିଛନ୍ତି।

ଆଶ୍ରମ ବ୍ରହ୍ମଚାରିଣୀ ତପସ୍ୱିନୀ ଅନୁକମ୍ପା ସୀତା ଙ୍କ ନିକଟରେ ଉଷାକୁ ଦର୍ଶନ ଦେବା ନିମିତ୍ତ ଜଣେଇଲେ। ସୀତା ତାଙ୍କ ଅନୁରୋଧ ଉଷା କରି ଅନୁକମ୍ପା ଙ୍କୁ ପ୍ରଣତି ଜଣାଇ ଉଷା ଦେବୀଙ୍କର ପଦ ବନ୍ଦନା କଲେ। ଏହି ଅବସରରେ ସୀତା ଉଷାଙ୍କୁ ଶୁଭ୍ର ସୌରଭ ରସିକା ବୋଲି ବର୍ଣ୍ଣନା କରି ରଘୁ ବଂଶର ତଥା ଶ୍ରୀ ରାମଚନ୍ଦ୍ରଙ୍କର ଶୁଭ ବିଧାନ କରିବାକୁ ଅନୁରୋଧ କଲେ ।
କବିଙ୍କ ବର୍ଣ୍ଣନା ରେ ପ୍ରସଙ୍ଗ ଟି ବାସ୍ତବ ଧର୍ମୀ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

1) ପଠିତ କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରଭାତ କାଳୀନ ପ୍ରାକୃତିକ ସୌନ୍ଦର୍ଜ୍ୟ ବର୍ଣ୍ଣନା କର।

ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ରଚିତ "ମଙ୍ଗଳେ ଅଇଲା ଉଷା " ଏକ ହୃଦୟ ସ୍ପର୍ଶୀ କବିତା । ଏହି ପଦ୍ୟ ଟି କବିଙ୍କ ରଚିତ ତପସ୍ୱିନୀ କାବ୍ୟ ରୁ ଗୃହିତ । ଏଠାରେ କବି ବାଲ୍ମୀକି ଆଶ୍ରମର ପ୍ରଭାତ କାଳୀନ ଦୃଶ୍ୟ ବର୍ଣ୍ଣନା କରିଛନ୍ତି।

ବାଲ୍ମୀକି ଆଶ୍ରମ ର ପ୍ରଭାତ କାଳୀନ ପ୍ରକୃତି ଅତ୍ୟନ୍ତ ମଞ୍ଜୁଳ ସୌନ୍ଦର୍ଜ୍ୟ ପ୍ରକାଶ କରିଛି । ଉଷା ଫୁଟି ଥିବା ପଦ୍ମ ଚୁମକ ହାତରେ ଶିଶିର ରୂପକ ମୁକ୍ତ ଉପହାର ସ୍ୱରୂପ ଧରି ସୀତା ଙ୍କ ଭାଙ୍ଗଣ ବାହାରେ ଉପସ୍ଥିତ। ଉଷା ଙ୍କ ନିର୍ଦେଶରେ ଜୀବନ ସଙ୍ଗୀତ ଗାଁ କରୁଛି ଭ୍ରମର ବୀନା ବଜାଉଛି ଏବଂ ସୁରଭି ଓ ମୁକୁଳିତ କୁସୁମ କୃତ୍ୟ କଲା ଭଳି ମନେ ହୋଇଛନ୍ତି। ଏହି ଶୋଭାକୁ ଦିଗୁଣିତ କରି ଦେଉଛି କୋଇଲି ର କୁହଣନ ତଥା କୁୟାଟୁଆ ଓ କଜଳପାତି ମାନଙ୍କର ସ୍ତବପାଠ।

ପ୍ରଭାତ କାଳର ଶାନ୍ତ କାନ୍ତ ପରିବେଶ ମଧ୍ୟରେ ମୁନିମୁଖ ଉଚ୍ଚରିତ ବେଦସ୍ୱନରେ ଶ୍ୟାମଳିମା। ଶୋଭିତ ସମଗ୍ର ବନ ଭୂମି ପୂର୍ଣ୍ଣ ହୋଇ ଉଠିଛି । ଓଂକାର ଧ୍ୱନି ରେ ଆକାଶ ସୁପରିତ ହୋଇଛି । ଏହି ପରିବେଶ ସତେ ଯେଭଳି ବୈକୁଣ୍ଠ ଲୋକର ତୃପ୍ତି ଦେବାସହ ଘାତକ ରାଜା ବାସୁକୀ ଙ୍କୁ ମଧ୍ୟ ସୁଗ ଦେଇଛି ।

ବେଳକୁ ବେଳ ବନଭୂମି ଉଜ୍ଜ୍ୱଳ ହୋଇ ଉଠିଛି । ମୁନିକନ୍ୟାମାନେ ତଥା ଆଶ୍ରମ ବାସିନୀ ତପସ୍ୱିନୀ ମାନେ ଆଶ୍ରମ ର ପ୍ରଭାତରେ ପ୍ରାକୃତିକ ସୌନ୍ଦର୍ଜ୍ୟ ଅଥିକ ସୁସମାନ୍ୱିତ କରି ସେମାନଙ୍କର ସ୍ତନଦୀ କର୍ମରେ ଲୁପ୍ତ ହୋଇଛନ୍ତି। ଆଶ୍ରମ ନିକଟସ୍ଥ ତମସା ନଦୀର ସ୍ୱଚ୍ଛତା , ପବିତ୍ରତା ଓ ଆକର୍ଷଣ ଅତ୍ୟନ୍ତ ଆବେଗମୟ ହୋଇଉଠିଛି ।
ବାସ୍ତବିକ ବାଲ୍ମୀକି ଆଶ୍ରମ ର ପ୍ରଭାତ କାଳୀନ ପ୍ରାକୃତିକ ସୌନ୍ଦର୍ଜ୍ୟ ଅତ୍ୟନ୍ତ ମନମୁଗ୍ଧ କର ।

2) " ମଙ୍ଗଳେ ଅଇଲା ଉଷା " କବିତାରୁ କବିଙ୍କ ପ୍ରକୃତ ଚିତ୍ରଣର ବିଶେଷତ୍ୱ ଦର୍ଶାଅ ।

ସ୍ୱଭାବ କବି ଗଙ୍ଗାଧର ମେହେର ପ୍ରକୃତିର ଅନନ୍ୟ ରୂପକାର। କବିଙ୍କ ତପସ୍ୱିନୀ କାବ୍ୟ ରୁ ସଂଗୃହିତ ମଙ୍ଗଳେ ଅଇଲା ଉଷା କବିତାରେ କବିଙ୍କ ପ୍ରକୃତି ଚିତ୍ରଣ ରେ ଅସାଧାରଣ ପ୍ରତିଭା ବର୍ଣ୍ଣିତ ହୋଇଛି ।

କବିଙ୍କ ପ୍ରକୃତି ଚିତ୍ରକାର ବିଶେଷତ୍ୱ ହେଲା , ପ୍ରକୃତି ଉପରେ ମାନବତ୍ୱ ର ଆରୋପ । ତାଙ୍କ ପ୍ରକୃତି ଜଡ ନୁହେଁ ଜୀବନ୍ତ । ତାର ଅଛି ସ୍ୱତନ୍ତ୍ର ସତ୍ତା। ସେ ମଣିଷର ସୁଖ ଓ ଦୁଖ ରେ ସାମିଲ ହୋଇଛି । କବି କବିତାରେ ଉଷା କୁ ନାରୀ ରୂପରେ ବର୍ଣ୍ଣନା କରିଛନ୍ତି । ସେ ସୀତାଙ୍କୁ ଦେଖିବା ପାଇଁ କରତଳ୍ଲବରେ ଶିଶିର ରୂପକ ମୁକ୍ତା ଉପହାର ଧରି ପହଞ୍ଚିଛି । ସେ ସୀତା ଙ୍କ ବସ ବାହାରେ ରହି କୋଇଲି ର ମଧୁର କଣ୍ଠରେ ଦର୍ଶନ ପାଇଁ ସୀତା ଙ୍କୁ ଅନୁରୋଧ କରି ରାତି ପାହିବାର ସୂଚନା ଦେଇଛି ।

ସୀତା ତପସ୍ୱିନୀ ହୋଇଥିବାରୁ ଅନୁରୂପ ବେସ ପରିଧାନ କରି ଉଷା ସୀତା ଙ୍କ ନିକଟରେ ପହଞ୍ଚିଛି । କବିଙ୍କ ଚିତ୍ରଣ ରେ ସମୀର ସଙ୍ଗୀତ ଗାନ କରିଛି । ଭ୍ରମର ବୀନା ବାଦନ କରିଛି । ଫୁଲ ମାନେ ନୃତ୍ୟ କରିଛନ୍ତି ଏବଂ କୁୟାରୁଆ ଓ କଜଳପାତି ଭାଟ ରୂପେ ମନ୍ତ୍ରପାଠ କରୁଛନ୍ତି । ଆଶ୍ରମ ର ପ୍ରକୃତିକୁ କବି ଅଧିକ ସୌଦର୍ଯ୍ୟ ପୂର୍ଣ୍ଣ କରି ବର୍ଣ୍ଣନା କରିଥିବା ବେଳେ ତମସା ନଦୀ ର ହୃଦୟରେ ଆବେଶ ଚିତ୍ରଣରେ ବେଶ ପରି ପକ୍ୱତା କରିଛନ୍ତି ।

ପଠିତ କବିତାରେ ପ୍ରକୃତ ଚିତ୍ରଣର ବିଶେଷତ୍ୱ ସୀକର ଯୋଗ୍ୟ ।

ଜାଗ ବନ୍ଧନ ହରା

କବି ଅନନ୍ତ ପଟ୍ଟନାୟକ

କବି ପରିଚୟ

- **କବି:** ଅନନ୍ତ ପଟ୍ଟନାୟକ
- **ଜନ୍ମସ୍ଥାନ:** ଚଣା ହାଟ- ଖୋର୍ଦ୍ଧା ଜିଲ୍ଲା
- **କବିତା ସଂକଳନ:** ରକ୍ତଶିଖା, ଛାଇର ଛୁଟା, ଅବାନ୍ତର ଇତ୍ୟାଦି।
- 'ଅବାନ୍ତର' - କବିତା ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।

କବିତାର ପୃଷ୍ଠଭୂମି

୧. ଶ୍ରେଣୀହୀନ ଓ ଶୋଷଣମୁକ୍ତ ସମାଜ ଗଠନ କରିବା।

୨. ମାନବ ବାଦର ଜୟଗାନ କରିବା।

୩. ସାମାଜିକ ତଥା ସାଂସ୍କୃତିକ ବ୍ୟବସ୍ଥାର ପ୍ରବର୍ତ୍ତନ।

୪. ବନ୍ଧନହରା ନବୀନ ଯୁଗର ତରୁଣମାନଙ୍କୁ କୁହାଯାଇଛି।

୫. ନବୀନ ଯୁଗର ତରୁଣମାନେ ସ୍ୱାର୍ଥ ତ୍ୟାଗ କରିବାକୁ ପରାମର୍ଶ ଦେଇଛନ୍ତି।

୬. ସମାଜରୁ ଜାତି-ଉପଜାତି, ଭେଦଭାବ, ଜାତିଆଣ ଭାବ ଦୂର କରିବାକୁ କହିଛନ୍ତି।

୭. ମରୁପଥରେ କବି ଝରଣା ସୃଷ୍ଟି କରିବାକୁ କହିଛନ୍ତି।

୮. ଏକ ସାମ୍ୟବାଦୀ ସମାଜ ପ୍ରତିଷ୍ଠା କରିବା ଏହାର ଲକ୍ଷ୍ୟ ଅଟେ।

୯. ନବୀନ ଯୁଗର ତରୁଣମାନଙ୍କୁ ସନ୍ଧାନୀ ବୋଲି କବି ସମ୍ବୋଧନ କରିଛନ୍ତି।

୧୦. ମୃତ୍ୟୁକୁ ଭୟଭୀତ ନ ହୋଇ ବିପ୍ଳବ କରି ନୂତନ ସମାଜ ଗଠନ କରିବାକୁ କବି ତରୁଣମାନଙ୍କୁ ଉପଦେଶ ଦେଇଛନ୍ତି।

ବହୁବିକଳ୍ପ ପ୍ରଶ୍ନ ଓ ଉତ୍ତର :-

୦୧. 'ଜାଗ ବନ୍ଧନ ହରା' କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି?

(A) ନବଯୁଗର ନର ନାରୀ (B) ନବଯୁଗର ବୃଦ୍ଧ ବୃଦ୍ଧା (C) ନବଯୁଗର ତରୁଣ (D) ନବଯୁଗର ଶ୍ରମିକ

ଉତ୍ତର: (C) ନବଯୁଗର ତରୁଣ

୦୨. ମରଣ ଦୁଆରେ କେଉଁ ଗୀତ ଗାଇବା ପାଇଁ କବି କହିଛନ୍ତି?

(A) ମୃତ୍ୟୁ ସଂଗୀତ (B) ଜାତୀୟ ସଂଗୀତ (C) ଅମରଗାନ (D) ରାମଧୂନ

ଉତ୍ତର: (C) ଅମରଗାନ

୦୩. ମାନବ ଶିରରୁ କ'ଣ ପୋଛି ଦେବାକୁ କବି କହିଛନ୍ତି?

(A) ସିନ୍ଦୂର (B) ଚନ୍ଦନ (C) ସ୍ୱେଦ (D) ଅପମାନ

ଉତ୍ତର: (D) ଅପମାନ

୦୪. 'ବନ୍ଧନହରା' କବିତାରେ ଦେଶ କାହାଦ୍ୱାରା ଶତଖଣ୍ଡିତ ହୋଇଥିବା କୁହାଯାଇଛି?

(A) ଜାତି-ଉପଜାତି (B) ଅଭାବ ଅନଟନ (C) ପୀଡନର ପରବତ (D) ରାଜନେତା

ଉତ୍ତର: (A) ଜାତି-ଉପଜାତି

୦୫. କେଉଁଠାରେ ନିର୍ଝର ସୃଷ୍ଟି କରିବାକୁ କବି କହିଛନ୍ତି?

(A) ସନ୍ଧାନ ପଥରେ (B) ଯାତ୍ରା ପଥରେ (C) ମରୁପଥରେ (D) ରାଜପଥରେ

ଉତ୍ତର: (C) ମରୁପଥରେ

୦୬. ମହାମାନବର ଶଙ୍ଖନାଦରେ କ'ଣ ପ୍ରଶମିତ ହେବ ବୋଲି କବି କହିଛନ୍ତି?

(A) ସୁଖର ଜ୍ୱାଳା (B) ଆନନ୍ଦର ଜ୍ୱାଳା (C) ଦୁଃଖର ଜ୍ୱାଳା (D) ଦୈନ୍ୟର ଜ୍ୱାଳା

ଉତ୍ତର: (C) ଦୁଃଖର ଜ୍ୱାଳା

୦୭. ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ କ'ଣ ଖେଳାଇ ଦେବାକୁ କବି ଆହ୍ୱାନ ଦେଇଛନ୍ତି?

(A) ଅନ୍ଧକାର ଧାରା (B) ସମାଜବାଦୀ ଧାରା (C) ଆଲୋକ ଧାରା (D) ଉତ୍ସାହ ବାଣୀ

ଉତ୍ତର: (C) ଆଲୋକ ଧାରା

୦୮. କେଉଁ ପଥରେ ଅବିରତ ଯାତ୍ରା କରିବାକୁ କବି ତରୁଣମାନଙ୍କୁ କହିଛନ୍ତି?

(A) ସମାଜ ପଥରେ (B) ସଂସାର ପଥରେ (C) ମରୁପଥରେ (D) ରାଜପଥରେ

ଉତ୍ତର: (C) ମରୁପଥରେ

୦୯. କବି କ'ଣ ଛିନ୍ନ କରିବାକୁ ତରୁଣମାନଙ୍କୁ ପରାମର୍ଶ ଦେଇଛନ୍ତି?

(A) ବନ୍ଧନ ରାଜି (B) ଜୀବନସୂତ୍ର (C) ସ୍ୱାର୍ଥର ରଜ୍ଜୁ (D) ସଂସାର ଦଉଡି

ଉତ୍ତର: (A) ବନ୍ଧନ ରାଜି

୧୦. କେଉଁ କଥା ଲୁପ୍ତ ହେବା ପାଇଁ 'ଜାଗ ବନ୍ଧନ ହରା' କବିତାରେ କୁହାଯାଇଛି?

(A) ଅଧର୍ମ (B) ଅତ୍ୟାଚାର (C) ଅନୀତି (D) ଜାତିଭେଦ

ଉତ୍ତର: (D) ଜାତିଭେଦ

୧୧. ମରୁପଥରେ କଣ ସୃଜି ଯାତ୍ରା କରିବା ପାଇଁ କବି ବନ୍ଧନ ହରା କୁ ଆହ୍ୱାନ ଦେଇଛନ୍ତି?

(A) ଉଦ୍ୟାନ (B) ଜଳାଶୟ (C) ନିର୍ଝର (D) ପାନ୍ଥଶାଳା

ଉତ୍ତର: (C) ନିର୍ଝର

୧୨. କାହାର ଶଙ୍ଖ ଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ?

(କ) ସୃଜନର ବୈଜୟନ୍ତୀରେ (ଖ) ମହାମାନବର ଶଙ୍ଖ ଧ୍ୱନିରେ (ଗ) ଜୀବନର ଜୟଗାନରେ

(ଘ) ଅନ୍ୟର ପ୍ରଶଂସାରେ

ଉତ୍ତର: (ଖ) ମହାମାନବର ଶଙ୍ଖ ଧ୍ୱନିରେ

୧୩. ବନ୍ଧନ ହରା ତରୁଣ ଗୋଷ୍ଠୀ ପରିଶେଷରେ କେଉଁ ମାଳା ପରିଧାନ କରିବେ ବୋଲି କବି ଆଶା ପ୍ରକଟ କରିଛନ୍ତି?

(କ) ପୁଷ୍ପମାଳା (ଖ) ପତ୍ରମାଳା (ଗ) ବିଜୟର ମାଳା (ଘ) ସୁବର୍ଣ୍ଣ ମାଳା

ଉତ୍ତର: (ଗ) ବିଜୟର ମାଳା

୧୪. "ମହାମାନବର ଶଙ୍ଖ ଶବ୍ଦେ ଦୁଃଖଜ୍ୱାଳା" — ଏଠାରେ 'ଶମୁ ' କେଉଁ ଅର୍ଥ ପ୍ରକାଶ କରୁଛି?

(A) କମିଯାଉ (B) ଶେଷହେଉ (C) ଦୂରହେଉ (D) ନଷ୍ଟ ହେଉ

ଉତ୍ତର: (A) କମିଯାଉ

୧୫. ମାନବର କେଉଁଠି ଅପମାନ ସଂଚିତ ହୋଇ ରହିଛି ବୋଲି କବି କହିଛନ୍ତି?

(କ) ହୃଦୟରେ (ଖ) କାନ୍ଧରେ (ଗ) ମୁଣ୍ଡରେ (ଘ) ବକ୍ଷରେ

ଉତ୍ତର: (ଗ) ମୁଣ୍ଡରେ

<u>ସଂକ୍ଷେପରେ କବିତାର ସାରାଂଶ</u>

୧. ଜାତୀୟତାବାଦୀ ଚେତନା
୨. ବନ୍ଧନରାଜିକୁ ଛିନ୍ନ କରିବା
୩. ଦେଶପ୍ରୀତି ଭାବନା ଜାଗ୍ରତ କରିବା
୪. ସୁସ୍ଥ ସମାଜ ଗଠନ
୫. ଯୁବ ସମାଜକୁ ଉଦ୍‌ବୋଧନ ଦେବା
୬. ସମାଜରୁ ଅନୀତି, ଅତ୍ୟାଚାର, ଶୋଷଣ ଦୂର କରିବା
୭. ଶ୍ରେଣୀହୀନ ସମାଜ ଗଠନ କରିବା
୮. ନବୀନ ଯୁଗର ତରୁଣ ମାନଙ୍କୁ ପରାମର୍ଶ
୯. ଶୋଷଣ ମୁକ୍ତ ସମାଜ ଗଠନ
୧୦. ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ପରିବର୍ତ୍ତନ କରିବା

ସପ୍ରସଙ୍ଗ ସରଳାର୍ଥ

୦୧. **"ମରଣ ଦୁଆରେ ତରୁଣ ଅରପି**
ଗାଅରେ ଅମରଗାନ
ପୋଛିଦିଅ ଆଜି ମାନବ ଶିରସୁଁ
ସଂଚିତ ଅପମାନ।"

- ଉକ୍ତ ପଦ୍ୟାଂଶଟି 'ଜାଗ ବନ୍ଧନ ହରା' କବିତା ରୁ ଆସିଅଛି।
- ଏହି କବିତାର କବି ଅନନ୍ତ ପଟ୍ଟନାୟକ।
- ନବୀନ ଯୁଗର ତରୁଣମାନଙ୍କୁ ପରାମର୍ଶ ଦେଇଛନ୍ତି।
- ସମାଜରୁ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଦୂର କରିବା ପାଇଁ କହିଛନ୍ତି।
- ସମାଜର ଦୁସ୍ଥ , ଅସହାୟ, ଅବହେଳିତ, ଶୋଷିତ ଓ ସର୍ବହରା ଜୀବନରେ ଆନନ୍ଦ ଭରିଦେବା, ପ୍ରତିବନ୍ଧକ ଦୂର କରି ମାନବ ମନରୁ ଅପମାନ ପୋଛି ଦେବାକୁ କହିଛନ୍ତି।
- ନବୀନ ଯୁଗର ତରୁଣମାନଙ୍କୁ କବିଙ୍କର ଉଦ୍‌ବୋଧନ।
- ବାସ୍ତବରେ ବର୍ଣ୍ଣନା ବହୁତ ସୁନ୍ଦର।

୦୨. **"ଭିନ୍ନ କରି ସେ ଚନ୍ଦ୍ରା ପରଣ**
ହସାଅ ଭୁବନ ସାରା।"

- ଉକ୍ତ ପଦ୍ୟାଂଶଟି 'ଜାଗବନ୍ଧନ ହରା' କବିତାରୁ ଆସିଅଛି।
- ଏହି କବିତାର କବି ଅନନ୍ତ ପଟ୍ଟନାୟକ।
- ତରୁଣମାନଙ୍କୁ ମାନବର କଲ୍ୟାଣ ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି।
- ବାଧାବିଘ୍ନ / ପ୍ରତିବନ୍ଧକ ଅତିକ୍ରମ କରିବାକୁ ହେବ।
- କଲ୍ୟାଣ ସାଧିତ ହେବା ସହ ସମଗ୍ର ସଂସାର ହସି ଉଠିବ।
- ସାହସ ଓ ମନୋବଳ ଦୃଢ଼ କରିବାକୁ ଯୁବକମାନଙ୍କୁ ଜାଗ୍ରତ କରିବା।
- ବିପ୍ଳବ ପଥରେ ଆସି ସାରା ସଂସାରରେ ସୁଖ, ଶାନ୍ତି, ଆନନ୍ଦ ଓ ହସ ଫୁଟାଇବା।
- ବାସ୍ତବରେ ବର୍ଣ୍ଣନା ବହୁତ ସୁନ୍ଦର।

୦୩. **"ଭାଜି ପଡୁ ଆଜି ଅର୍ଗଳ ରାଜି**
ଘେନ ବିଜୟର ମାଳା।"

- ଉକ୍ତ ପଦ୍ୟାଂଶଟି 'ଜାଗ ବନ୍ଧନ ହରା' କବିତାରୁ ଆସିଅଛି।
- ଏହି କବିତାର କବି ଅନନ୍ତ ପଟ୍ଟନାୟକ।
- ଯୁବଗୋଷ୍ଠୀ ଙ୍କୁ କହିଛନ୍ତି ବିଜୟର ମାଳା ପାଇବାକୁ ହେଲେ ବନ୍ଧନମୁକ୍ତ ହେବାକୁ ପଡ଼ିବ।
- ବନ୍ଧନମୁକ୍ତ ତରୁଣ ଗୋଷ୍ଠୀଙ୍କୁ ଜାଗ୍ରତ ହେବା ପାଇଁ ଉଦ୍‌ବୋଧନ ଦେଇଛନ୍ତି।
- ବାଧା, ବିଘ୍ନ, ପ୍ରତିବନ୍ଧକ ଧ୍ୱଂସ କରି ବିଜୟର ମାଳା ପରିଧାନ କରିବା।
- ସମାଜରେ ସାମ୍ୟବାଦ ଏବଂ ସୁଖଦ ଜୀବନ ପ୍ରତିଷ୍ଠା କରିବା।
- ବାସ୍ତବରେ କବିଙ୍କର ଏହି ଆହ୍ୱାନ ବେଶ୍ ବୈପ୍ଳବିକ ଅଟେ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:-

୦୧. ନବ ଯୁଗର ତରୁଣ ମାନଙ୍କ ଯୁଗର ଆହ୍ୱାନ ସମ୍ପର୍କରେ କବି କ'ଣ କହିଛନ୍ତି ବିଚାର କର।

ଉତ୍ତର: କବି ଅନନ୍ତ ପଟ୍ଟନାୟକ ବିପ୍ଳବର କବି। ସାମ୍ୟବାଦୀ ଚିନ୍ତାଧାରାର କବି ଅନୁପ୍ରାଣିତ ହୋଇ 'ଜାଗ ବନ୍ଧନ ହରା' କବିତାଟି 'ନବଯୁଗ ସାହିତ୍ୟ ସଂସଦ' ର ପ୍ରଥମ ଅଧିବେଶନରେ ଗାନ କରାଯାଇଥିଲା।

- ଶୋଷଣ, ଅନ୍ୟାୟ ଏବଂ ଅତ୍ୟାଚାର ସମାଜରୁ ଦୂର କରିବା।
- ସମାଜରେ ସାମ୍ୟବାଦର ପ୍ରତିଷ୍ଠା କରିବା ପାଇଁ ପରାମର୍ଶ।
- ସମାଜରୁ ଜାତିଆଣ ଭେଦଭାବ, ଥିବା-ନଥିବା ଭେଦଭାବ, ଅପମାନ, ଅହଂକାର ଦୂର କରିବା।
- ନବୀନ ଯୁଗର ତରୁଣମାନେ ମରୁଭୂମିରେ ଝରଣାର ସ୍ରୋତ ସୃଷ୍ଟି କରିପାରିବେ।
- ନବୀନ ଯୁଗର ତରୁଣମାନଙ୍କୁ ସନ୍ଧାନୀ ବୋଲି କବି ସମ୍ବୋଧନ କରିଛନ୍ତି।
- ତରୁଣମାନେ ବିପ୍ଳବୀ ହେବା ପାଇଁ ଜାଗ୍ରତ କରୁଛନ୍ତି।
- ସାରା ସଂସାର ମୁଖରେ ସୁଖ, ଶାନ୍ତି, ଆନନ୍ଦ ଓ ହସ ଖେଳାଇବାକୁ କହିଛନ୍ତି।
- ଏକ ନୂତନ ଆଲୋକିତ ଭବିଷ୍ୟତ ତିଆରି ପାଇଁ ତରୁଣମାନଙ୍କୁ କହିଛନ୍ତି।
- ସାମାଜିକ ପରିବର୍ତ୍ତନ, ସ୍ୱାଧୀନତା ଓ ସଂସ୍କାର ଆଣିବା ପାଇଁ କହିଛନ୍ତି।
- ଶ୍ରେଣୀହୀନ ନୂତନ ସମାଜ ପ୍ରତିଷ୍ଠା।
- ନବଯୁଗର ତରୁଣ ମାନଙ୍କୁ ଯୁଗର ଆହ୍ୱାନ।

୦୨. 'ଜାଗବନ୍ଧନ ହରା' କବିତାରେ ବନ୍ଧନରାଜିକୁ ଛିନ୍ନ କରିବା ପାଇଁ କବି ଶୁଣାଇଥିବା ଆହ୍ୱାନକୁ ବିଶ୍ଳେଷଣ କର।
ଉତ୍ତର:

- ବିପ୍ଳବୀ ତଥା ସାମ୍ୟବାଦୀ ଚିନ୍ତାଧାରାର କବି ଅନନ୍ତ ପଟ୍ଟନାୟକ।
- ଶ୍ରେଣୀହୀନ, ଶୋଷଣମୁକ୍ତ ସମାଜ ଗଠନ ପାଇଁ ତରୁଣ ମାନଙ୍କୁ ପରାମର୍ଶ।
- ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ।
- ଉଦ୍‌ବୋଧନ ମୂଳକ କବିତା।
- ବୈପ୍ଳବିକ ପରିବର୍ତ୍ତନ।
- ସମସ୍ତ ବନ୍ଧନକୁ ଛିନ୍ନ କରିବା ପାଇଁ ତରୁଣ ମାନଙ୍କୁ କହିଛନ୍ତି।
- ଅମର ମନ୍ତ୍ର ଗାନ କରିବା ପାଇଁ ନିବେଦନ।
- ମରୁପଥରେ ନିର୍ଝର ସୃଷ୍ଟି କରନ୍ତୁ।
- ସାରା ସଂସାର ମୁଖରେ ସୁଖ, ଶାନ୍ତି, ଆନନ୍ଦ ଓ ହସ ଖେଳାଇବାକୁ କହିଛନ୍ତି।
- ତରୁଣ ମାନେ ବିପ୍ଳବୀ ଓ ସନ୍ଧାନୀ ହେବା ପାଇଁ ପରାମର୍ଶ।
- ସମାଜରେ ପରିବର୍ତ୍ତନ ନିମନ୍ତେ, ତରୁଣମାନଙ୍କ ଉଦ୍ଦେଶ୍ୟରେ ଏହା ଏକ ବୈପ୍ଳବିକ ବାଣୀ ଏବଂ ଏହା ଯଥାର୍ଥରେ ହୃଦୟ ସ୍ପର୍ଶୀ।

****

ସର୍ବଂସହା ମାଟି

ବିଦ୍ୟୁତ୍ ପ୍ରଭା ଦେବୀ

କବି ପରିଚୟ:

କବି - ବିଦ୍ୟୁତ୍ ପ୍ରଭା ଦେବୀ

ଜନ୍ମ - ୧୯୨୬ ମସିହା

ଜନ୍ମସ୍ଥାନ - ଜିଲ୍ଲା: କଟକ, ଗ୍ରାମ: ନାଟରା

ସୃଷ୍ଟି ସମ୍ପଦ - କନକାଞ୍ଜଳି, ମରୀଚିକା, ବିହାୟସୀ , ଝରାଶି ଭଳି , ସ୍ୱପ୍ନଦୀପ, କାକଳି, ଯାହାକୁ ଯିଏ , ସଞ୍ଚୟନ, ମାଟି ପାଣି ପବନ, ଉତ୍କଳ ସାରସ୍ୱତ ପ୍ରତିଭା, ସବିତା ।

* 'ସଞ୍ଚୟନ' ପୁସ୍ତକ କବିଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ କରିଛି ।

କବିତାର ପୃଷ୍ଠଭୂମି:

* ସ୍ୱଦେଶପ୍ରୀତି
* ମାଟି ମାଆର ମହନୀୟ ଗୁଣାବଳୀ
* ମନୁଷ୍ୟ ର ସୁପ୍ତ ଚେତନା ଜାଗ୍ରତ

କବିତାର ସାରାଂଶ:

* ମାଟି ମାଆ ଜନନୀ ତୁଲ୍ୟ ପୂଜନୀୟା ।
* ତା'ର ମିଠାପାଣି (ଶକ୍ତି) ଧୀରପବନ (ତୃପ୍ତି)
* ସବୁଜ ଘାସର କଅଁଳ ବିଛଣା
* ସହନ ଶୀଳତା (ଅଳି-ଅର୍ଦ୍ଧଳଇ ଅର୍ଦ୍ଧଳି)
* ଚେରମ୍ବଳି ଗଛଲତା ଓ ହସକଥା
* ବଣ ପକ୍ଷୀର ଡାଳ
* ଦୋଷ ମାର୍ଜନା
* ଧୈର୍ଯ୍ୟ ଓ ସହନଶୀଳତା
* ଦେହ ସିନା ଟାଣ କିନ୍ତୁ ପ୍ରାଣ କଅଁଳ ପତର ପରି
* ମାଟି ମାଆର ମୁକ୍ତିରେ ହିଁ ସନ୍ତାନର ମୁକ୍ତି
* ସନ୍ତାନ ଚିତ୍ତରୁ ହଜି ଯାଇଛି ଚିନ୍ତା ଓ ଚେତନା
* ବୀରଭୂମି, ବୀରବଧୂ, କଲ୍ୟାଣୀ ଏହି ଭାବର ଜନନୀ
* ସୁପ୍ତ ଚେତନାକୁ ଜାଗ୍ରତ ମାଟି ମାଆର ଗୁଣଗାନ କରିବା।

ଶବ୍ଦକାଠିନ୍ୟ ଦୂରୀକରଣ

ସର୍ବଂସହା – ସବୁ ଅଳି ଅର୍ଧଳି ଯେ ସହେ

ରୋଷ -କ୍ରୋଧ

ବୁକୁ - ଛାତି

ଚେତନ - ଗରଭା - ଭାରତରେ ବିବିଧ ଚେତନା ସମୟକ୍ରମେ ପ୍ରବର୍ତ୍ତିତ ହୋଇ ଜଗତକୁ ପ୍ରଭାବିତ କରୁଛି

ଦଉ ମଡ଼ି - ଜଞ୍ଜାଳ

ଯଶ - କୀର୍ତ୍ତି

ଅମାପ - ଅକଳନ

ନିଦା - ଟାଣ

ବୁକୁ - ଛାତି

ଚେତନ - ଗରଭା - ଭାରତରେ ବିବିଧ ଚେତନା ସମୟକ୍ରମେ ପ୍ରବର୍ତ୍ତିତ ହୋଇ ଜଗତକୁ ପ୍ରଭାବିତ କରୁଛି।

ବହୁ ବିକଳ୍ପ ପ୍ରଶ୍ନ (ବିଗତ ୫ ବର୍ଷର)

୦୧- କବି କେଉଁ ଚାବିକାଠି ଖୋଜିଦେବା ପାଇଁ ମତିକୁ ନିବେଦନ ନିବେଦନ କରିଛନ୍ତି?

(A) ଜ୍ଞାନର (B) ଭାବନାର (C) ସପନର (D) ଚେତନାର ✓ (୨୦୨୧-SA-II)

୦୨- ମାଟି ସମସ୍ତଙ୍କୁ କଣ ସମାନ ଭାବରେ ବାଣ୍ଟି ଦେଇଛି?

(A) ମିଠାପଣି (B) ଫଳ (C) ଧୈର୍ଯ୍ୟ (D) ସ୍ନେହ ✓ (୨୦୨୨-SA-II, ୨୦୨୩-SA-II)

୦୩- କବି କାହାକୁ ଦେବଭୂମି ଓ ବୀରଭୂମି ବୋଲି କହିଛନ୍ତି?

(A) ଓଡିଶାକୁ (B) ପୃଥିବୀ କୁ (C) ଭାରତବର୍ଷକୁ✓ (D) ଗ୍ରାମକୁ (୨୦୨୩-SA-II)

୦୪- ମାଟିକୁ ମନୁଷ୍ୟ ଆଘାତ କଲେ ମଧ୍ୟ ସେ ତାକୁ କ୍ଷମା କରିଦିଏ କାହିଁକି?

(A) ସେ ଆଘାତ କଷ୍ଟ ଦିଏ ନାହି ବୋଲି

(B) ମନୁଷ୍ୟକୁ ନିର୍ବୋଧ ବୋଲି ଭାବି

(C) ମନୁଷ୍ୟକୁ ନିଜର ସନ୍ତାନ ବୋଲି ମନେକରି ✓

(D) କ୍ଷମା କରିବା ବ୍ୟତୀତ ତାର ଅନ୍ୟ ଉପାୟ ନାହିଁ ବୋଲି (୨୦୨୪-SA-II)

୨୦୨୬ ବାର୍ଷିକ ପରୀକ୍ଷା ପାଇଁ ସମ୍ଭାବିତ ବହୁବିକଳ୍ପ ପ୍ରଶ୍ନୋତ୍ତର

୦୧. ନିଜେ ଦୁଃଖ ସାହି କବି କ'ଣ କରିବାକୁ ଚାହିଁଛନ୍ତି ?

(A) ଜଗତରେ ହିତ ସାଧନ ✓ (B) ମାଟିର ଯଶଗାନ (C) ଦେଶର ଦୁଃଖ ମୋଚନ (D) କଠିନ ତପସ୍ୟା

୦୨. ନଈ, ସମୁଦ୍ରରେ ମାଟି ମା' କ'ଣ ରଖିଛନ୍ତି ବୋଲି କବି କହିଛନ୍ତି ?

(A) ମାଛ (B) ଦୁଃଖ କଥା (C) ଜାହାଜ (D) ହସକଥା ✓

୦୩. 'ସର୍ବଂସହା ମାଟି' କବିତାଟି କବିଙ୍କର କେଉଁ କବିତା ପୁସ୍ତକରୁ ସଂଗୃହୀତ ?

(A) କନକାଞ୍ଜଳି (B) ବିହାୟସୀ (C) ମାଟି ପାଣି ପବନ ✓ (D) ସ୍ୱପ୍ନଦୀପ

୦୪. କବିତାରେ କବି କାହାର ଗୁଣାବଳୀ ବର୍ଣ୍ଣନା କରିଛନ୍ତି ?

(A) ଭାରତର (B) ଓଡ଼ିଶାର (C) ପଲ୍ଲୀର (D) ମାଟି ମାଆର ✓

୦୫. କବିତାରେ କବି ମନୁଷ୍ୟର କେଉଁ ଚେତନାକୁ ଜାଗ୍ରତ କରାଇବାକୁ ଆହ୍ୱାନ ଦେଇଛନ୍ତି ?

(A) ସୁପ୍ତ ଦିବ୍ୟ ଚେତନାକୁ ✓ (B) ଆତ୍ମ ଚେତନାକୁ (C) ସ୍ୱାର୍ଥ ଚେତନାକୁ (D) ଐଶୀ ଚେତନାକୁ

୦୬. ସରଗ ଡାକିଲେ ମଧ୍ୟ କ'ଣ ଛାଡ଼ିଦେବାକୁ ମନ ବଳେ ନାହିଁ ?

(A) ପରିବାର କୁ (B) ସମାଜକୁ (C) ମାଟି ମାଆର କାଖକୁ ✓ (D) ଜନନୀର କୋଳକୁ

୦୭. କେତେ _____ କରି ଏହି ଜନମରେ ଆସିଛି ତୋ ଦେଶେ ବୁଲି

(A) କର୍ମ (B) ପୁଣ୍ୟ (C) ତପ ✓ (D) ଯଜ୍ଞ

୦୮. କବି ମାଟି ମାଆକୁ କ'ଣ ମାଗିବାକୁ କହିଛନ୍ତି ?

(A) ଚେତନାର ଚାବିକାଠି ✓ (B) ଘରର ଚାବିକାଠି (C) ହଜିଯିବା ଚାବିକାଠି (D) ବିଦ୍ୟାରୂପକ ଚାବିକାଠି

୦୯. ସର୍ବଂସହା ମାଟିର ଦେହ କିଏ ?

(A) ପାହାଡ଼ ପଥର ✓ (B) କଅଁଳ ପତର (C) ନଈ ସମୁଦ୍ର (D) ଗଛଲତା

୧୦. କବିତାରେ କବି କାହାକୁ ସର୍ବସହଣୀ ବୋଲି କହିଛନ୍ତି ?

(A) ପାଣି (B) ପବନ (C) ମାଟି ✓ (D) ଆକାଶ

୧୧. ଜଗତର ମଙ୍ଗଳ ପାଇଁ ମାଟି ମା'ର କେଉଁ ଗୁଣକୁ କବି ମାଗିଛନ୍ତି ?

(A) ଧୈର୍ଯ୍ୟ ✓ (B) ଦୟା (C) କ୍ଷମା (D) ସହନଶୀଳତା

୧୨. ମାଟି ମା'ର ପ୍ରାଣ କିପରି ବୋଲି କବିତାରେ କୁହାଯାଇଛି ?

(A) କଅଁଳ ପତ୍ର ପରି ✓ (B) ଝରଣାର ଜଳ ପରି (C) ଫୁଲଭରା ବୃକ୍ଷ ପରି (D) ନିର୍ମଳ ଆକାଶ ପରି

ଉ - (A) କଅଁଳ ପତ୍ର ପରି

୧୩. ବିଦ୍ୟୁତ୍ ପ୍ରଭା ଦେବୀ କେଉଁ ପୁସ୍ତକ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ?

(A) ମରୀଚିକା (B) ସଞ୍ଚୟନ✓ (C) କନକାଞ୍ଜଳି (D) ସ୍ୱପ୍ନଦୀପ

୧୪. ମାଟି ମାଆ ଦେହୁ ଦୁଃଖ ପାଇଁ କ'ଣ ସାଇତି ରଖିଛି ?

(A) ଚେରମୂଳି ✓ (B) ଫଳମୂଳ (C) କୋମଳ ଶେଯ (D) ମିଠାପାଣି

୧୫. 'ସରବ ସହଣୀ' କହିଲେ କ'ଣ ବୁଝୁ ?

(A) ସବୁ ସହିବା (B) ସବୁ କିଛି ସହିବାରେ ନିପୁଣ ✓ (C) ଯିଏ ସବୁ ସହେ (D) ସବୁ ରବଯିଏ ସେ ନାହିଁ

ସର୍ବଂସହା ମାଟି

କବି - ବିଦ୍ୟୁତ୍‌ପ୍ରଭା ଦେବୀ

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

୦୧- ଜନନୀ ପରି ମାଟି ମାଆ ସହନଶୀଳତାର ପ୍ରତିମୂର୍ତ୍ତି ଉକ୍ତିରେ ସତ୍ୟତା ପ୍ରତିପାଦନ କର ?

ଉ:- 'ସର୍ବଂସହା ମାଟି' କବିତାର କବି ହେଉଛନ୍ତି ବିଦ୍ୟୁତ୍‌ପ୍ରଭା ଦେବୀ ।

* କବି ଙ୍କ ମାଟି ପାଣି ପବନ ପୁସ୍ତକରୁ ସଂଗୃହୀତ ସର୍ବଂସହା ମାଟି ଶୀର୍ଷକ କବିତାରେ କବି ମାଟି ମାଆ ଙ୍କ ମହନୀୟ ଗୁଣାବଳୀ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।
* ଏ ମାଟି ହେଉଛି ସର୍ବଂସହା ।
* ସେ ଜନନୀତୁଲ୍ୟା ପୂଜନୀୟା ।
* କୌଣସି ପକ୍ଷପାତ ନ କରି ସେ ନିଜର ସ୍ୱପ୍ନକୁ ସମସ୍ତଙ୍କ ଠାରେ ସମାନ ଭାବରେ ବାଣ୍ଟିଦିଏ ।
* ସନ୍ତାନ ମଙ୍କର ସବୁ ଅଳି ଅର୍ଦ୍ଦଳି କୁ ସେ ସହିଯାଏ।
* ତାର ଶରୀର ପାହାଡ଼ ପଥର ପରି କଠିନ ହେଲେ ମଧ୍ୟ ପ୍ରାଣ ତାର କଅଁଳିଆ ପତ୍ର ପରି ଅତ୍ୟନ୍ତ କୋମଳ।
* ମାଟି ମାଆ ଅସୀମ ଧୈର୍ଯ୍ୟଶୀଳା ଓ କ୍ଷମାମୟୀ ।
* ତେଣୁ କବି ମାଟି ମାଆଠାରୁ ଧୈର୍ଯ୍ୟ, କ୍ଷମା, ଶକ୍ତି ଓ ସହନଶୀଳତା ରୂପକ ଦିବ୍ୟଗୁଣ ଲାଭ କରିବା ପାଇଁ କାମନା କରିଛନ୍ତି ।
* ଜନନୀ ସ୍ୱରୂପା ସେହି ସ୍ନେହମୟୀ ମାଟି ମାଆର ସହନଶୀଳତାକୁ କଳନା କରିବା ଧୃଷ୍ଟତା ମାତ୍ର ।

୦୨- ମାଟି ମାଆ ର ଜୟଗାନ କରିବାକୁ କବି ଯେପରି ଯଥାର୍ଥ ଜ୍ଞାନ କରିଛନ୍ତି, ତା'ର ସ୍ୱରୂପ ପଠିତ 'ସର୍ବଂସହା ମାଟି' କବିତାକୁ ଆଧାର କରି ବିଶ୍ଳେଷଣ କର ।

ଉ:- ଓଡ଼ିଆ ସାହିତ୍ୟ ଜଗତର ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ ହେଉଛନ୍ତି 'ସର୍ବଂସହା ମାଟି' କବିତାର କବି ।

* ଉକ୍ତ କବିତାଟି ନାରୀକବି ଙ୍କ 'ମାଟି ପାଣି ପବନ' କବିତା ପୁସ୍ତକରୁ ସଂଗୃହୀତ ।
* ଏଠାରେ କବି ମାଟି ମାଆ ର ଜୟଗାନ ରେ ହୋଇଛନ୍ତି ଶତମୁଖ ।
* ମାଟି ମାଆ ର ସର୍ବଂସହା ମମତା ଭରା ରୂପ ବର୍ଣ୍ଣନା କରିଛନ୍ତି ।
* ମାଟି ମାଆ ଅସୀମ ସହନଶୀଳତାର ପ୍ରତିରୂପ।
* ଜନ୍ମକାଳରୁ କବି ତା' ଦେହରେ ଦେଇଥିବା ଆଘାତକୁ ସେ କ୍ଷମା କରି ଦେଇଛି ।
* ଅନେକ ଜନ୍ମର ତପସ୍ୟାର ପୁଣ୍ୟଫଳ ବୋଲି କବି ମନେକରି ଗାଇଛନ୍ତି-

" ଯେତେ ରାଗ ରୋଷ କରେ ତୋହ ପାଖେ
ମାଆ ବୋଲି ଯାଉ ଭୁଲି
କେତେ ଯେ କରି ଏହି ଜନମରେ
ଆସିଛି ତୋ ଦେଶେ ବୁଲି ।

* ମାଟି ମାଆ ଭାରତ ଜନନୀ ହେଉଛନ୍ତି ଦେବଭୂମି ଓ ବୀରଭୂମି ।
* କବି ମାଟି ମାଆ ଙ୍କ ଯଶଗାନ କରିବାକୁ ତତ୍‌ପର ହୋଇ ଉଠିଛନ୍ତି ।

ସରଳାର୍ଥ

୧."ବୁଲୁ ମୋ ଫୁଲାଏ ଆଖି ମୋ ଭୁଲାଏ
ତୋ ବଣ ପକ୍ଷୀର ଡାକ
ସରନ ଡାଳିରେ ମନ ବଳେ ନାହିଁ
ଛାଡିବାକୁ ଟୋରୋ କାଖ ।"

* ପଦ୍ୟାଂଶଟି ନାରିକବି **ବିଦ୍ୟୁତ୍‌ପ୍ରଭା ଦେବୀ** ଙ୍କ 'ମାଟି ପଣି ପବନ' କବିତା ପୁସ୍ତକରୁ ସଂଗୃହୀତ ।
* ଏଠାରେ କବି ସ୍ୱର୍ଗଠାରୁ ମଧ୍ୟ ମାଟି ମାଆର ଆକର୍ଷଣ ଅଧିକ ବୋଲି ବର୍ଣ୍ଣନା କରିଛନ୍ତି ।
* ମାଟିମାଆ **ସର୍ବଂସହା** , ସେ ଅସିମ ସହନଶୀଳତାର ପ୍ରତିରୂପ ।
* ତା' ବକ୍ଷର ପାଣି, ପବନ ଓ ଗଛଲତାର ଫଳ କବିଙ୍କ ଦେହରେ ଭରିଦେଇଛି ଶକ୍ତି ଓ ତୃପ୍ତି ।
* ତା' ନଦୀ ସମୁଦ୍ର ହସକଥା ଓ ବଣ ପକ୍ଷୀର ଡାକରେ ଆତ୍ମହରା ହୋଇ କବି କବି ମାଆ କୋଳଛାଡି ସ୍ୱର୍ଗସୁଖ ନିମନ୍ତେ ନନ୍ଦନକୁ ମଧ୍ୟ ଅନିଚ୍ଛା ପ୍ରକାଶ କରିଛନ୍ତି ।

୨. "ଅମାପ ଧରିଥୁଁ ଦିଏ ଟିକେ ମୋତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡେ ଦିନ ରାତି ।"

* ପଦ୍ୟାଂଶଟି ନାରୀକବି **ବିଦ୍ୟୁତ୍‌ପ୍ରଭା ଦେବୀ** 'ମାଟି ପଣି ପବନ' କବିତା ପୁସ୍ତକରୁ ସଂଗୃହୀତ ।
* କବି ଏଠାରେ ମାଟି ମାଆର ଧୈର୍ଯ୍ୟ ଓ ତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।
* ମାଟି ମାଆର ଅମାପ ସହନଶୀଳତା କୁ କିଛି ମାଗିବାକୁ ଚାହିଁଛନ୍ତି ।
* ମାଟି ମାଆ ଠାରୁ ଧୈର୍ଯ୍ୟ, କ୍ଷମା, ଶକ୍ତି ଓ ସହନଶୀଳତା ରୂପକ ଦିବ୍ୟଗୁଣ ଲାଭ କରିବା ପାଇଁ କାମନା ରଖିଛନ୍ତି ।
* ତାଙ୍କ ବକ୍ଷକୁ ପଥର ପରି ଶକ୍ତ କରିଦେବାକୁ ମାଟି ମାଆ ଠାରେ ପ୍ରାର୍ଥନା କରିଛନ୍ତି ।

"ତୁହି ଦେବଭୂମି ତୁହି ବୀରଭୂମି
ତୁହି ମୋ ଭାରତମାଆ
ତୋର ପାଦଧୂଳି ମୁଣ୍ଡେ ହୋଇ ବୋଳି
ରଖିବ ତୋହର ନାଆଁ।"

* ପଦ୍ୟାଂଶଟି 'ସର୍ବଂସହା ମାଟି' କବିତାରୁ ଆନୀତ ।
* ଏଠାରେ କବି **ବିଦ୍ୟୁତ୍‌ପ୍ରଭା ଦେବୀ** ମାଟି ମାଆକୁ ବୀରଭୂମି ଓ ଦେବଭୂମିର ଆଖ୍ୟା ଦେଇଛନ୍ତି ।
* ଭାରତ ଜନନୀ ହେଉଛନ୍ତି ପ୍ରକୃତରେ ବୀରଭୂମି ଓ ଦେବଭୂମି ।
* ତା'ର ମୁକ୍ତିରେ ହିଁ ତା'ର ସନ୍ତାନ ମାନଙ୍କର ମୁକ୍ତି ।
* ଚେତନାଶର୍ଭା ମାଟିମାଆ ର ପ୍ରତ୍ୟେକ ଆଦେଶକୁ ସେ ପାଳନ କରିବାକୁ ଚାହିଁଛନ୍ତି ।
* ମାଟି ମାଆର ପାଦଧୂଳି ନିଜ ମୁଣ୍ଡରେ ବୋଳି ତା'ର ଜୟଗାନ କରିବା ନିମନ୍ତେ ଆହ୍ୱାନ ଦେଇଛନ୍ତି ।

ମାତୃଭାଷା ଓ ଲୋକଶିକ୍ଷା

- ଲେଖକ – ଗୋଲୋକ ବିହାରୀ ଧଳ ।
- ଏହି ପ୍ରବନ୍ଧଟି "ଓଡ଼ିଆ କେବେ" ବହିରୁ ସଂଗୃହୀତ ।
- ଏହି ପ୍ରବନ୍ଧରେ ମାତୃଭାଷାର ଉପାଦେୟତା ଓ ଲୋକଶିକ୍ଷା ପାଇଁ ଏହା କିଭଳି ଉପଯୋଗ ସେ ସମ୍ପର୍କରେ ଆଲୋଚନା କରାଯାଇଛି ।

ପ୍ରବନ୍ଧର ସାରାଂଶ

- ଆଞ୍ଚଳିକ ଭାଷା ପ୍ରତି ଗୁରୁତ୍ୱ।
- ଆଞ୍ଚଳିକ ଭାଷା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେଲେ ଇଂରେଜୀ ଆଧିପତ୍ୟ କୁ କମାଇବାକୁ ପଡ଼ିବ।
- ଲୋକ ମାନଙ୍କ ଶିକ୍ଷା ପାଇଁ ମାତୃଭାଷା ପ୍ରକୃତ ମାଧ୍ୟମ ।
- ଇଂରେଜ ଭାଷା ପ୍ରଜା ମାନଙ୍କୁ ଶାସକ ଙ୍କ ଠାରୁ ଦୂରେଇ ରଖିଛି।
- ମାତୃଭାଷାର ଉନ୍ନତି କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ।

ସୂଚନା :–

- ଜନତାର ପ୍ରଥମ ପ୍ରୟୋଜନ ➔ ଆଞ୍ଚଳିକ ଭାଷା
- ଗଣତନ୍ତ୍ର ର ମୂଳ ମନ୍ତ୍ର ହେଉଛି ➔ ଶିକ୍ଷା
- ଅଳ୍ପ ସମୟ ମଧ୍ୟରେ ସମସ୍ତ ଜନତା ଶିକ୍ଷିତ ହେବାର ଉପାୟ ➔ ମାତୃଭାଷା
- ଯେଉଁ ମାନେ ଓଡ଼ିଆ ଭାଷାର ଉନ୍ନତି କଥା ଚିନ୍ତା କରୁଥିଲେ ସେମାନେ ➔ ରିଙ୍ଗଲିଡର
- ନିଜକୁ ପ୍ରକାଶ କରିବାର ସହଜ ଭାଷା ➔ ମାତୃଭାଷା

ପରୀକ୍ଷା ପାଇଁ ବିଭିନ୍ନ ପ୍ରଶ୍ନ :-ବହୁ ବିକଳ୍ପ ପ୍ରଶ୍ନ (MCQ)

୦୧. ଜନତାର ପ୍ରଥମ ପ୍ରୟୋଜନ କଣ?

ଉ - ଆଞ୍ଚଳିକ ଭାଷା

୦୨. ଗଣତନ୍ତ୍ର ର ମୂଳମନ୍ତ୍ର କହିଲେ କଣ ବୁଝ?

ଉ - ଶିକ୍ଷା

୦୩. ସମୂହ ଜନତା ଅଳ୍ପସମୟ ମଧ୍ୟରେ କିପରି ଶିକ୍ଷିତ ହୋଇପାରିବେ ?

ଉ - ମାତୃଭାଷା ମାଧ୍ୟମରେ

୦୪. ଶାସିତ ଙ୍କୁ - ଶାସକଙ୍କ ଠାରୁ କେଉଁ ଭାଷା ଦୂରରେ ରହିଛି?

ଉ - ଇଂରାଜୀ ଭାଷା

୦୫. ହିବ୍ରୁ ଭାଷା କେଉଁ ଦେଶର ରାଜ୍ୟଭାଷା?

ଉ - ଇଜରେଲ୍

୦୬. ନିଜକୁ ପ୍ରକାଶ କରିବା ପାଇଁ କେଉଁ ଭାଷା ସବୁଠାରୁ ସହଜ?

ଉ - ମାତୃଭାଷା

୦୭. "ମାତୃଭାଷା ଓ ଲୋକଶିକ୍ଷା" ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପୁସ୍ତକରୁ ସଂଗୃହୀତ?

ଉ - ଓଡ଼ିଆ କେବେ

୦୮. କିଏ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ?

ଉ - ଗାନ୍ଧିଜୀ

୦୯. ଅନ୍ନଦାସଙ୍କର ମାତୃଭାଷା କଣ ଥିଲା?

ଉ - ବଙ୍ଗଳା

୧୦. କେଉଁ ଭାଷାର ପ୍ରଚାର ଓ ପ୍ରସାର ହେଲେ ଜାତିର ସ୍ୱାଭିମାନ ବଢ଼େ?

ଉ - ମାତୃଭାଷା

୧୧. 'ବିଦେଶୀ ମାଧ୍ୟମର ଅପ୍ରାକୃତିକ ପାଚେରୀକୁ ଭାଙ୍ଗିବା ପାଇଁ' ପ୍ରଥମେ କିଏ ପ୍ରୟାସ କରିଥିଲେ?

(A) ଗାନ୍ଧିଜୀ (B) ନେହେରୁ (C) ସର୍ଦ୍ଦାର ପଟେଲ (D) ଶାସ୍ତ୍ରୀଜୀ

ଉ: (A) ଗାନ୍ଧିଜୀ ।

୧୨. ମାତୃଭାଷା ପ୍ରତି ମମତା ନ ଥିବା ବ୍ୟକ୍ତିଙ୍କୁ କେବେ କ'ଣ କୁହାଯାଇପାରେନା?

(A) ମାତୃଭକ୍ତ (B) ଭାଷାଭକ୍ତ (C) ରାଜଭକ୍ତ(D) ଦେଶଭକ୍ତ

ଉ: (D) ଦେଶଭକ୍ତ

୧୩. ଫକୀର ମୋହନ ଙ୍କ ପରି ଯେଉଁମାନେ ଓଡ଼ିଆ ଭାଷା ପାଇଁ ଚିନ୍ତା କରୁଥିଲେ, ସେମାନଙ୍କୁ କ'ଣ କୁହାଯାଉଥିଲା?

(A) ରିଙ୍ଗଲିଡର (B) ବାବୁ (C) ଦେଶପ୍ରେମୀ (D) ସାହିତ୍ୟିକ

ଉ: (A) ରିଙ୍ଗଲିଡର

୧୪. ଗାନ୍ଧିଜୀ ମାତୃଭାଷାକୁ କେଉଁ ଭଳି ମୂଲ୍ୟବାନ୍ ମନେ କରୁଥିଲେ?

(A) ହୀରା (B) ସୁନା (C) ମାତୃସ୍ତନ୍ୟ (D) କ୍ଷୀର

ଉ: (C) ମାତୃସ୍ତନ୍ୟ

୧୫. ଜନତାର ସାମୂହିକ ଶିକ୍ଷା ପାଇଁ କେଉଁ ଭାଷା ପ୍ରକୃତ ମାଧ୍ୟମ?

(A) ସଂସ୍କୃତ ଭାଷା (B) ମାତୃଭାଷା (C) ଇଂରାଜୀ ଭାଷା (D) ହିନ୍ଦୀଭାଷା

ଉ: (B) ମାତୃଭାଷା

୧୬. କେଉଁ ମାନଙ୍କୁ ରିଙ୍ଗଲିଡର କୁହାଯାଉଥିଲା?

(A) ଦେଶଭକ୍ତଙ୍କୁ (B) ସେନାବାହିନୀଙ୍କୁ (C) ମାତୃଭାଷା ଚିନ୍ତକଙ୍କୁ (D) ରାଜନେତା ଙ୍କୁ

ଉ: (C) ମାତୃଭାଷା ଚିନ୍ତକଙ୍କୁ

୧୭. ଗଣତନ୍ତ୍ରର ମୂଳମନ୍ତ୍ର କ'ଣ?

(A) ଏକତା (B) ଜନତା (C) ପରୀକ୍ଷା (D) ଶିକ୍ଷା

ଉ: (D) ଶିକ୍ଷା

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ:-

Q.01 • ମାତୃଭାଷାର ପ୍ରସାର ପାଇଁ ପ୍ରାବନ୍ଧିକଙ୍କ ଯୁକ୍ତିକୁ ଉଲ୍ଲେଖ କର ?

ଉତ୍ତର :- ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ମାତୃଭାଷା ଓ ଲୋକଶିକ୍ଷା ପ୍ରବନ୍ଧରେ ମାତୃଭାଷାର ଉପାଦେୟତା ଓ ଲୋକ ଶିକ୍ଷା ପାଇଁ ତାହା କିଭଳି ଉପୋଯୋଗି ସେ ସଂପର୍କରେ ଆଲୋଚନା କରିଛନ୍ତି । ମାତୃଭାଷା ସବୁ ଶିକ୍ଷାର ମୂଳ ମନ୍ତ୍ର । ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କଲେ ସମସ୍ତେ ସହଜରେ ଗ୍ରହଣ କରିପାରିବେ , କିନ୍ତୁ ଇଂରାଜୀ ଭାଷା ଆସିବା ଫଳରେ ଆମ ରାଜ୍ୟରେ ମାତୃଭାଷା ଶିକ୍ଷାଦାନ ରେ ଅନେକ ସମସ୍ୟା ସୃଷ୍ଟି ହୋଇଛି । ତେଣୁ ଗାନ୍ଧିଜୀ ମତ ପୋଷଣ କରିଥିଲେ ଯେ - ଇଂରାଜୀ ଶିକ୍ଷା ଶାସନ ମାଧ୍ୟମରେ ଆଞ୍ଚଳିକ ଭାଷା ଗୁଡିକର ପ୍ରଗତି ହୋଇ ପାରିବ ନାହିଁ । ପ୍ରାବନ୍ଧିକ ମାତୃଭାଷା ଶିକ୍ଷାର ପ୍ରସାର ପାଇଁ ନିମ୍ନଲିଖିତ ଦିଗ ଉପରେ ଗୁରୁତ୍ୱ ଦେଇଥିଲେ :

- ଇଂରାଜୀ ଆଧିପତ୍ୟ କୁ କମାଇବାକୁ ହେବ ।
- ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ ।
- ମାତୃଭାଷାର ଉନ୍ନତି କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ।
- ଇଂରାଜୀ ଭାଷା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଡିବ ।
- ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀଙ୍କୁ ମାତୃଭାଷା ରେ ଶିକ୍ଷା ଦାନ କରିବା ଆବଶ୍ୟକ ।
- ସରକାରୀ ସ୍ତରରେ ସମସ୍ତ ଯୋଜନା ମାତୃଭାଷାରେ ପ୍ରକାଶ କରିବା ଆବଶ୍ୟକ ।
- ପ୍ରତ୍ୟେକ ଜନତା ନିଜ ମାତୃଭାଷାରେ ମତ ପ୍ରକାଶ କରିବେ ।

ଏହି ସବୁ ପଦକ୍ଷେପ ଗ୍ରହଣ କଲେ ନିଶ୍ଚୟ ମାତୃଭାଷାର ପ୍ରସାର ହୋଇ ପାରିବ ।

ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ :

Q.02 • ମାତୃଭାଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ :- ଆଲୋଚନା କର ।

ଉତ୍ତର :- ଏହି ଉକ୍ତିଟି "ମାତୃଭାଷା ଓ ଲୋକଶିକ୍ଷା" ପ୍ରବନ୍ଧରୁ ସଂଗୃହିତ। ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଲୋକଶିକ୍ଷା ପାଇଁ ମାତୃଭାଷାର ଉପାଦେୟତା ତଥା ଦେଶ ଓ ଜାତିର ପ୍ରଗତିରେ ମାତୃଭାଷା ଶିକ୍ଷାର ଭୂମିକା ଉପରେ ଆଲୋଚନା କରିଛନ୍ତି ।

• ଗାନ୍ଧିଜୀଙ୍କ ମତରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ ତାକୁ ଦେଶ ଭକ୍ତ କୁହାଯାଇ ପାରେନାହିଁ। ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ । ମାତୃଭାଷା କୁ ଜାଣି ନଥିବା ଜ୍ଞାନୀ ଲୋକ ମାନେ ହିଁ ମାତୃଭାଷା ପ୍ରତି ଅବହେଳା କରୁଛନ୍ତି । ଇଂରେଜୀ ଭାଷାକୁ ଛାତ୍ରଛାତ୍ରୀ ମାନଙ୍କ ଉପରେ ଲଦିଦେବା ହେତୁ ମାତୃଭାଷା ଶିକ୍ଷା ଅବହେଳିତ ହେଉଛି । ଜାତି ଓ ଦେଶ ପ୍ରଗତିରେ ମାତୃଭାଷା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଲୋଚନା କରିବାକୁ ଯାଇ ପ୍ରାବନ୍ଧିକ କହିଛନ୍ତି ଯେ :-

- "ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୁର୍ତି
  ଅନ୍ୟ କୌଣସି ଦ୍ୱିତୀୟ ଭାଷାର ହୁଏ ନାହିଁ ।"

ପ୍ରକୃତରେ ମାତୃଭାଷାରେ ଯେତେ ସହଜ ଓ ସୁବିଧାରେ ନିଜ କଥା ପ୍ରକାଶ କରି ହେବ ଅନ୍ୟ କୌଣସି ଭାଷାରେ ତାହା ସମ୍ଭବ ହୋଇ ନ ଥାଏ । ମାତୃଭାଷା ମାଧ୍ୟମରେ କୃଷକ ମାନଙ୍କୁ କୃଷି ବିଷୟରେ ଶିକ୍ଷା ଦିଆଗଲେ କୃଷକମାନେ ଶିକ୍ଷିତ ହୋଇପାରିବେ ଏବଂ ଉନ୍ନତ ହୋଇପାରିବେ । ସ୍ୱାସ୍ଥ୍ୟ ଓ ଶାସନ ଦିଗରେ ମଧ୍ୟ ମାତୃଭାଷାର ପ୍ରଚଳନ ହେବା ଆବଶ୍ୟକ । ମାତୃଭାଷାର ପ୍ରଗତି ଏବଂ ଉନ୍ନତି ପାଇଁ ସରକାରୀ ସ୍ତରରେ ଦୃଢ ପଦକ୍ଷେପ ଜରୁରୀ , ଯଦ୍ଦ୍ୱାରା ଦେଶ ଓ ଜାତି ପ୍ରଗତି ପଥରେ ଗତି କରିପାରିବ ।

ସରଳାର୍ଥ :

(୧) "ମାତୃଭାଷାର ମନୁଷ୍ୟର ଯେଉଁ ସ୍ମୃତି ହୁଏ

ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା ହୁଏ ନାହିଁ।"

ଉକ୍ତ ଗଦ୍ୟାଂଶଟି "ମାତୃଭାଷା ଓ ଲୋକଶିକ୍ଷା" ପ୍ରବନ୍ଧରୁ ଗୃହୀତ । ଆଲୋଚ୍ୟ ପ୍ରସଙ୍ଗରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ମାତୃଭାଷା ଉପରେ ମନୁଷ୍ୟକୁ ସ୍ମୃତି ଓ ଆନନ୍ଦ ଦିଏ ତାହା ବର୍ଣ୍ଣନା କରିଛନ୍ତି ।

ସମସ୍ତ ଜନତାକୁ ଶିକ୍ଷିତ କରିବାକୁ ହେଲେ ମାତୃଭାଷା ହିଁ ଉପଯୁକ୍ତ ମାଧ୍ୟମ, କାରଣ ଭାଷାରେ ଶୀଘ୍ର କାମ କରିବା ସହ ଶିକ୍ଷିତ ହୋଇହୁଏ, ନିଜକୁ ପ୍ରକାଶ କରିବା ପାଇଁ ମାତୃଭାଷା ହିଁ ସବୁଠାରୁ ସହଜ ଓ ସରଳ ମାଧ୍ୟମ। ମାତୃଭାଷାରେ ପ୍ରତ୍ୟେକ ମଣିଷ ନିଜର ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ସ୍ୱିର୍ତି ଅନୁଭବ କରନ୍ତି ।

ପ୍ରସଙ୍ଗଟି ଯୁକ୍ତିଯୁକ୍ତ ଏବଂ ଶିକ୍ଷଣୀୟ ।

(୨)"ବଥ ସିନା ବଥାଏ

ଆବୁ କାହାର ବଥାଏ ନାହିଁ.."

ଶଂସିତ ଗଦ୍ୟାଂଶଟି "ମାତୃଭାଷା ଓ ଲୋକଶିକ୍ଷା" ଶୀର୍ଷକ ରୁ ଆନିତ। ଆଲୋଚ୍ୟ ପ୍ରସଙ୍ଗରେ ପ୍ରାବନ୍ଧିକ ଗୋଲକ ବିହାରୀ ଧଳ ମାତୃଭାଷାର ଉନ୍ନତି ପାଇଁ ଆପଣାର ଚେଷ୍ଟା ସମ୍ପର୍କରେ ମତ ପ୍ରକାଶ କରିଛନ୍ତି ।

ପ୍ରାବନ୍ଧିକଙ୍କ ମତରେ ନିଜ ମାତୃଭାଷାର ଉନ୍ନତି ଓ ଅଗ୍ରଗତି ପାଇଁ ନୀରବଚ୍ଛିନ୍ନ ସାଧନା ଦରକାର । ଓଡ଼ିଆ ଭାଷା କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ତେଣୁ ପ୍ରତ୍ୟେକ ଲୋକ ନିଜ ଭାଷାର ଉନ୍ନତି କରିବା ଆବଶ୍ୟକ । କୌଣସି ଭାଷା ପାଇଁ ଅନ୍ୟକେହି କାମ କରିବାର ଆଶା କରିବା ଅଯଥା ଅଟେ। କାରଣ ବଥ ହିଁ ବଥାଏ , ଆବୁ ନୁହେଁ।

ପ୍ରସଙ୍ଗଟି ଶିକ୍ଷାମୂଳକ ଓ ଚେତନଧର୍ମି ।

ନରେନରୁ ବିବେକାନନ୍ଦ

ଲେଖକ - ଶରତ କୁମାର ମହାନ୍ତି

MCQ ପ୍ରଶ୍ନବଳୀ

Q1 - ଶ୍ରୀରାମକୃଷ୍ଣଙ୍କ ସହ ନରେନ ଙ୍କ ସମ୍ପର୍କ କେତେ ବର୍ଷ ଥିଲା ?

(A) ଚାରି ପାଞ୍ଚ ବର୍ଷ (B) ପାଞ୍ଚ ଛଅ ବର୍ଷ (C) ଛଅ ସାତ ବର୍ଷ (D) ପାଞ୍ଚ ସାତ ବର୍ଷ

ଉ - (B) ପାଞ୍ଚ ଛଅ ବର୍ଷ

Q2 - କେଉଁ ସମାଧି କଲେ ଦିବ୍ୟ ଅନୁଭୂତି ପ୍ରାପ୍ତ ହୁଏ ?

(A) ନିର୍ବିକଳ୍ପ (B) ସବିକଳ୍ପ (C) ଅଧୋକଳ୍ପ (D) ଯୋଗକଳ୍ପ

ଉ - (A) ନିର୍ବିକଳ୍ପ

Q3 - ତୁ ଗୋଟାଏ ପ୍ରକାଣ୍ଡ _____ ବୃକ୍ଷ ପରେ ହେବୁ ଏବଂ ତୋ ଛାଇରେ ହଜାର ହଜାର ମଣିଷ ଆଶ୍ରୟ ପାଇବେ ।

(A) କଳ୍ପବୃକ୍ଷ (B) ଅଶ୍ୱତ୍ଥ ବୃକ୍ଷ (C) ବଟବୃକ୍ଷ (D) ବେଲ ବୃକ୍ଷ

ଉ - (C) ବଟବୃକ୍ଷ

Q4 - ଗୃହସ୍ଥ ଉକ୍ତ କିଏ ଅଟନ୍ତି ?

(A) ପରେଶ (B) ସୁରେଶ (C) ନରେଶ (D) ଶଶୀଭୂଷଣ

ଉ - (B) ସୁରେଶ

Q5 - ସ୍ୱାମୀ ପ୍ରେମାନନ୍ଦ କିଏ ?

(A) ହରିନାଥ (B) ଗଙ୍ଗାଧର (C) ବାବୁରାମ (D) ତାରକାନାଥ

ଉ - (C) ବାବୁରାମ

Q6 - କେଉଁ ମସିହା କେଉଁ ମାସରେ ଶାସ୍ତ୍ରୀୟ ବିଧିନୁସାରେ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିଲେ ?

(A) ୧୮୮୬ ଜାନୁୟାରୀ (B) ୧୮୮୭ ଜାନୁୟାରୀ (C) ୧୯୮୬ ଜାନୁୟାରୀ (D) ୧୮୮୮ ଫେବୃୟାରୀ

ଉ - (B) ୧୮୮୭ ଜାନୁୟାରୀ

Q7 - ୧୮୮୬ ମସିହାରେ ପ୍ରଥମ କରି ବିବେକାନନ୍ଦ କେଉଁ ସ୍ଥାନ ଯାତ୍ରା ରେ ନଥିଲା?

(A) ବନାରସ (B) ବୃନ୍ଦାବନ (C) ଆଗ୍ରା (D) ହରିଦ୍ୱାର

ଉ - (D) ହରିଦ୍ୱାର

Q8 - ବିବେକାନନ୍ଦ କେଉଁ ଆଦିବାସୀ ବସ୍ତିରେ ଅତିଥି ହୋଇଥିଲେ ?

(A) କୋଲ୍ଲ (B) ମୁଣ୍ଡା (C) ସାନ୍ତାଳ (D) ଶବର

ଉ - (C) ସାନ୍ତାଳ

Q9 - କେଉଁ ସରୋବରରେ ୭ ଜଣ ରମଣୀ ଭ୍ରମଣ କରୁଥିଲେ ?

(A) ନୈନିତାଲ (B) ଡାଲ (C) ଚିଲିକା (D) ଲକ୍ଷ୍ମୀସାଗର

ଉ - (A) ନୈନିତାଲ

Q10 - କେଉଁ ମହର୍ଷିଙ୍କ ଅସ୍ଥିରେ ଆମୋଦା ଅସ୍ତ୍ର ପ୍ରସ୍ତୁତ ହୋଇଥିଲା ?

(A) ମରଚି (B) ଦଧୀଚି (C) ଶିବ (D) ବିଶ୍ୱାମିତ୍ର

ଉ - (B) ଦଧୀଚି

Q11- ନରେନ୍ ରୁ ବିବେକାନନ୍ଦ ଙ୍କୁ ଜନ୍ମ ଦେବା ପାଇଁ କେଉଁ ସ୍ଥାନ ଏନ୍ତୁଡ଼ିଶାଳ ହୋଇଥିଲା ?

(A) ପଶ୍ଚିମେଶ୍ୱର (B) ଜଳେଶ୍ୱର (C) ଦକ୍ଷିଣେଶ୍ୱର (D) ଉତ୍ତରେଶ୍ୱର

ଉ: (C) ଦକ୍ଷିଣେଶ୍ୱର

Q12- ଜଗତର ସବୁ ମହାନ କର୍ମ କାହାଦ୍ୱାରା ସମ୍ପନ୍ନ ହୋଇଛି ?

(A) ମହାପୁରୁଷ (B) ଏକୁଟିଆ ମଣିଷ (C) ସମାଜସେବୀ (D) ବୈଜ୍ଞାନିକ

ଉ: (B) ଏକୁଟିଆ ମଣିଷ

Q13- ଭାରତୀୟ ଦର୍ଶନରେ କାହାର ସେବାକୁ ଈଶ୍ୱର ସେବା ଭାବେ ଗ୍ରହଣ କରାଯାଉଥିଲା ?

(A) ଅତିଥିର (B) ଗୁରୁଙ୍କର (C) ମନୁଷ୍ୟର (D) ଦରିଦ୍ର ମାନଙ୍କର

ଉ: (C) ମନୁଷ୍ୟର

Q14-କାହାର କଲ୍ୟାଣ ସାଧନ କରିବାକୁ ନରେନ୍ ଙ୍କୁ ନିର୍ଦ୍ଦେଶ ଦେଇ ଶ୍ରୀ ରାମକୃଷ୍ଣ ବିଦାୟ ନେଇଥିଲେ ?

(A) ଜଗତର (B) ଦୁଃଖୀମାନଙ୍କର (C) ଅସହାୟ ଜନତାର (D) ସମାଜର

ଉ: (A) ଜଗତର

Q15- ନରେନ୍ ଙ୍କୁ କି ନିର୍ଦ୍ଦେଶ ଦେଇ ଶ୍ରୀ ରାମକୃଷ୍ଣ ବିଦାୟ ନେଲେ ?

(A) ଧର୍ମ ପ୍ରଚାର କରିବାକୁ (B) ଭାରତ ଭ୍ରମଣ କରିବାକୁ (C) ମୁକ୍ତି ସଂଗ୍ରାମରେ ଯୋଗ ଦେବାକୁ (D) ଜଗତର କଲ୍ୟାଣ ସାଧନ କରିବାକୁ

ଉ: (D) ଜଗତର କଲ୍ୟାଣ ସାଧନ କରିବାକୁ

Q16- ସନ୍ନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ?

(A) ଦୟାଧର୍ମ (B) ଜାତିଧର୍ମ (C) ଦାନଧର୍ମ (D) ସେବାଧର୍ମ

ଉ: (D) ସେବାଧର୍ମ

Q17- ବିବେକାନନ୍ଦ ସମସ୍ତଙ୍କ ହୃଦୟରେ କେଉଁ ଭାବ ଜାଗ୍ରତ କରିବାକୁ ଚେଷ୍ଟା କରୁଥିଲେ ?

(A) ସାଧୁଭାବ (B) ପ୍ରେମଭାବ (C) ସେବାଭାବ (D) ଭକ୍ତି ଭାବ

ଉ: (C) ସେବାଭାବ

(ନରେନ୍ ରୁ ବିବେକାନନ୍ଦ)

Q18- ସାରା ଭାରତବର୍ଷ ବୁଲି ବୁଲି ବିବେକାନନ୍ଦ କେଉଁଠାରେ ପହଞ୍ଚିଲା ବେଳକୁ କ୍ଲାନ୍ତ ହୋଇ ପଡ଼ିଥିଲେ ?

(A) ଅଯୋଧ୍ୟାରେ (B) ବନାରସରେ (C) ରାମେଶ୍ୱରରେ (D) କନ୍ୟାକୁମାରୀରେ

ଉ: (D) କନ୍ୟାକୁମାରୀରେ

Q19- ଭାରତର ଦକ୍ଷିଣ ସୀମାନ୍ତର କେଉଁ ପୁଣ୍ୟ ଭୂମିରେ ବିବେକାନନ୍ଦ ଧ୍ୟାନସ୍ଥ ହୋଇଥିଲେ ?

(A) ଦ୍ୱାରକା (B) କନ୍ୟାକୁମାରୀ (C) ଋଷିକେଶ (D) ଅଯୋଧ୍ୟା

ଉ: (B) କନ୍ୟାକୁମାରୀ

Q20- ବିବେକାନନ୍ଦ କେଉଁମାନଙ୍କ ଆତିଥ୍ୟ ଗ୍ରହଣ କରିବାକୁ ଭଲ ପାଉଥିଲେ ?

(A) ସବର୍ଣ୍ଣ (B) ଜମିଦାର (C) ଦଳିତ ନିଷ୍ପେଷିତ (D) ରାଜା ମହାରାଜା

ଉ: (C) ଦଳିତ ନିଷ୍ପେଷିତ

ସରଳାର୍ଥ -୧

"ଦରିଦ୍ର ନାରାୟଣ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ"

ଉ:- ଦରିଦ୍ର ନାରାୟଣ ..... ଯଥାର୍ଥ ବ୍ରତ ।

- ଉକ୍ତ ଗଦ୍ୟାଂଶଟି 'ନରେନ୍ ରୁ ବିବେକାନନ୍ଦ' ବିଷୟରୁ ଅଣାଯାଇଛି ।
- ଶ୍ରୀ ଶରତ କୁମାର ମହାନ୍ତି ଏହାର ଲେଖକ ।
- ଦରିଦ୍ର ମାନଙ୍କୁ ନାରାୟଣ ଭାବି ସେବାକରିବା ସନ୍ନ୍ୟାସୀ ଙ୍କର ଯଥାର୍ଥ ବ୍ରତ, ଏଠାରେ ବର୍ଣ୍ଣନା କରିଛନ୍ତି ।
- ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ସେ ସମାଜରେ ବାସ କରେ ।
- ସାଧାରଣ ମୌଳିକ ସୁବିଧା ଯଥା ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷାରୁ ବଞ୍ଚିତ ହୁଏ ବା ପାଏନାହିଁ ତାକୁ ଦରିଦ୍ର କହିବା ।
- ସନ୍ନ୍ୟାସୀର ଆଦର୍ଶ ଜଗତର କଲ୍ୟାଣ କରିବା ।
- ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।
- ଈଶ୍ୱରଙ୍କ ଶକ୍ତି ବା ବ୍ରହ୍ମଶକ୍ତି ସର୍ବତ୍ର ରହିଛି ।
- ବିବେକାନନ୍ଦ ଭାରତ ସର୍ବତ୍ର ଭ୍ରମଣ କରି ଦରିଦ୍ରମାନଙ୍କର ଅତି ପାଖରୁ ଦେଖିଛନ୍ତି ।
- ଭୋକିଲା ପେଟରେ ଧର୍ମ ଅନାବଶ୍ୟକ ।
- ଗୁରୁ ଙ୍କର ବାଣୀ ତାଙ୍କର କାନରେ ବାରମ୍ବାର ବାଜିଲା ।
- ଦାରିଦ୍ର୍ୟ ବିରୋଧରେ ଖଣ୍ଡାଧର ଅନାସକ୍ତ ସନ୍ନ୍ୟାସୀ ହିଁ ସମର୍ଥ।
- ଦାରିଦ୍ର୍ୟ ବିରୋଧରେ ସେବା ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ ।

ସରଳାର୍ଥ - ୨

" ଚୁମ୍ବକ ଲୁହାକୁ ତା ' ଆଡ଼କୁ ଟାଣିନେବା ପରି ଲୋକଙ୍କୁ ଧର୍ମ ଓ ତ୍ୟାଗ ମାର୍ଗରେ ମୁହାଁଇଦେବା ଥିଲା ତାଙ୍କ ଅସଲ ଶକ୍ତ"

ଉ:- ଚୁମ୍ବକ ଲୁହାକୁ ..... ତାଙ୍କ ଅସଲ ଶକ୍ତ ।

- ଉକ୍ତ ଗଦ୍ୟାଂଶଟି ' ନରେନ୍ ରୁ ବିବେକାନନ୍ଦ' ରୁ ଆନୀତ ।
- ଶରତ କୁମାର ମହାନ୍ତି, ଏହାର ଲେଖକ ।
- ସ୍ୱାମୀ ବିବେକାନନ୍ଦ ଙ୍କ ନିକଟରେ ଏକ ପ୍ରଚଣ୍ଡ, ଆକର୍ଷଣୀୟ ଶକ୍ତି ଥିବା ଏଠାରେ ବର୍ଣ୍ଣିତ ।

- ସ୍ପର୍ଶ ଶକ୍ତି ବଳରେ ମଣିଷକୁ ବଦଳାଇ ପାରିବ ।
- ଖ୍ରୀଷ୍ଟ, ବୁଦ୍ଧ , ଶ୍ରୀରାମକୃଷ୍ଣ, ଆତ୍ମହତ୍ୟା, ଆର୍ତ୍ତତ୍ରାଣ ଶ୍ରୀରାମଚନ୍ଦ୍ର ଆଦି ।
- ସ୍ୱାମୀ ସଂକଳ୍ପ କଲେ ଯେ ସ୍ପର୍ଶ ମାତ୍ରକେ ଅନ୍ୟ ଜୀବନ ପରିବର୍ତ୍ତନ ନ ହେବା ଯାଏଁ ମୁଁ ବରାହନଗର ମଠକୁ ଫେରିବି ନାହିଁ"।
- ସାରା ଭାରତ ଭ୍ରମଣ କରି ଆକର୍ଷଣ ଶକ୍ତି ପ୍ରାପ୍ତ ହୋଇଥିଲେ ।
- ଫଳରେ ସାରା ବିଶ୍ୱରେ ତାଙ୍କର ଅନେକ ଭକ୍ତ ଆକର୍ଷିତ କରିଥିଲେ ।
- ସେ ନିଜେ ଚୁମ୍ବକ ହୋଇ ଲୁହାକୁ ଆକର୍ଷଣ କଲା ପରେ ସର୍ବତ୍ର, ତାହା କରିପାରି ଥିଲେ ।
- ଭାରତର ଆଧ୍ୟାତ୍ମିକ, ଆତ୍ମସଂଯମ, ଶିକ୍ଷା ଦେଇଥିଲେ ।
- ବିଷୟ ପ୍ରତି ବିମୁଖ ହୋଇ ଆତ୍ମ ସଂଯମ, ନିର୍ବିକଳ୍ପ ସମାଧି ଦ୍ୱାରା ଦିବ୍ୟଶକ୍ତି ଲାଭ, ଧର୍ମ ଭାବନା ଆଦି ପାଇବାର ବାଟ ଦେଖାଇଥିଲେ ।

<u>ଦୀର୍ଘ ମୂଳକ ପ୍ରଶ୍ନଉତ୍ତର</u>

Q- ସ୍ୱାମୀ ବିବେକାନନ୍ଦ ଜଣେ ସମାଜ ସଂସ୍କାରକ କିପରି ତାହା ଆଲୋଚନା କର:

ଉତ୍ତର:

- ଉକ୍ତ ବିଷୟ 'ନରେନ୍ ରୁ ବିବେକାନନ୍ଦ' ରୁ ଆଲୋଚିତ।
- ଶରତ କୁମାର ମହାନ୍ତି ଏହାର ଲେଖକ।
- "ଛତ୍ରପତି ବିବେକାନନ୍ଦ" ପୁସ୍ତକରୁ ଆନୀତ।
- ବିବେକାନନ୍ଦ ସନ୍ନ୍ୟାସୀ ହେବା ପରିବର୍ତ୍ତେ ଜଣେ ସମାଜ ସଂସ୍କାରକ ହୋଇଥିଲେ।
- ଗୁରୁ ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ଠାରେ ନରେନ୍ ରୁ ବିବେକାନନ୍ଦ ଭାବରେ ଗଢ଼ିଥିଲେ।
- ବିବେକାନନ୍ଦଙ୍କ ଜୀବନର କର୍ମ ଓ ତାଙ୍କ ଲକ୍ଷ୍ୟ ଭଲଭାବରେ ଦେଖାଇ ଦେଇଥିଲେ।
- ସନ୍ନ୍ୟାସୀର ବ୍ରତ ଧ୍ୟାନ, ଧାରଣା, ଯୋଗ, ଓ ସମାଧି ଅଟେ ।
- ସଂସ୍କାରକ ଭାରତ ଭ୍ରମଣ କରି ଦରିଦ୍ରନାରାୟଣଙ୍କ ବସ୍ତବ ଚରିତ୍ର କୁ ନିଜେ ଦେଖି ଉପଲବ୍ଧ କରିଥିଲେ।
- ସେ ନିଜେ ବଟ ବୃକ୍ଷ ହୋଇ ସେ ତାର ଲକ୍ଷ ଲକ୍ଷ ମଣିଷଙ୍କୁ ଆଶ୍ରୟ ନେବ।
- ମନୁଷ୍ୟ ସେବା ହିଁ ଈଶ୍ୱର ସେବା।
- ଦରିଦ୍ର ନାରାୟଣ ସେବା ହିଁ ଈଶ୍ୱର ସେବା ସହ ସମାନ।
- ଭୋକିଲା, ଦରିଦ୍ର ନିରନ୍ତ ବୁଭୁକ୍ଷୁ ମାନଙ୍କୁ ଦେଖି କହିଲେ ଯେ ଭୋକିଲବ୍ ପେଟରେ ଧର୍ମ ଅନାବଶ୍ୟକ।
- ତାଙ୍କ ନିକଟରେ ଏକ ଆକର୍ଷଣ ଶକ୍ତି ଥିଲା ଯାହାକୁ ସେ ବଦଳାଇ ପାରିବାର କ୍ଷମତା ଥିଲା।
- ବାରଙ୍ଗୀଙ୍କ ଗୀତ ଶୁଣି ତାଙ୍କ ହୃଦୟରେ ଗଭୀର ଲେଖା ପାଟ କରିଥିଲା।
- ପୁରୁଣା ଘରକୁ ଭାଙ୍ଗି ନୂତନ ସମାଜ ଘର ତିଆରି କରି ମନୁଷ୍ୟକୁ ବଦଳାଇବା ଆବଶ୍ୟକ।

- ସମାଜରେ ସଂସ୍କାର ଆଣିବାରେ ଆମେରିକା ଚିକାଗୋ ଧର୍ମ ସଭାରେ ଯୋଗଦାନ କରି ସାରା ବିଶ୍ୱ ଭ୍ରମଣ ପରେ ଭାରତ ଦର୍ଶନ ଜ୍ଞାନ ବାଣ୍ଟି ସେ ସମାଜ ସଂସ୍କାର ହେଲେ।

<u>ଦୀର୍ଘମୂଳକ ପ୍ରଶ୍ନୋତ୍ତର - ୨</u>

Q1. "ଅଧ୍ୟୟନ ଓ ଅନୁଭୂତି ମଣିଷକୁ ଜ୍ଞାନ ରାଜ୍ୟର ଏକ ସଫଳ ପାହାଡ଼ରେ ପହଞ୍ଚାଇ ଦେଇପାରେ ।" ଏ କଥା ପଠିତ ପ୍ରବନ୍ଧ ଭିତ୍ତିରେ ଆଲୋଚନା କର ।

- ଉକ୍ତ ବିଷୟଟି " ନରେନ୍ ରୁ ବନ୍ଦେବାଦନ" ରୁ ଆନୀତ।
- ଶରତ କୁମାର ମହାନ୍ତି ଏହାର ଲେଖକ ।
- 'ଛତ୍ରପତି ବିବେକାନନ୍ଦ' ପୁସ୍ତକରୁ ଗୃହୀତ ।
- ବିଜ୍ଞାନ ଦିଗନ୍ତ ଓ ଗାନ୍ଧି ମଣିଷ ତାଙ୍କ ରଚନା ।
- ଅଧ୍ୟୟନରୁ ଅର୍ଜିତଜ୍ଞାନ କିପରି ଅନୁଭୂତିରୁ ଜୀବନ୍ୟାସ ପାଇ କିପରି କ୍ରିୟାଶୀଳ ହୁଏ ତାହା ବର୍ଣ୍ଣିତ ।
- ଜ୍ଞାନ ଅର୍ଜନ ପାଇଁ ଅନେକ ଦିଗ ଅଛି, ଯଥା; ଅଧ୍ୟୟନ, ଭ୍ରମଣ, ଶ୍ରବଣ, ଚିନ୍ତନ, ଅନୁଭବ, ଓ ଅଭିଜ୍ଞାତାରୁ।
- ଅଧ୍ୟୟନ ଏକ ଜ୍ଞାନ ଅର୍ଜନ ଏକ ମାଧ୍ୟମ ।
- ଅଭିଜ୍ଞତା ନ ହେଲେ ତା ମନର ଜ୍ଞାନ କ୍ରିୟାଶୀଳ ହୁଏନାହିଁ ।
- ସେ ଜ୍ଞାନ ମଣିଷ ନିବିଡ଼ ହେଲେ ତାହା ଅନୁଭବରେ ଜ୍ଞାନ ଜୀବନ୍ତ ହୋଇ କ୍ରିୟାଶୀଳ ହୁଏ ।
- ମଣିଷ ସମାଜରେ ମିଶିବା ଫଳରେ ଜୀବନ୍ୟାସ ପାଇଁ କ୍ରିୟାଶୀଳ ହୁଏ ।
- ଅନେକ ଭ୍ରମଣ ସମୟରେ ଅନେକ ଜ୍ଞାନୀ ଓ ପଣ୍ଡିତଙ୍କ ମିଶି ସଂସ୍କୃତ , ଐତିହ୍ୟ ଶାସ୍ତ୍ର ପୁରାଣ ବେଦ ବେଦାନ୍ତ ଚର୍ଚ୍ଚା ଦ୍ୱାରା ଜ୍ଞାନାର୍ଜନ ପ୍ରାପ୍ତ ହୋଇଥିଲା ।
- ଜନତା ଜନାର୍ଦ୍ଦନ ମିଶିବା ଦ୍ୱାରା ଅନୁଭୂତି ଜ୍ଞାନ ଲାଭ କରିଥିଲେ ।
- ନାନା ଜାତି ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ସଂସ୍ପର୍ଶ ରେ ଆସି ତାଙ୍କର ଶ୍ରଦ୍ଧା, କରୁଣା, ଜ୍ଞାନ ପ୍ରାପ୍ତ ହୋଇଥିଲା ।
- ଭୋକିଲା ପେଟରେ ଧର୍ମର ଅନାବଶ୍ୟକ ।
- ଦରିଦ୍ର ନାରାୟଣ ସେବା ପ୍ରକୃତରେ ଈଶ୍ୱର ସେବା।
- ପୁରୁଣା ସମାଜ ଭାଙ୍ଗି ନୂତନ ସମାଜ ଗଠନ ଅସମ୍ଭବ ।
- ରାଜା ମହାରାଜା, ଧନୀ, ଗରିବ, ଜାତି , ଅଜାତି, ଧର୍ମ ବର୍ଣ୍ଣ ସବୁରୁ ହୃଦୟରେ ସେବାର ଗୁରୁତ୍ୱ ଓ ଜାଗ୍ରତ କରେଇବା ।
- ଦାରିଦ୍ର୍ୟ ଦୂର ହେଲେ ସମାଜ ପରିବର୍ତ୍ତନ ହେବ ।
- ସ୍ୱାମୀ ସମସ୍ତ ଶକ୍ତି ଅର୍ଜନ କରି ବିଦେଶ ଭ୍ରମଣ ଜ୍ଞାନ ଅନୁଭବ ରୁହିଁ ଜୀବନ୍ୟାସ ପାଇଁ କ୍ରିୟାଶୀଳ ହୁଏ, ଓ ସଫଳ ମାର୍ଗରେ ପହଞ୍ଚାଇ ପାରେ ।

ଓଡିଆ ସାହିତ୍ୟ କଥା

(ଆଧୁନିକ ଭାଗ)

ପାଠ ଆଧାରିତ ମୌଳିକ ଧାରଣା / ସୂଚନା

୧.ଓଡିଆ ସାହିତ୍ୟ କଥା (ଅଦ୍ୟଭଗ) – ନବମ ଶ୍ରେଣୀ

୨. ଓଡିଆ ସାହିତ୍ୟ କଥା (ଅଦ୍ୟଭଗ) – ଦଶମ ଶ୍ରେଣୀ

୩. ରାଧାନାଥ ଯୁଗ ବ ଆଧୁନିକ ଯୁଗ (୧୮୭୦-୧୯୨୦)

୪.ସତ୍ୟବାଦୀ ପର୍ବ (୧୯୦୯-୧୯୨୫)

୫. ସବୁଜ ପର୍ବ (୧୯୨୧-୧୯୩୫)

୬. ପ୍ରଗତି ପର୍ବ

୭. ଅତ୍ୟାଧୁନିକ ପର୍ବ

୮. ଉତ୍ତର – ଆଧୁନିକ ପର୍ବ

ଓଡ଼ିଆ ସାହିତ୍ୟ କଥା

ଆଧୁନିକ ଭାଗ - ୧୮୭୦ -

ପ୍ରସ୍ତୁତି : ଓଡ଼ିଆ ସିଲାବସ କମିଟି

*** ଓଡ଼ିଆ କବି / ଲେଖକ / ନାଟ୍ୟକାର ଙ୍କ ନାମ ଓ ସେମାନଙ୍କର କୃତିସମୂହ ***

୦୧. କବିବର ରାଧାନାଥ ରାୟ (୧୮୪୮-୧୯୦୮) : କାବ୍ୟ - ଚିଲିକା, କେଦାରଗୌରୀ, ଉଷା, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ପାର୍ବତୀ, ଦରବାର, ମହାଯାତ୍ରା, ଯଯାତିକେଶରୀ, ଦଶରଥ ବିୟୋଗ, ସାବିତ୍ରୀ ଚରିତ, ଉର୍ବଶୀ

କବିତା - ଶିବାଜୀଙ୍କର ଉତ୍ସାହ ବାକ୍ୟ, ଦୁର୍ଯ୍ୟୋଧନଙ୍କ ରକ୍ତ ନଦୀ ସନ୍ତରଣ

୦୨. ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୨) : ବସନ୍ତ ଗାଥା, କୁସୁମାଞ୍ଜଳି, ଛାନ୍ଦମାଳା, କବିତାବଳୀ, ଉତ୍କଳଗାଥା

୦୩. ବ୍ୟାସକବି ଫକୀର ମୋହନ ସେନାପତି (୧୮୪୩-୧୯୧୮) : ବୌଦ୍ଧାବତାର କାବ୍ୟ (କବିତା) → ପୁଷ୍ପମାଳା, ପୂଜାଫୁଲ, ଅବସର ବାସରେ, ଧୂଳି, ଉତ୍କଳ ଭ୍ରମଣ।

* ଉପନ୍ୟାସ → ଛ' ମାଣ ଆଠ ଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ

* ଗଳ୍ପ → ରେବତୀ ଓ ଅନ୍ୟାନ୍ୟ ୨୦ଟି ଗଳ୍ପ

* ରମ୍ୟରଚନା → ନନାଙ୍କ ପାଞ୍ଜି

* ଆତ୍ମଜୀବନୀ → ଆତ୍ମଚରିତ

୦୪. ସ୍ୱଭାବ କବି ଗଙ୍ଗାଧର ମେହେର (୧୮୬୨-୧୯୨୪) : କାବ୍ୟ - ଇନ୍ଦୁମତୀ, କୀଚକବଧ, ଉତ୍କଳ ଲକ୍ଷ୍ମୀ, ପ୍ରଣୟ ବଲ୍ଲରୀ, ତପସ୍ୱିନୀ, ପଦ୍ମିନୀ। * କବିତା → ଅର୍ଘ୍ୟଥାଳୀ, କଲ୍ଲୋଳ, କବିତାମାଳା, ଭାରତ ଭାବନା, ଅହଲ୍ୟାସ୍ତବ, ମହିମା, କୃଷକ ସଙ୍ଗୀତ

୦୫. ପଲ୍ଲୀକବି ନନ୍ଦ କିଶୋର ବଳ (୧୮୬୫-୧୯୨୮) : କାବ୍ୟ - କୃଷ୍ଣକୁମାରୀ, ଶର୍ମିଷ୍ଠା ଓ ସୀତା ବନବାସ

* କବିତା ପୁସ୍ତକ : ପଲ୍ଲୀଚିତ୍ର, ନିର୍ଝରିଣୀ, ଜନ୍ମଭୂମି, ବସନ୍ତ କୋକିଳ, ତରଙ୍ଗିଣୀ, ଚାରୁଚିତ୍ର, ନିର୍ମାଲ୍ୟ, ପ୍ରଭାତ ସଙ୍ଗୀତ, ସନ୍ଧ୍ୟା ସଙ୍ଗୀତ, ନାନାବାୟାଗୀତ

* ଉପନ୍ୟାସ : କନକଲତା

* ଗଳ୍ପ : ଲକ୍ଷ୍ମୀ

୦୬. ଜଗନ୍ମୋହନ ଲାଲ୍ : ନାଟକ - ବାବାଜୀ, ସତୀ, ପ୍ରୀତି, ବୃଦ୍ଧବିବାହ

୦୭. ରାମଶଙ୍କର ରାୟ : ନାଟକ – କାଞ୍ଚିକାବେରୀ ଉପନ୍ୟାସ - ବିବାସିନ

୦୮. ଉମେଶଚନ୍ଦ୍ର ସରକାର : ଉପନ୍ୟାସ – ପଦ୍ମମାଳୀ

୦୯. ବିଶ୍ୱନାଥ କର : ପ୍ରବନ୍ଧ ପୁସ୍ତକ - ବିବିଧ ପ୍ରବନ୍ଧ

୧୦. ଗୋପାଳଚନ୍ଦ୍ର ପ୍ରହରାଜ : ଭାଗବତ ଟୁଙ୍ଗୀରେ ସନ୍ଧ୍ୟା, ବାଇମାହାନ୍ତି ପାଞ୍ଜି, ଆମ ଘରର ହାଲ୍‌ଚାଲ୍, ଦୁନିଆର ହାଲ୍‌ଚାଲ୍, ନନାଙ୍କ ବସ୍ତାନି, ବାଇନାନୀଙ୍କ ବୁଜୁଳି, ମିଆଁ ସାହେବଙ୍କ ରୋଜନାମଚା, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

୧୧. ପଣ୍ଡିତ ଗୋପୀନାଥ ନନ୍ଦ : ଶ୍ରୀ ଭାରତ ଦର୍ପଣ, ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ, ଓଡ଼ିଆ ଭାଷାତତ୍ତ୍ୱ

୧୨. ମୃତ୍ୟୁଞ୍ଜୟ ରଥ : ଶାରଳା ଚରିତ

୧୩. ତାରିଣୀ ଚରଣ ରଥ : ଉତ୍କଳ ସାହିତ୍ୟର ଇତିହାସ

୧୪. ପଣ୍ଡିତ ଗୋପବନ୍ଧୁ ଦାସ : ଅବକାଶ ଚିନ୍ତା, ଧର୍ମପଦ, କାରାକବିତା, ବନ୍ଦୀର ଆତ୍ମକଥା, ନଚିକେତା ଉପାଖ୍ୟାନ, ଗୋ' ମାହାତ୍ମ୍ୟ

୧୫. ପଣ୍ଡିତ ନୀଳକଣ୍ଠ ଦାସ : କାବ୍ୟ - କୋଣାର୍କେ, ଖାରବେଳ ଦାସନାଏକ, ପ୍ରଣୟିନୀ

* ପ୍ରବନ୍ଧ - ମୋ' ନିଶ, ପ୍ରତିଭା ପୂଜା ଓ ପ୍ରତିମା ପୂଜା, ଅଛୁଁ ଓ ହେବୁ, ଓଡ଼ିଆ ଭାଷା ଓ ସାହିତ୍ୟ, ସଂସ୍କୃତି ଓ ସଂସ୍କୃତ, ଆର୍ଯ୍ୟଜୀବନ, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ

୧୬. ପଣ୍ଡିତ ଗୋଦାବରୀଶ ମିଶ୍ର : କବିତା - ଆଲେଖ୍‌କା, ଗୀତାୟନ, ଚୟନିକା, ଚୟନିକା, କଳିକା

* ନାଟକ - ମୁକୁନ୍ଦ ଦେବ, ପୁରୁଷୋତ୍ତମ ଦେବ

* ଉପନ୍ୟାସ - ଘଟାନ୍ତର, ଅଭାଗିନୀ

* ଆତ୍ମଚରିତ - ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ

୧୭. ପଣ୍ଡିତ କୃପାସିନ୍ଧୁ ମିଶ୍ର : କୋଣାର୍କ, ବାରବାଟୀ, ଉତ୍କଳ ଇତିହାସ, ଲୀଳା, କା, ଅଦୃଷ୍ଟବାଦ

୧୮. ପଣ୍ଡିତ ବାସୁଦେବ ମହାପାତ୍ର : ଶାନ୍ତିଧାରା

୧୯. ଜଗବନ୍ଧୁ ସିଂହ : ପ୍ରାଚୀନ ଉତ୍କଳ, ପ୍ରବନ୍ଧ ସାର, ଶ୍ରୀକୃଷ୍ଣ

୨୦. ପଦ୍ମଚରଣ ପଟ୍ଟନାୟକ : ପଦ୍ମପାଖୁଡ଼ା, ଆଶାମଞ୍ଜରୀ, ସୂର୍ଯ୍ୟମୁଖୀ

୨୧. କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର : ଜାତୀୟ ସଙ୍ଗୀତ, ଜୀବନ ସଙ୍ଗୀତ, କଣାମାମୁଁ ଉପନ୍ୟାସ

୨୨. କୁନ୍ତଳା କୁମାରୀ ସାବତ : କବିତା ପୁସ୍ତକ → ଅଞ୍ଜଳି, ଉଚ୍ଛ୍ୱାସ, ସ୍ଫୁଲିଙ୍ଗ, ଅର୍ଚ୍ଚନା, ଆହ୍ୱାନ, ପ୍ରେମ ଚିନ୍ତାମଣି, ଗଡ଼ଜାତ କୃଷକ, ଓଡ଼ିଆଙ୍କ କାନ୍ଦଣା

୨୩. ଗୋଦାବରୀଶ ମହାପାତ୍ର : କବିତା - ପାହାଡ଼ ତଳର ଘାସ, ହେ ମୋର କଲମ, ହାଣ୍ଡିଶାଳରେ ବିପ୍ଳବ, ବଙ୍କା ଓ ସିଧା, କଣ୍ଟା ଓ ଫୁଲ

* ଗଳ୍ପ ପୁସ୍ତକ - ଏବେ ମଧ୍ୟ ବଞ୍ଚିଛି, ନୀଳ ମାଷ୍ଟ୍ରାଣୀ, ମୁଁ ଦିନେ ମନ୍ତ୍ରୀ ଥିଲି, ମାଟିର ମାୟା , ଗରିବର ଭଗବାନ ଓ ଶ୍ରୁତି ସଞ୍ଚୟନ

* ଉପନ୍ୟାସ - ରାଜଦ୍ରୋହୀ, ରକ୍ତପାତ, ବନ୍ଦୀର ମାୟା

୨୪. କାଳିନ୍ଦୀ ଚରଣ ପାଣିଗ୍ରାହୀ : * ଉପନ୍ୟାସ - ମାଟିର ମଣିଷ, ଲୁହାର ମଣିଷ, ଆଜିର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମର ଚିତା

* କବିତା - ଆଗାମୀ, ଯାଦୁଘର ଓ ମୋ' କବିତା

୨୫. ବୈକୁଣ୍ଠନାଥ ପଟ୍ଟନାୟକ :* କବିତା ଗ୍ରନ୍ଥ - କାବ୍ୟ ସଞ୍ଚୟନ, ଉତ୍ତରାୟଣ

୨୬. ଭଗବତୀ ଚରଣ ପାଣିଗ୍ରାହୀ :* ଶିକାର, ହାତୁଡ଼ି ଓ ଦା, ଜୀବନର ସମାଧି, ଜଙ୍ଗଲୀ

୨୭. ଅନନ୍ତ ପଟ୍ଟନାୟକ :* ରକ୍ତଶିଖା, ଶାନ୍ତି ଶିଖା, କିଞ୍ଜିତ, ତର୍ପଣ କରେ ଆଜି

୨୮. ସଚ୍ଚିଦାନନ୍ଦ ରାଉତରାୟ :* କବିତା ଗ୍ରନ୍ଥ - ଅଭିଯାନ, ଭାନୁମତୀର ଦେଶ, ବାଜିରାଉତ, ପଲ୍ଲୀଶ୍ରୀ, ପାଣ୍ଡୁଲିପି, ସ୍ୱଗତ, କବିତା-୧୯୬୨, କବିତା-୧୯୬୯, କବିତା-୧୯୭୪, କବିତା-୧୯୮୩, କବିତା-୧୯୮୫, କବିତା - ୧୯୯୪, କବିତା -୨୦୦୪

* ଗଳ୍ପ ପୁସ୍ତକ - ମଶାଣିର ଫୁଲ, ମାଟିର ତାଜ୍

* ଉପନ୍ୟାସ - ଚିତ୍ରଗ୍ରୀବ, ଉତ୍ତର କକ୍ଷ (ଆତ୍ମଚରିତ)

୨୯. କାହ୍ନୁ ଚରଣ ମହାନ୍ତି :* ଉପନ୍ୟାସ - ବାଲିରାଜା, ହା' ଅନ୍ନ, ପଳାତକ, ଶାସ୍ତି , ଝଞ୍ଜା, ବଜ୍ରବାହୁ, ତମସା ତୀରେ, ଛୁଟିଲେ ଘଟ, ମେଲାଣି ମାଗୁଣି

୩୦. ଗୋପୀନାଥ ମହାନ୍ତି :* ଉପନ୍ୟାସ - ଦାଦିବୁଢ଼ା, ପରଜା, ଅମୃତର ସନ୍ତାନ, ଶିବଭାଇ, ଅପହଞ୍ଚ, ଅନାମ, ହରିଜନ, ରାହୁର ଛାୟା, ଦାନାପାଣି, ମାଟିମଟାଳ, ଆକାଶ ସୁନ୍ଦରୀ, ବୁନ୍ଦାଏ ପାଣି

ଗଳ୍ପ ପୁସ୍ତକ - ଘାସ ଫୁଲ, ଉଡ଼ନ୍ତା ଖଇ, ଗୁପ୍ତଗଙ୍ଗା

